

ଯା ଦେବୀ ସର୍ବଭୂତେଷୁ...........

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୨ ଅପ୍ରେଲ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 22 APRIL 2021
Vol.No. 32 ■ No. 102 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ବିପ୍ଳବ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆଜିଠୁ ବନ୍ଦ ରହିବ ଡିଏଲ ଓ ଲର୍ଣ୍ଣିଂ ଟେଷ୍ଟ

ଭୁବନେଶ୍ୱର,୨୧/୦୪ (ନି.ପ୍ର): ଆସନ୍ତାକାଲିଠାରୁ ଡ୍ରାଇଭିଂ ଲାଇସେନ୍ସ ଓ ଲର୍ଣ୍ଣିଂ ଲାଇସେନ୍ସ ଟେଷ୍ଟକୁ ବାତିଲ ରହିବ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ ବିଭାଗ ଏହି ନିଷ୍ପତି ନେଇଛି। ପରବର୍ତୀ ନିର୍ଦ୍ଦେଶ ଯାଏଁ ବିଭିନ୍ନ ଆରଟିଓରେ ହେବାକୁ ଥିବା ଡ୍ରାଇଭିଂ ଲାଇସେନ୍ସ ଓ ଲର୍ଣ୍ଣିଂ ଲାଇସେନ୍ସ ଟେଷ୍ଟକୁ ବାତିଲ କରାଯାଇଛି। ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତି ନିଆଯାଇଛି। ଏ ବାବଦରେ ସୋସିଆଲ ମିଡ଼ିଆରେ ଲୋକଙ୍କୁ ସୂଚିତ କରିବାକୁ ପରିବହନ ବିଭାଗ ପକ୍ଷରୁ ସମସ୍ତ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ନରସିଂହ ମିଶ୍ର କରୋନା ପଜିଟିଭ୍



ଭୁବନେଶ୍ୱର,୨୧/୦୪ (ନି.ପ୍ର): କଂଗ୍ରେସ ଦଳର ବରିଷ୍ଠ ବିଧାୟକ ନରସିଂହ ମିଶ୍ର କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏସମ୍ପର୍କରେ ସେ ନିଜେ ଟୁଇଟ୍ କରି ସୂଚନା ଦେଇଛନ୍ତି। ସେ ଟୁଇଟ୍ କରିଛନ୍ତି ଯେ ଆଜି କରୋନା ପଜିଟିଭ୍ ଚିହ୍ନଟ ହୋଇଛି । ଗତ କିଛି ଦିନ ମଧ୍ୟରେ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନେ ଟେଷ୍ଟ କରିନିଅନ୍ତୁ।

## ୬ ସହରର ତାପମାତ୍ରା ୪୦ ଉପରେ

ଭୁବନେଶ୍ୱର,୨୧/୦୪ (ନି.ପ୍ର): କିଛି ଦିନର ବ୍ୟବଧାନ ପରେ ରାଜ୍ୟରେ ପୁଣି ଲେଉଟିଛି ତାତି। ମଙ୍ଗଳବାର ଦିନ ରାଜ୍ୟର ୧୨ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ବୁଧବାର ୬ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରେକର୍ଡ ହୋଇଛି। ୪୨ ଡିଗ୍ରୀ ସହ ବୌଦ୍ଧ ସହର ସବୁଠାରୁ ଉତପ୍ତ ସହର ରହିଛି । ସେହିପରି ଅନୁଗୁଳରେ ୪୧.୭ ଡିଗ୍ରୀ, ସୋନପୁରରେ ୪୧ ଡିଗ୍ରୀ, ତାଳଚେରରେ ୪୦.୧, ଟିଟିଲାଗଡ ଓ ବାରିପଦାରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଏହା ବ୍ୟତୀତ ଭୁବନେଶ୍ୱରରେ ୩୯.୨ ଓ କଟକରେ ▶▶ପୃଷ୍ଠା ୭

# ମାଟ୍ରିକ୍ ପରୀକ୍ଷାକୁ ବାତିଲ କଲେ ସରକାର

- ■ ସିବିଏସଇ ଢ଼ାଂଚାରେ ପ୍ରକାଶ ପାଇବ ରେଜଲ୍ଟ
- ■ ଚାରିଟି ପ୍ରି-ବୋର୍ଡ ପରୀକ୍ଷା ଆଧାରରେ ହୋଇପାରେ ମୂଲ୍ୟାୟନ



ଭୁବନେଶ୍ୱର,୨୧/୦୪ (ନି.ପ୍ର): ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ମାଟ୍ରିକ ପରୀକ୍ଷା ବାତିଲ କରିବା ଭଳି ବଡ ନିଷ୍ପତି ନେଇଛନ୍ତି ରାଜ୍ୟ ସରକାର । ତେବେ ପରୀକ୍ଷାଫଳ ପ୍ରକାଶ ପାଇବ । ଗଣଶିକ୍ଷା ମନ୍ତ୍ରୀ ପ୍ରେସମିଟ କରି କହିଛନ୍ତି ବୋର୍ଡ଼ ଦ୍ୱାରା ନିର୍ଦ୍ଧାରିତ ପଦ୍ଧତି ଅନୁସାରେ ଛାତ୍ରଛାତ୍ରୀ ମାନଙ୍କର ପରୀକ୍ଷା ଫଳ ପ୍ରକାଶ ପାଇବ । ଏହାକୁ ଆଧାର କରି ଯୁକ୍ତ ଦୁଇରେ ଆଡମିଶନ ହେବ । ସିବିଏସଇ ଢାଂଚାରେ ନିଷ୍ପତି ନେଇ ସରକାର କହିଛନ୍ତି, ବିନା ପରୀକ୍ଷାରେ ପ୍ରକାଶ ପାଇବାକୁ ଥିବା ରେଜଲ୍ଟରେ ଯଦି କେହି ଅସନ୍ତୁଷ୍ଟ ପ୍ରକାଶ କରନ୍ତି ତେବେ ସେମାନଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ପରୀକ୍ଷା ଦେବାର ସୁଯୋଗ ଦିଆଯିବ । ତେବେ ମାଟ୍ରିକ ପରୀକ୍ଷାକୁ ତ ସରକାର ବାତିଲ କରିଦେଇଛନ୍ତି । ହେଲେ ମୂଲ୍ୟାୟନ କିଭଳି ହେବ ଓ ସେମାନେ କିଭଳି ମାର୍କ ପାଇବେ ତାକୁ ନେଇ ବଡ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଏ ନେଇ କାହା ପାଖରେ ବି କିଛି ସନ୍ତୋଷଜନକ ଉତ୍ତର ନାହିଁ । ପୂର୍ବରୁ ଛାତ୍ରଛାତୀମାନଙ୍କ ପାଇଁ ଶହେ ଦିନିଆ ପାଠ୍ୟକ୍ରମ ହୋଇଥିଲା । ଏହାରି ଭିତରେ ୪ଟି ପ୍ରି-ବୋର୍ଡ ପରୀକ୍ଷା ସ୍କୁଲ ପକ୍ଷରୁ କରାଯାଇଛି । ମିଳିଥିବା ସୂଚନା ଅନୁସାରେ,୪ଟି ପ୍ରି-ବୋର୍ଡ ପରୀକ୍ଷାରୁ ସର୍ବାଧିକ ନମ୍ବର ବିଚାରକୁ ନିଆଯିବ! ପ୍ରି-ବୋର୍ଡ ପରୀକ୍ଷାର ସର୍ବାଧିକ ନମ୍ବର ଆଧାରରେ ମୂଲ୍ୟାୟନ ହୋଇପାରେ । ▶▶ପୃଷ୍ଠା ୭

# କରୋନା ଭୂତାଣୁର ଯେକୌଣସି ପ୍ରକାରକୁ ପ୍ରଭାବହୀନ କରିପାରିବ କୋଭାକ୍ସିନ୍

### ଘୋଷଣା କଲା ଦେଶର ସର୍ବୋଚ୍ଚ ଭେଷଜ ଗବେଷଣା ସଂସ୍ଥା ଆଇସିଏମଆର




ନୂଆଦିଲ୍ଲୀ,୨୧/୦୪ (ନି.ପ୍ର): ଦେଶୀ ଟିକାର କମାଲ ମଧ ସାମ୍ନାକୁ ଆସିଛି । ଦେଶର ଭେଷଜ ଗବେଷଣା ସଂପର୍କିତ ସର୍ବୋଚ୍ଚ ସଂସ୍ଥା ଆଇସିଏମଆର ଦାବି କରିଛି ଯେ, ଦେଶୀ ଟିକା କୋଭାକ୍ସିନ, କରୋନାର ସବୁ ପ୍ରକାର ଭାରିଆଂଟ ବିରୋଧରେ ପ୍ରଭାବୀ । ଅର୍ଥାତ କରୋନାର ଯେକୌଣସି ପ୍ରକାର ବିରୋଧରେ ଏହା କାମ ଦେଉଛି । ୟୁକେ ଭାରିଆଂଟ ଓ ବ୍ରାଜିଲ ଭାରିଆଂଟ ସମେତ ଦେଶରେ ଦେଖାଦେଇଥିବା ଡବଲ ମ୍ୟୁଟାଂଟ ବିରୋଧରେ ଏହା ପ୍ରଭାବୀ ବୋଲି ଦାବି କରିଛି ଆଇସିଏମଆର । ନିକଟରେ ଆଇସିଏମଆର ଓ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଭାଇରୋଲୋଜି, ପୁଣେ ପକ୍ଷରୁ ହୋଇଥିବା ଅଧ୍ୟୟନରୁ ଏହି ତଥ୍ୟ ଜଣାପଡିଛି । ସୂଚନାଯୋଗ୍ୟ, ମେ ୧ ତାରିଖରୁ ଖୋଲା ବଜାରରେ ବିକ୍ରୟ ନିମନ୍ତେ ସରକାର ଅନୁମତି ଦେଇଥିଲେ ସୁଦ୍ଧା ଔଷଧ ଦୋକାନ କିଂବା ଫାର୍ମାସିରେ ବିକ୍ରୟ ନିମନ୍ତେ କୋଭିଡ୍ ଟିକା ମିଳିବ ନାହିଁ । କେବଳ ଡାକ୍ତରଖାନା ଏବଂ ଅନୁମୋଦନପ୍ରାପ୍ତ ଟିକାକରଣ କେନ୍ଦ୍ରମାନଙ୍କରେ ଏହି ଟିକା ଦିଆଯିବ । ଜଣେ ସରକାରୀ ଅଧିକାରୀ କହିଛନ୍ତି, 'ଏମର୍ଜେନ୍ସି ଲାଇସେନ୍ସର' ▶▶ପୃଷ୍ଠା ୭

# ମହାରାଷ୍ଟ୍ର ନାସିକରେ ଲିକ୍ ହେଲା ଅକ୍ସିଜେନ୍ ଟ୍ୟାଙ୍କର ଛଟପଟ ହୋଇ ଚାଲିଗଲା ୨୨ଜଣଙ୍କ ଜୀବନ



ମହାରାଷ୍ଟ୍ର,୨୧/୦୪ (ନି.ପ୍ର): ଦେଶରେ ଅକ୍ସିଜେନର ଘୋର ଅଭାବ ଦେଖାଦେଇଥିବାବେଳେ ମହାରାଷ୍ଟ୍ରର ନାସିକରୁ ଆସିଛି ଦୁଃଖଦ ଦୁର୍ଘଟଣାର ଖବର । ନାସିକର ଜାକିର ହୁସେନ କୋଭିଡ ହସପିଟାଲରେ ଆଜି ଅକ୍ସିଜେନ ଟ୍ୟାଙ୍କ ଲିକ ହୋଇଥିଲା । ଯାହାକୁ ନିୟନ୍ତ୍ରଣକୁ ଆଣିବା ପାଇଁ ପୂରା ହସପିଟାଲରେ ଅକ୍ସିଜେନ ସପ୍ଲାଇ ବନ୍ଦ କରିବା ଜରୁରୀ ହୋଇପଡିଥିଲା । କିନ୍ତୁ ଏହି ସମୟରେ ଅନେକ କୋଭିଡ ରୋଗୀଙ୍କ ଅକ୍ସିଜେନ ଲାଗିଥିଲା । ତେଣୁ ଏଭଳି ସମୟରେ ଅନେକ କୋଭିଡ ରୋଗୀଙ୍କୁ ଅନ୍ୟ ହସପିଟାଲକୁ ପଠାଯାଇଥିଲା କିନ୍ତୁ ସମସ୍ତଙ୍କୁ ସିଫ୍ଟ କରାଯାଇପାରିଲା ନାହିଁ । ଆଉ ଅକ୍ସିଜେନ ସପ୍ଲାଇ ପ୍ରାୟ ଅଧଘଂଟା ପାଇଁ ବନ୍ଦ ହେବା ଫଳରେ ଭେଂଟିଲେଟରର ଥିବା ୨୨ ଜଣ ରୋଗୀ ଛଟପଟ ହେବା ଆରମ୍ଭ କରିଦେଲେ ଆଉ କିଛି ସମୟ ପରେ ସେମାନଙ୍କ ଜୀବନ ଚାଲିଯାଇଥଲା । ତେବେ ଆଜିର ଏହି ପରିସ୍ଥିତି ଏଭଳି ହୋଇଥିଲା ଯେ, ଡାକ୍ତରଖାନାରେ କିଛି ସମୟ ପାଇଁ ଆତଙ୍କ ଖେଳିଯାଇଥିଲା । ଫାୟାର ବ୍ରିଗେଡର ଟିମ ଘଟଣାସ୍ଥଳରେ ପଂହଚି ଲିକ ହେଉଥିବା ଅକ୍ସିଜେନ ବଲବକୁ ବନ୍ଦ କରିଥିଲେ । ଦୁର୍ଘଟଣା ସମୟରେ ଭେଂଟିଲେଟରରେ ଅନେକ ରୋଗୀ ଥିଲେ । କିଛି ରୋଗୀଙ୍କର ଅବସ୍ଥା ଗୁରୁତର ଥିଲା । ହସପିଟାଲରେ ମୋଟ ୧୭୧ ଜଣ ରୋଗୀଙ୍କ ଚିକିତ୍ସା ଚାଲିଥିଲା । ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପଟେ ନାସିକ ଘଟଣା ନେଇ ନେଇ ପ୍ରଧାନମନ୍ତ୍ରୀ ଶୋକ ପ୍ରକାଶ କରିଛନ୍ତି । ଟ୍ୱିଟ କରି ମୃତକଙ୍କ ପରିବାକୁ ସମଦେବନା ଦେବା ସହ କହିଛନ୍ତି, ଏଭଳି ଘଟଣା ହୃଦୟ ବିଦାରକ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବି ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପ୍ରତି ସେ ସମବେଦନା ଜଣାଇଛନ୍ତି । ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ।

# ମେ' ପହିଲାରୁ ସିଧାସଳଖ ଟିକା କିଣିପାରିବେ ରାଜ୍ୟ ଓ ଘରୋଇ ହସ୍ପିଟାଲ

### ରାଜ୍ୟ ପାଇଁ ଗୋଟିଏ ଡୋଜର ଦାମ ୪୦୦ ଓ ଘରୋଇ କ୍ଷେତ୍ର ପାଇଁ ୬୦୦ ଟଙ୍କା

ଭୁବନେଶ୍ୱର,୨୧/୦୪ (ନି.ପ୍ର): ସଂକ୍ରମଣ ବଢ଼ିବା ସହ ଟିକା ନେବାକୁ ଲୋକଙ୍କ ଭିତରେ ସାରାଦେଶରେ ବଢ଼ିବାରେ ଲାଗିଛି ଉତ୍ସାହ । ହେଲେ ଟିକାର ଅଭାବ ଯୋଗୁଁ ଏହା ସମ୍ଭବ ହୋଇ ପାରୁନାହିଁ । ଏଭଳି ସ୍ଥିତିରେ ଅନେକ ରାଜ୍ୟ ଖୋଲାବଜାରରେ ଟିକା ଉପଲବ୍ଧ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରି ଆସୁଥିଲେ । ରାଜ୍ୟମାନଙ୍କର ଅଭିଯୋଗ ଓ ଦାବି ଭିତରେ ଟିକା ନିର୍ମାତାଙ୍କ ନିକଟରୁ ରାଜ୍ୟଗୁଡିକ ସିଧାସଳଖ ଟିକା କିଣିବାକୁ ଅନୁମତି ଦେଇଛି କେନ୍ଦ୍ର । କେନ୍ଦ୍ର ଘୋଷଣା କରିବାର କିଛି ସମୟ ପରେ ରାଜ୍ୟମାନେ କିଣିବାକୁ ଥିବା ଟିକାର ଦର କେତେ ରହିବ ତାହା ଧାର୍ଯ୍ୟ କରିଛନ୍ତି । ରାଜ୍ୟଗୁଡିକରେ ଦେଖା ଦେଉଥିବା ଟିକାର ଅଭାବ ପୂରଣ ପାଇଁ ରାଜ୍ୟଗୁଡିକୁ ସିଧାସଳଖ ଟିକା ଉତ୍ପାଦକଙ୍କଠାରୁ ଟିକା କିଣିପାରିବେ । ସେହିପରି ଘରୋଇ ହସ୍ପିଟାଲ ଓ ଅଧିକୃତ ଟିକା କେନ୍ଦ୍ର ମଧ ଟିକା ଆଣିପାରିବେ । ସରକାରଙ୍କ ଏହି ନିଷ୍ପତି ପରେ ଟିକା ଦର ଧାର୍ଯ୍ୟ କରିଛି ଦେଶର ସର୍ବାଧିକ ଟିକା ଉତ୍ପାଦନ କରୁଥିବା ସେରମ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ । ସଂସ୍ଥା ପକ୍ଷରୁ ରାଜ୍ୟ ସରକାର ଓ ଘରୋଇ ହସ୍ପିଟାଲ ଗୁଡିକ ପାଇଁ ଅଲଗା ଅଲଗା ଦର ଧାର୍ଯ୍ୟ କରାଯାଇଛି । ରାଜ୍ୟଗୁଡିକ ପାଇଁ ଗୋଟିଏ ଡୋଜ ଟିକାର ଦାମ ୪୦୦ ଟଙ୍କା ଓ ଘରୋଇ ହସ୍ପିଟାଲ ପାଇଁ ୬୦୦ ଟଙ୍କା ଧାର୍ଯ୍ୟ କାରାଯାଇଛି । ଏବଂ ଟିକାକେନ୍ଦ୍ର ଗୁଡିକୁ ପୂର୍ବ ପରି ୧୫୦ ଟଙ୍କାରେ ଟିକା ଯୋଗାଇ ଦେବ ସେରମ ଇନଷ୍ଟିଚ୍ୟୁଟ୍ ।

## ଦେଶରେ ଦୈନିକ ସଂକ୍ରମଣ ୩ ଲକ୍ଷ ମୁହାଁ

ନୂଆଦିଲ୍ଲୀ,୨୧/୦୪ : ଦେଶର ଦ୍ରୁତ ସଂକ୍ରମଣ ଦିନକୁ ଦିନ ନୂଆ ରେକର୍ଡ କରୁଛି । ଗତ ୨୪ ଘଂଟାରେ ସଂକ୍ରମଣ ଓ ମୃତ୍ୟୁ ମାମଲାରେ ନୂଆ ରେକର୍ଡ କରିଛି କରୋନା । ୨୪ ଘଂଟାରେ ୨ ଲକ୍ଷ ୯୫ ହଜାର ୪୧ ନୂଆ ମାମଲା ଚିହ୍ନଟ ହୋଇଛି । ସେହିପରି ଗୋଟିଏ ଦିନରେ ୨ ହଜାର ୨୩ ଜଣଙ୍କ କରୋନାରେ ଜୀବନ ଯାଇଛି । ଆଉ ଏକ ଚିନ୍ତାର ବିଷୟ ହେଉଛି ଭାରତର କିଛି ରାଜ୍ୟରେ ଟ୍ରିପଲ ମ୍ୟୁଟାଂଟ ଚିହ୍ନଟ ହୋଇଛି । ଯାହା ଦ୍ରୁତ ସଂକ୍ରମଣ ସହ ଅଧିକ ଲୋକଙ୍କ ▶▶ପୃଷ୍ଠା ୭

# ବିଶ୍ୱର ସ୍ୱଚ୍ଛ ଇନ୍ଧନ ଯୋଗାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଭାରତ : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବେନଶ୍ୱର,୨୧/୦୪ (ନି.ପ୍ର): ଆସନ୍ତାକାଲି ଜଳବାୟୁ ପ୍ରସଙ୍ଗ ଉପରେ ଆୟୋଜିତ ହେବାକୁ ଥିବା ନେତୃବର୍ଗଙ୍କ ଶିଖର ସମ୍ମିଳନୀର ଅବ୍ୟବହିତ ପୂର୍ବରୁ ଆଜି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଶିଷ୍ଟ ଉର୍ଜା ବିଶେଷଜ୍ଞ ଆମୋସ୍ ହୋଷ୍ଟେନଙ୍କ ସହ ଆଟଲାଂଟିକ୍ କାଉନସିଲର ରେଜିଂ ଏମ୍ବିସନ ସିରିଜରେ ଭାରତର ଜଳବାୟୁ ପରିବର୍ତ୍ତନ ଏଜେଣ୍ଡା ଉପରେ ଆଲୋଚନା କରିଛନ୍ତି । ସେହିପରି "ଜଷ୍ଟ ଟ୍ରାନଜିକ୍ସନ ଟୁ ଏ ଗ୍ଲୋବାଲ କ୍ଲିନ୍ ଏନର୍ଜି ଫ୍ୟୁଚର" ଉପରେ ଆୟୋଜିତ ପୃଥକ ଆଲୋଚନା ଚକ୍ରରେ ଶ୍ରୀ ପ୍ରଧାନ ଆମେରିକାର ଉର୍ଜା ସଚିବ ଜେନିଫର ଗ୍ରାନହୋଲମ, କାନାଡାର ପ୍ରାକୃତିକ ସମ୍ବଳମନ୍ତ୍ରୀ, ୟୁରୋପିଆନ ଉର୍ଜା କମିଶନର, ଏଏଫଏଏଲ-ସିଆଇଓର ସେକ୍ରେଟାରୀ-ଟ୍ରେଜରର ତଥା ବିଭିନ୍ନ ଦେଶର ଉର୍ଜା ନେତୃତ୍ୱଙ୍କ ସହଯୋଗ ଦେଇଛନ୍ତି । ବିଶ୍ୱର ସ୍ୱଚ୍ଛ ଇନ୍ଧନ ଯୋଗାଣରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି ବୋଲି ▶▶ପୃଷ୍ଠା ୭

# ୨୪ ଘଂଟା ମଧ୍ୟରେ ୨୧ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର,୨୧/୦୪ (ନି.ପ୍ର): ଆସନ୍ତା ୨୪ ଘଂଟା ମଧରେ ରାଜ୍ୟର ଦକ୍ଷିଣ, ପଶ୍ଚିମ, ଉତର, କେନ୍ଦ୍ରୀୟ ଓ ଆଭ୍ୟନ୍ତରୀଣର ପ୍ରାୟ ୨୧ଟି ଜିଲ୍ଲାରେ କାଳବୈଶାଖୀ ଜନିତ ବର୍ଷା ଓ ଘୂର୍ଣ୍ଣିଝଡ଼ର ସମ୍ଭବାନା ରହିଛି। କାଳବୈଶାଖୀ ସମ୍ଭାବନା ରହିଥିବା ଏହି ୨୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ପାରିପାଗ ବିଭାଗର ସୂଚନା ଅନୁଯାୟୀ ୨୧ ଅପ୍ରେଲ ଅପରାହ୍ନ ୧ଟା ୩୦ରୁ ଆସନ୍ତାକାଲି (ଗୁରୁବାର) ସକାଳ ୮ଟା୩୦ ମଧରେ ସୁନ୍ଦରଗଡ଼, ଦେବଗଡ, ଝାରସୁଗୁଡା, ସମ୍ବଲପୁର, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର, ଗଜପତି, କଳାହାଣ୍ଡି, ନୂଆପଡା, ବଲାଙ୍ଗୀର, ସୋନପୁର, ବରଗଡ, ଢ଼େଙ୍କାନାଳ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ପ୍ରଭୃତି ୨୧ଟି ଜିଲ୍ଲାର ଅନେକ ସ୍ଥାନରେ ବଜ୍ରପାତ ଏବଂ କୁଆପଥର ବର୍ଷା ସହିତ ବିଜୁଳି ଓ ଘଡ଼ଘଡ଼ି ସହ ପବନର ବେଗ ୪୦-୫୦ ▶▶ପୃଷ୍ଠା ୭

# ଆତ୍ମସମର୍ପଣ କଲା ଦୁର୍ଦ୍ଦାନ୍ତ ନକ୍ସଲ କ୍ରିଷ୍ଣା, ଥିଲା ୩୦ ଲକ୍ଷର ପୁରସ୍କାର



ମାଲକାନଗିରି,୨୧/୦୪ (ନି.ପ୍ର): ଦୀର୍ଘ ବର୍ଷ ଧରି ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳରେ ନିଜ ଦବଦବା ଜାରି ରଖିଥିବା ଦୁର୍ଦ୍ଦାନ୍ତ ନକ୍ସଲ କ୍ରିଷ୍ଣା ଶେଷରେ ଆତ୍ମସମର୍ପଣ କରିଛି। ଆନ୍ଧ୍ର, ଓଡ଼ିଶା ଏବଂ ତେଲେଙ୍ଗାନାରେ ବିଭିନ୍ନ ହିଂସାକାଣ୍ଡରେ ଜଡ଼ିତ ଥିବା କ୍ରିଷ୍ଣା ନାମରେ ଥିଲା ୩୦ ଲକ୍ଷ ଟଙ୍କାର ପୁରସ୍କାର। କ୍ରିଷ୍ଣାଙ୍କୁ ଧରାଇ ଦେବା ବ୍ୟକ୍ତିକୁ ଏହି ଟଙ୍କା ପ୍ରଦାନ କରାଯିବ ବୋଲି ୩ ରାଜ୍ୟ ପକ୍ଷରୁ ଘୋଷଣା କରାଯାଇଥିଲା। ମାଲକାନଗିରି ପୋଲିସ, ବିଏସ୍ଏଫ ଏବଂ ଆନ୍ଧ୍ର ପୁଲିସ୍‌ର ଘନ ଘନ ଚଢ଼ାଉରେ ଏକ ପ୍ରକାର ଭୟଭୀତ ହୋଇପଡିଥିବା କ୍ରିଷ୍ଣା ଶେଷରେ ଆନ୍ଧ୍ର ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଛି। ସୂଚନାଯୋଗ୍ୟ, ମାଲକାନଗିରି ଜିଲ୍ଲାର ତତ୍କାଳୀନ ଜିଲ୍ଲାପାଳ ଭିନିଲ କ୍ରିଷ୍ଣାଙ୍କ ଅପହରଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା କ୍ରିଷ୍ଣା । ଦୀର୍ଘ ଦିନ ଧରି ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳରେ ନିଜ ଦବଦବା ଜାହିର କରି ରଖିଥିବା କ୍ରିଷ୍ଣା ଆନ୍ଧ୍ର, ଓଡ଼ିଶା ଏବଂ ▶▶ପୃଷ୍ଠା ୭

# ଗୋଟିଏ ଦିନରେ ୪୮୫୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୧/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୮୫୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୮୨୩୧୫ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୪୯୩୭୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୦୯୨୭ ରହିଛି । ଆଜି ଚିହ୍ନଟ ହୋଇଥିବା ୪୮୫୧ ଜଣଙ୍କ ମଧ୍ୟରୁ ୨୮୧୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୦୩୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୭୦୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୫୨ ଜଣ, ବରଗଡ଼ରୁ ୩୧୮ ଜଣ, ଭଦ୍ରକରୁ ୭୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୨୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨୨, କଟକରୁ ୩୦୪ ଜଣ, ଦେବଗଡ ଜିଲ୍ଲାରୁ ୩୫ ଜଣ, ଢେଙ୍କାନାଳ ଜିଲ୍ଲାରୁ ୩୧ ଜଣ, ଗଜପତି ଜିଲ୍ଲାରୁ ୩୫, ଗଞ୍ଜାମରୁ ୧୫୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୩୯ ଜଣ, ଯାଜପୁରରୁ ୬୪ ଜଣ, ଝାରସୁଗୁଡ଼ାରୁ ୨୯୦ ଜଣ, କଳାହାଣ୍ଡିରୁ ୭୯ ଜଣ, କନ୍ଧମାଳ ଜିଲ୍ଲାରୁ ୨୭ ଜଣ. କେନ୍ଦ୍ରାପଡ଼ାରୁ ୫୮ ଜଣ, କେନ୍ଦୁଝରରୁ ୧୬୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୭୦୩ ଜଣ, କୋରାପୁଟରୁ ୬୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୩୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୭୮ ଜଣ, ନବରଙ୍ଗପୁରରୁ ୧୯୪ ଜଣ, ନୟାଗଡ଼ରୁ ୬୬ ଜଣ, ନୂଆପଡ଼ାରୁ ୪୮୬ ଜଣ, ପୁରୀରୁ ୨୨୩ ଜଣ, ରାୟଗଡ଼ାରୁ ୮୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

# ସୁନ୍ଦରଗଡ଼ ଜିଲ୍ଲାରୁ ଝାଡ଼ଖଣ୍ଡ ଓ ଛତିଶଗଡ଼କୁ ରହିଛି ଅନେକ ରାସ୍ତା

## ରାତି ୧୧ଟାରେ ସିଲ୍ ହେଲା ସୋରଡ଼ା ରାସ୍ତା

ରାଉରକେଲା, ୨୧/୪ (ନି.ପ୍ର.): ସୁନ୍ଦରଗଡ଼ ଜିଲ୍ଲାରୁ ପଡୋଶୀ ଛତିଶଗଡ଼ ଓ ଝାଡ଼ଖଣ୍ଡକୁ ଯିବା ଲାଗି ଲାଗି ରହିଛି ଅନେକ ରାସ୍ତା । ଅନେକ ଗଳି ରାସ୍ତା ସହ ପାହାଡ ଉପରେ ମଧ୍ୟ ଅନେକ ରାସ୍ତା ରହିଛି । ତେବେ ଏହି ସବୁ ରାସ୍ତା ଦେଇ ରାଉରକେଲା ସମେତ ଜିଲ୍ଲାକୁ ପ୍ରତିଦିନ ସେହି ସବୁ ଅଂଚଳରୁ ଅନେକ ଲୋକ ସହରକୁ ପ୍ରବେଶ କରୁଥିବା ବେଳେ ଗତକାଲି ସୋରଡ଼ା ରାସ୍ତାକୁ ରାତି ୧୧ଟା ବେଳେ ଜିଲ୍ଲା ପ୍ରଶାସନ ବନ୍ଦ କରି ମେଡିକାଲ ଟିମ ଦ୍ୱାରା ଯାତାୟତ କରୁଥିବା ଲୋକଙ୍କୁ ପରିକ୍ଷା କରାଯାଇ ଛଡା ଯାଉଥିବା ଜଣାପଡିଛି । ଏହାର ୪ରୁ ୫ ଦିନ ପୂର୍ବରୁ ଜରେଇକେଲା ରାସ୍ତାକୁ ମହିପାଣି ଠାରେ ସିଲ୍ କରାଯାଇଥିଲା । ତେବେ ପଡୋଶି ଛତିଶଗଡ଼ ଓ ଝାଡ଼ଖଣ୍ଡକୁ ଯିବା ପାଇଁ ରାଉରକେଲାରୁ ରହିଛି ଅନେକ ରାସ୍ତା । ବୀରମିତ୍ରପୁର, ବିଶ୍ରା, ନୂଆଗାଁ ସମେତ ହୁରଦା, ନୂଆଗାଁ ପଟେ ଥିବା ଏକ ପାହାଡ଼ ରାସ୍ତା ଜାହାଡା ଟୋଲୀ ଭଳି ଅନେକ ରାସ୍ତା ରହିଛି । ଲୋକେ ମୋଟର ସାଇକେଲ, କାରରେ ପ୍ରତି ମୁହୂର୍ତ୍ତରେ ସହରର ଆଖପାକ ଅଂଚଳକୁ ପ୍ରବେଶ କରୁଛନ୍ତି । ଜିଲ୍ଲା ପ୍ରଶାସନର ନୂଆ ଅଫିସର ଏସବୁ ରାସ୍ତାର ଆତାପାତା ଜାଣି ନଥିବାରୁ ସେମାନେ ଦିନ ରାତି ଏହି ସବୁ ରାସ୍ତା ଦେଇ ରାଉରକେଲା ସମେତ ଜିଲ୍ଲାକୁ ପ୍ରବେଶ କରୁଥିବା ଖବର ମିଳିଛି । ତେବେ ଗତକାଲି ପାନପୋଷ ଉପଜିଲ୍ଲାପାଳ କୌଣସି ସୂତ୍ରରୁ ଖବରପାଇ ସୋରଡ଼ା ରାସ୍ତାକୁ ସିଲ୍ ଲାଗି କହିଥିଲେ । ଜିଲ୍ଲାରେ ଅବଶ୍ୟକୀୟ ସରକାରୀ କର୍ମଚାରୀ, ଅଫିସର ଓ ପୁଲିସି ଅଭାବ ସାଙ୍ଗକୁ ସମସ୍ତ ଡ୍ୟୁଟି ସହ କରୋନା ଡ୍ୟୁଟି ସରକାରୀ କର୍ମଚାରୀଙ୍କ ଲାଗି ବୋଝ ଉପରେ ଲଳିତା ବିଡ଼ା ସଦୃଶ ହୋଇଛି । ଠିକ୍ ଏତିକି ବେଳେ ସରକାରୀ ବଡ ବାବୁ ମାନେ ରାଉରକେଲା ଓ ଏହାର ଆଖପାଖ ଅଂଚଳର ଗଳା ରାସ୍ତା ନେଇ କୌଣସି ଖବର ନେଉନଥିବା ଦେଖା ଯାଇଛି । କେବଳ ନିଜ କାର୍ଯ୍ୟାଳୟରୁ ମିଡ଼ିଆ କ୍ୟାମେରା ଆଗରେ ଦୁଇପଦ କହିଦେଇ ନିଜ କାମ ସାରିଦେଉଥିବାରୁ ଏଭଳି ସମସ୍ୟା ବଢିବା ସହ ଜିଲ୍ଲାରେ କରୋନା ପରିଚାଳନାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ଏବଂ ଆକ୍ରାନ୍ତ ମାନଙ୍କ ସଂଖ୍ୟା ବଢୁଥିବା କୁହାଯାଉଛି । ତା ଛଡା କରୋନାକୁ ନେଇ ବସ୍ତି ଅଂଚଳରେ ହିନ୍ଦୀ ସାଦ୍ରି ଭଳି ଭାଷାରେ ପ୍ରଚାର ହେଉନଥିବାରୁ ସେହି ସବୁ ଅଂଚଳରେ ସଚେତନତା ଆଦୌ ରହୁନଥିବା ଦେଖା ଯାଉଛି ।ଏମିତିକି ଲୋକେ ମୁହଁରେ ମାସ୍କ ମଧ୍ୟ ଲଗାଉନାହାନ୍ତି । ତେଣୁ ପ୍ରଶାସନିକ ଅଧିକାରୀ ମାନେ ସୀମାବର୍ତୀ ଅଂଚଳରେ ବୁଲିବା ସହ ଗାଁ ଗହଳି ଗୁଡିକରେ ସାଦ୍ରି, ହିନ୍ଦୀ ଆଦି ଭାଷା ସହ ଗ୍ରାମାଂଚଳ ଭାଷାରେ କୋଭିଡକୁ ନେଇ ପ୍ରଚାର କରାଜିବା ଦରକାର । ସମସ୍ତେ ଟିଭି ଦେଖୁ ନାହାନ୍ତି, ତେଣୁ ପ୍ରଚାର କାମକୁ ଅଧିକ ତ୍ୱରାନ୍ୱିତ କରାଜିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## କରୋନା ଟେଷ୍ଟ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜମୁଛି ଭିଡ

କେନ୍ଦ୍ରପଡ଼ା, ୨୧/୪ (ନି.ପ୍ର.): କରୋନା ସଂକ୍ରମଣର ଦ୍ୱିତୀୟ ଲହର ର ଭୟାବହତା ସଂପର୍କରେ ବାରମ୍ବାର ସଚେତନତା ସୃଷ୍ଟି କରାଯାଉ ଥିବାବେଳେ ଜନ ସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟିହେବା ସହ କରୋନା ଟେଷ୍ଟ ପାଇଁ ଉତ୍ସାହ ପରିଲକ୍ଷିତ ହେଉଛି । ଏଥିପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତପ୍ରବୃତ ଭାବେ ବହୁ ବ୍ୟକ୍ତି ଦୈନିକ ଭିଡ ଜମାଉ ଥିବାରୁ ଅଧିକ କାଉଣ୍ଟର ଖୋଲିବା ପାଇଁ ସାଧାରଣରେ ଦାବି ହେଉଛି । ଦୈନିକ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ପ୍ରାୟ ୩୦୦ ଆସୁଥିବା ବେଳେ ଜିଲ୍ଲାରେ ଖୁବ କମ୍‌ରେ ୧୫୦୦ରୁ ଅଧିକ ବ୍ୟକ୍ତି କରୋନା ଟେଷ୍ଟ କରାଉଥିବା ସୂଚନା ମିଳିଛି । ତେବେ ଜିଲ୍ଲାରେ ୫୦ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି ବୋଲି ସରକାରୀ ସୂତ୍ରରୁ ପ୍ରକାଶ ।

## ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡରେ କଇଁଛ ଗଣନା ଶେଷ: ପ୍ରତିକୂଳ ପାଗ ପାଇଁ କମିଛି କଇଁଛଙ୍କ ସଂଖ୍ୟା

ଭଦ୍ରକ, ୨୧।୪ (ହି.ସ.) - ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ ଏବଂ ରାଜନଗର ବନ୍ୟପ୍ରାଣୀ ବନଖଣ୍ଡର ମିଳିତ ସହଯୋଗରେ କଇଁଛ ଗଣନା କାର୍ଯ୍ୟ ଶେଷ ହୋଇଛି । ମାର୍ଚ୍ଚ ୯ ତାରିଖରୁ ଏହା ଆରମ୍ଭ ହୋଇ ଶେଷ ହୋଇଛି । ଏସିଆ ମହାଦେଶର ସର୍ବବୃହ ଅଲିଭ୍ ରିଡଲେ କଇଁଛଙ୍କ ଏକ୍ତୁଡିଶାଳ କେନ୍ଦ୍ରାପଡା ଜିଲାର ଗହୀରମଥା (ନାସୀ) ରେ ଅଛି । ଗତବର୍ଷ ୨୦୧୯-୨୦ ମସିହାରେ ଏହି ସ୍ଥାନରେ ୪ ଲକ୍ଷ ୭ ହଜାର ୨ ଶହ ଅଲିଭ ରିଡଲେ କଇଁଛ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ଥିବାବେଳେ ଚଳିତବର୍ଷ ଏହାର ପରିମାଣ କମିଯାଇଛି । ୨୦୨୦-୨୧ ରେ ସମୁଦାୟ ୩ ଲକ୍ଷ ୪୯ ହଜାର ୬୨୫ ଟି ଅଲିଭ ରିଡଲେ କଇଁଛ ଏହି ସ୍ଥାନକୁ ଅଣ୍ଡା ଦେବାକୁ ଆସିଥିବା ସରକାରୀ ସୂତ୍ରରୁ ଜଣାପଡିଛି । ବ ର୍ମାନ ସମୟରେ ଏହି ଅଲିଭ ରିଡଲେ କେଉଁ ମହାଦେଶରୁ ଆସି ପୁନଷ୍ଚ କେଉଁଠିକୁ ଫେରନ୍ତି, ତାହାର ଆକଳନ କରିବା ସମ୍ଭବ ହୋଇପାରିନାହିଁ । ତେଣୁ କଇଁଛଙ୍କ ଗତିବିଧିକୁ ନଜର ରଖିବା ପାଇଁ କିଛି କଇଁଛଙ୍କୁ ଟ୍ୟାଗ୍ କରାଯାଇଛି । ଗଣସମୂହ ଅଣ୍ଡାଦାନ ପ୍ରକ୍ରିୟା ଗହୀରମଥା ନାସିରେ ହୋଇଥିବା ବେଳେ ଏଥର ନୂତନ ଭାବରେ କିଛି କଇଁଛ ଭଦ୍ରକ ଜିଲାର କନିକା ଦ୍ୱୀପକୁ ଆସିଥିବା ସରକାରୀ ସୂତ୍ରରୁ ଜଣାଯାଇଛି । ପ୍ରତିକୂଳ ପାଗ ପାଇଁ ଏହି କଇଁଛଙ୍କ ସଂଖ୍ୟା କମିଥିବା ଆଶା କରାଯାଉଛି । ଏହି ଅଲିଭରଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ପରେ ୪୫ଦିନ ପର୍ଯ୍ୟନ୍ତ ଏହି ଅଣ୍ଡା ଉପରେ ତୀକ୍ଷଣ ନଜର ରଖାଯାଇଥାଏ । ୪୫ଦିନ ପରେ ଅଣ୍ଡାରୁ ଛୁଆ ଫୁଟିବା ପରେ ଏହି ଶାବକ କଇଁଛମାନେ ସମୁଦ୍ର ଆଡକୁ ଆଗଭର ହୋଇଥାନ୍ତି । ଏହି କଇଁଛଙ୍କ ଅଣ୍ଡାଦାନ, ଗଣନା ଓ ସୁରକ୍ଷା ପାଇଁ ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ ଏବଂ ରାଜନଗର ବନ୍ୟପ୍ରାଣୀ ବନଖଣ୍ଡ ମିଳିତ ଭାବରେ ଗହୀରମଥାର ଚତୁଃପାର୍ଶ୍ୱରେ ବେ୍ କ୍ୟାମ୍ପ କରି କଇଁଛଙ୍କ ଉପରେ ନଜର ରଖିଥାନ୍ତି ।

## ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ ପ୍ରଶିକ୍ଷଣ ଶିବିର

କେନ୍ଦ୍ରପଡ଼ା, ୨୧/୪ (ନି.ପ୍ର.): ମୁକ୍ତା ସହରାଂଚଳ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ ପ୍ରଶିକ୍ଷଣ ଶିବିର ଭରର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ପ୍ରଶିକ୍ଷଣ ମାଧ୍ୟମରେ ଜିଲ୍ଲାର ଦୁଇଟି ପୌରାଂଚଳ ରେ ଯୋଗ ଦେଇଥିବା କର୍ମଚାରୀ ମାନଙ୍କୁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ ସଂପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ପୌରାଂଚଳର ଉନ୍ନତି କାର୍ଯ୍ୟ କିଭଳି ସଠିକ ଭାବରେ ହୋଇ ପାରିବ ସେନେଇ ଏହି କର୍ମଚାରୀ ମାନଙ୍କୁ ଭରର୍ଚୁଆଲ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇଛି । ବର୍ଷାଜଳ ସଂରକ୍ଷଣ, ବସ୍ତି ଅଂଚଳରେ ପରିଚୟ ଗୃହ ନିର୍ମାଣ, ନୂତନ ପାର୍କ ନିର୍ମାଣ, ବୃକ୍ଷ ରୋପଣ, ସୌନ୍ଦର୍ଯ୍ୟକରଣ ଇତ୍ୟାଦି କାର୍ଯ୍ୟକୁ ତ୍ୱରାନିତ୍ୱ କରିବା ପାଇଁ ଏହି କର୍ମଚାରୀ ମାନଙ୍କୁ ଉପଦେଶ ଦିଆଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ପୌରାସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ଜେଇଇ ପ୍ରଶାନ୍ତ ଦାସ, ଅବନୀ ମହାନ୍ତିଙ୍କ ସମେତ ସୁଚିସ୍ମିତା ଜେନା, ତପସ୍ୱନୀ ଦାସ, ଗଣେଷ ପାତ୍ର, ଦିପ୍ତିମୟୀ ସେନାପତି, ଝରାଶ୍ରୀ ଭାନୁପ୍ରିୟା, ସଂଗ୍ରାମ କେଶରୀ ସ୍ୱାଇଁ, ନୀତି ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବର୍ଦ୍ଧିତ ହୋଲଡିଂଟ୍ୟାକ୍ସକୁ ନେଇ ଚିନ୍ତାରେ ପୌରବାସୀ : ରାଜନୈତିକ ବଡପଣ୍ଡାଙ୍କ ନିରବତାକୁ ନେଇ ଚର୍ଚ୍ଚା ଜୋର୍ ଧରିଲା

କେନ୍ଦୁଝର, ୨୧/୪ (ନି.ପ୍ର.): କେନ୍ଦୁଝର ଗଡ଼ ପୌରପାଳିକା ସମେତ ଜିଲ୍ଲାର ଅନ୍ୟ ସହରାଂଚଳରେ ଚଳିତ ଏପ୍ରିଲ ମାସରେ ରିହାତି ଦରରେ ହୋଲ୍ଡିଂ ଟ୍ୟାକ୍ସ ଆଦାୟ ହେଉଛି । ପୌରାଚଂଳ ପାଇଁ ରହିଥିବା ବିଧି ବ୍ୟବସ୍ଥା ଅନୁଶାରେ ଏପ୍ରିଲ ମାସରେ ହୋଲ୍ଡିଂ ଟ୍ୟାକ୍ସ ପୈଠ କରୁଥିବା ପୌରବାସୀଙ୍କୁ ଶତକଡ଼ା ୨୦ ପ୍ରତିଶତ ଏବଂ ମଇ ମାସରେ ପୈଠ ପାଇଁ ଶତକଡ଼ା ୧୦ ପ୍ରତିଶତ ରିହାତିର ବ୍ୟବସ୍ଥା ରହିଅଛି । କିନ୍ତୁ ହୋଲ୍ଡିଂ ଟ୍ୟାକ୍ସ ପୈଠ କରିବାକୁ ଯାଉଥିବା ପୌରବାସୀଙ୍କୁ ଆଶ୍ଚର୍ଯ୍ୟ ହେବାକୁ ପଡୁଛି ଯେତେବେଳେ ସେମାନେ ନିଜ ନିଜ ଘରର ବର୍ଦ୍ଧିତ ଟ୍ୟାକ୍ସର ପରିମାଣକୁ ଦେଖୁଛନ୍ତି । ଏହି ବର୍ଦ୍ଧିତ ଟ୍ୟାକ୍ସ ବିଭିନ୍ନ ବର୍ଗର ବିଶେଷ ଭାବେ ମଧ୍ୟବିତ ବର୍ଗର ପରିବାରଙ୍କ ଉପରେ ବୋଝ ଉପରେ ଲଳିତା ବିଡ଼ା ସଦୃଶ ହୋଇପଡିଥିବା ବେଳେ ଗରିବ ଖଟି ଖିଆ ପରିବାରଙ୍କର ଆର୍ଥିକ ଦୁର୍ଗତିକୁ ଅଧିକ ବଢାଇ ଦେଇଛି । ଏହି ବର୍ଦ୍ଧିତ ଟ୍ୟାକ୍ସକୁ କେନ୍ଦ୍ର କରି ଜନଅସନ୍ତୋଷ ପୁଞ୍ଜି ବାନ୍ଧିବାରେ ଲାଗିଛି । ଏପରିକି ଅନେକ କଚାଘରକୁ ପକ୍କାଘର ଦର୍ଶାଯାଇ ବାର୍ଷିକ ହୋଲ୍ଡିଂ ଟ୍ୟାକ୍ସ ୯ ହଜାରୁ ୧୦ ହଜାର ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇ ନୋଟିସ ହେଉଥିବା ଉପରେ ଅନେକ ସିଧାସଳଖ ପ୍ରଶ୍ନ ଉଠାଇଛନ୍ତି । ତା ସାଙ୍ଗରେ ପୁଣି ୟୁଜର୍ସ ଫି ର ଲମ୍ବା ଚିଠା, ଯାହାକି ଏହି କରୋନା ସମୟରେ ସ୍ୱାଭାବିକ ଭାବେ ପୌରବାସୀଙ୍କୁ ମାନସିକ ଯନ୍ତ୍ରଣା ମଧ୍ୟକୁ ଠେଲିଦେଇଛି । ଏହାକୁ ନେଇ ଶାସକ ବିଜେଡ଼ି, ମୁଖ୍ୟ ବିରୋଧି ବିଜେପି ବା କଂଗ୍ରେସ ଭଳି ଦଳର ବଡପଣ୍ଡା ମାନଙ୍କର ରହସ୍ୟପୂର୍ଣ୍ଣ ନୀରବତା ତଥା ସମସ୍ୟା ସହ ଜୁଝୁଥିବା ପୌରବାସୀଙ୍କ ସପକ୍ଷରେ ଛିଡା ହେବାକୁ ଆଗ୍ରହ ପ୍ରକାଶ ନ କରିବା ଘଟଣା ଏବଂ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି । ସାଧାରଣ ଲୋକଙ୍କ ପାଇଁ ଏହି ଟିକସ ଜିଜିଆ କର ସଦୃଶ ହୋଇଥିବା ବେଳେ ଏହା ବିରୋଧରେ ପ୍ରତିବାଦ ମଧ୍ୟ ଆରମ୍ଭ ହୋଇଛି । ଏବଂ ସର୍ବପ୍ରଥମେ କେନ୍ଦୁଝର ଯୁବ ପରିଷଦ ପକ୍ଷରୁ କେନ୍ଦୁଝର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଓ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କୁ ସାକ୍ଷାତ କରି ଏଭଳି ଜନବିରୋଧୀ କରକୁ ପ୍ରତ୍ୟାହାର କରିବାକୁ ଦାବୀ ହୋଇଛି । କୌଣସି ଗୋଟିଏ ୱାର୍ଡରେ ନୁହେଁ ପ୍ରାୟତଃ ସବୁ ସ୍ଥାନରେ ଏହି ହୋଲ୍ଡିଂ ଟ୍ୟାକ୍ସକୁ ନେଇ ଜନଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ଏହି ଜନ ଅସନ୍ତୋଷ ଆସନ୍ତା ପୌର ନିର୍ବାଚନ ଉପରେ ସିଧାସଳଖ ପ୍ରଭାବ ପକାଇବା ସମ୍ଭବନା ଦେଖାଦେଇଥିବା ରାଜନୈତିକ ସମୀକ୍ଷକମାନେ ମତ ପୋଷଣ କରୁଛନ୍ତି । ତେବେ ଏଭଳି ଏକ ଚର୍ଚ୍ଚିତ ପ୍ରସଙ୍ଗରୁ ଶାସକ ଓ ବିରୋଧିଦଳ ଯେଭଳି ଦୂରେଇ ଯାଉଛନ୍ତି ସେଥିରୁ ସେମାନେ ଲୋକଙ୍କ ସାଙ୍ଗରେ ନଥିବା ପ୍ରତୀୟମାନ ହେବା ସ୍ୱାଭାବିକ । ବିଜେପିର ରାଜନୈତିକ ନୀତି ନିର୍ଦ୍ଧାରକମାନେ ସାଧାରଣ ଲୋକଙ୍କର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ, ଜନସମସ୍ୟା ସମ୍ବଳିତ ପ୍ରସଙ୍ଗକୁ ହାଲୁକା ଭାବରେ ନେବା ଘଟଣା ସାଧାରଣ ଲୋକଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିବା ବେଳେ କଂଗ୍ରେସର ନୀରବତା ଉପରେ ମଧ୍ୟ ଉଠିଛି ପ୍ରଶ୍ନ । ଯଦିଓ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟିର ସଭାପତିଙ୍କ ଘର କେନ୍ଦୁଝର ପୌରାଚଂଳରେ ହୋଇଥିବା ବେଳେ ସେ ତାଙ୍କ ରାଜନୈତିକ କ୍ୟାରିୟର ଏହି କେନ୍ଦୁଝର ସହରରୁ ହିଁ ଆରମ୍ଭ କରିଥିଲେ । ଏବଂ କେନ୍ଦୁଝର ଜିଲ୍ଲା ସଭାପତିଙ୍କ ବାସଭବନ ମଧ୍ୟ ଏହି କେନ୍ଦୁଝର ସହରରେ ରହିଛି । ଅନୁରୁପ ଭାବେ କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀ ଯିଏ କି ଏବେ ବିରୋଧି ଦଳର ମୁଖ୍ୟ ସଚେତକ ଦାୟୀତ୍ୱରେ ରହିଛନ୍ତି, ସେ ମଧ୍ୟ ଏପରି ଏକ ଗୁରୁତ୍ୱପୂର୍ଣ ପ୍ରସଙ୍ଗକୁ ନେଇ କୌଣସି ମତାମତ ବା ପ୍ରତିକ୍ରିୟା ପ୍ରକାଶ ନ କରିବା ନିଶ୍ଚିତଭାବେ ଦୁର୍ଭାଗ୍ୟପୂର୍ଣ୍ଣ । ଜିଲ୍ଲା ରାଜନୀତିରେ ସକ୍ରିୟ ଥିବା ବିଜେପିର ଯୁବ ମୋର୍ଚ୍ଚା ହେଉ ବା କଂଗ୍ରେସର ଯୁବ ସଂଗଠନ ସମସ୍ତେ ଏହି ଘଟଣାରେ ଚୁପ ରହିଥିବା ବେଳେ ମାନସିକ ଭାରାକ୍ରାନ୍ତ ଅବସ୍ଥାରେ ସାଧାରଣ ଲୋକ । ଜିଲ୍ଲାର ଶାସକ ହେଉ ବା ବିରୋଧି ଦଳ ଏପରି ଏକ ଜନବିରୋଧି ଟିକସରେ ମୁହଁ ଖୋଲୁ ନ ଥିବାବେଳେ କେନ୍ଦୁଝର ଯୁବ ପରିଷଦର ଆବାହକ ବରଦା ପ୍ରସନ୍ନ ଦାସ ଓ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ରୁଦ୍ରନାରାୟଣ ମହାନ୍ତ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ସ୍ୱର ଉତୋଳନ କରିଛନ୍ତି । ତେବେ ଗତବର୍ଷ ଏହି ସମୟରେ ପୌରପାଳିକା ତରଫରୁ ଏହି ହୋଲ୍ଡିଂ ଟ୍ୟାକ୍ସ ଡିପୋଜିଟ୍ ଅବଧିକୁ କରୋନା କଟକଣା ପାଇଁ ଅଗଷ୍ଟ ମାସ ପର୍ଯ୍ୟନ୍ତ ବୃଦ୍ଧି କରିଥିବା ବେଳେ ଏବେ କଡାଗଣ୍ଡା ଭାବରେ ଆଦାୟ ହୋଇଚାଲିଛି । ଏହି ପ୍ରସଙ୍ଗକୁ ସମସ୍ତ ରାଜନୈତିକ ଦଳ ଅତ୍ୟନ୍ତ ହାଲୁକା ଭାବରେ ନେଇଥିବା ବେଳେ ଲୋକଙ୍କ ପୁଞ୍ଜିଭୁତ ଅସନ୍ତୋଷ ବଢିବାରେ ଲାଗିଛି ।

## ନେସ୍କୋ ଉପଭୋକ୍ତା ମଂଚ ପକ୍ଷରୁ ଦାବି ପତ୍ର

କୋରେଇ, ୨୧/୪ (ନି.ପ୍ର.): ଦୁଇ ଦଫାରେ ବୃଦ୍ଧି କରାଯାଇଥିବା ବିଦ୍ୟୁତ ଦେୟ ପ୍ରତ୍ୟାହାର, ବିଦ୍ୟୁତ ବ୍ୟବସାୟରୁ ଘରୋଇ କମ୍ପାନୀକୁ ଅପସାରଣ, ଦିଲ୍ଲୀ ପରି ୨ଶହ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ ମାଗଣା ଯୋଗାଣ, ଟିଟିପିଏସ ବନ୍ଦ କରିବାକୁ କେନ୍ଦ୍ର ସରକାରଙ୍କ ନିଷ୍ପତି ବାତିଲ, ଆଦି ଦାବିରେ ନୋସ୍କୋ ଉପଭୋକ୍ତା ମଂଚ ପକ୍ଷରୁ ବିକ୍ଷୋଭ କରାଯିବାକୁ ନିଷ୍ପତି ହୋଇଥିଲା । ମାତ୍ର କରୋନା କଟକଣା ଯୋଗୁ ବିକ୍ଷୋଭ ପରିବର୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦ୍ୟେଶରେ ଦାବିପତ୍ର ପ୍ରଦାନ କରାଯାଇଛି । ଏହି କ୍ରମରେ ପାଣିକୋଇଲି ବିଦ୍ୟୁତ ଉପଖଣ୍ଡରେ ଏସଡିଓଙ୍କ ଅନୁପସ୍ଥିତିରେ କନିଷ୍ଠ ଯନ୍ତ୍ରୀଙ୍କୁ ମଂଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ମଂଚ ପକ୍ଷରୁ ଗଣେଷ ସାହୁ, ଡା.ନିର୍ମଳ ରଥ, ସୁରେଶ ସାହୁ, ଅଭୟ ଓଝା, ପ୍ରତ୍ୟୁଷ ସାହୁ, ବ୍ରହ୍ମାନନ୍ଦ ବାରିକ, ଅନନ୍ତ୍ ସାହୁ, ସୁବ୍ରତ ଯେନା, ମାଧବ କୁଣ୍ଡୁ, ସୁରେଶ କୁମାର ସାହୁ ପ୍ରମୁଖ ଯୋଗଦେଇ ଦାବିପତ୍ର ପ୍ରଦାନ ସହ ବିଦ୍ୟୁତ ଉପଭୋକ୍ତାଙ୍କ ନାର୍ଯ୍ୟ ଦାବି ସରକାରଙ୍କ ନିକଟରେ ଦାବି କରିଥିଲେ । ଦାବି ପୂରଣ ନହେଲେ ମଂଚ ପକ୍ଷରୁ ଆନ୍ଦୋଳନକୁ ତିବ୍ର କରାଯିବାକୁ ଚେତାବନୀ ଦେଇଥିଲେ ।

# କରୋନା କଟକଣା ମଧ୍ୟରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ବଡ଼ଦାଣ୍ଡରେ ଟଣାହେଲା ଅଶୋକଝରି ରଥ

ବାରିପଦା, ୨୧/୪ (ନି.ପ୍ର.): ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ଖ୍ୟାତି ଲାଭ କରିଥିବା ବାରିପଦାରେ ଶ୍ରୀ ଶ୍ରୀ ଜରିବଳଦେବ ଜୀଉ ବିଜେ ମହାପ୍ରଭୂଙ୍କ ବଡ଼ଦାଣ୍ଡରେ ୨୦୧୯ ଜୁଲାଇ ୧୪ ପବିତ୍ର ବାହୁଡ଼ା ଯାତ୍ରା ପରେ ଦୀର୍ଘ ଦିନର ନୀରବତାକୁ ଭଙ୍ଗ କରି ଆଜି ଏପ୍ରିଲ ୨୦ ଚୈତ୍ର ଶୁକ୍ଳପକ୍ଷ ଅଶୋକାଷ୍ଟମୀ ତିଥିରେ ଶଙ୍ଖ-ଘଂଟ-ଘଂଟା-ମୃଦଙ୍ଗ ଓ ନାମ ସଙ୍କୀର୍ତନ ସହିତ ହରିବୋଲ ହୁଳହୁଳି ମଧ୍ୟରେ ରୁକୁଣା(ଅଶୋକଝରି) ରଥ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଶ୍ରୀଶ୍ରୀହରିବଳଦେବ ଜୀଉ ବିଜେ ବାରିପଦାଙ୍କ ମନ୍ଦିରରୁ ମହାପ୍ରଭୂ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଓ ଦେବୀ ସୀତା ଚୈତ୍ର ଶୁକ୍ଳପକ୍ଷ ଅଶୋକାଷ୍ଟମୀ ତିଥିରେ ରଥାରୂଢ଼ ହୋଇ ଅଶୋକବନକୁ ଯାତ୍ରା କରିବାର ପରମ୍ପରା ବା ବିଧି ମୟୂରଭଞ୍ଜ ଗଡ଼ଜାତ ରାଜ୍ୟରେ ମହାରାଜାମାନଙ୍କ ଶାସନ ସମୟରୁ ପାଳିତ ହୋଇଆସୁଛି । ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାସ୍ଥିତ ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେ ମହାପ୍ରଭୂଙ୍କ ମନ୍ଦିରରେ ରୀତିନୀତି ଓ ପ୍ରଚଳିତ ପରମ୍ପରା ଅନୁସାରେ ମହାପ୍ରଭୂମାନଙ୍କ ନିକଟରେ ପହଡ଼, ପଣା ଓ ଠା କାର୍ଯ୍ୟ ସମାପନ ହେବା ପରେ ପରିଚ୍ଛା ଦୁର୍ଗା ଚରଣ ଜିତ୍ ବାବୁ ମହାପ୍ରଭୂଙ୍କ ନିକଟରୁ ଆଜ୍ଞାମାଳ ପାଇବା ପରେ ମନ୍ଦିରର ତିନି ପୂଜାପଣ୍ଡା ପହଣ୍ଡିରେ ମହାପ୍ରଭୂ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଦେବୀଙ୍କୁ ମନ୍ଦିରର ବେଢ଼ା ପହଣ୍ଡିରେ ଠାକୁରମାନଙ୍କୁ ତିନିଥର ପରିକ୍ରମା କରାଇବା ପରେ ସିଂହଦ୍ୱାର ନିକଟରେ ଅପେକ୍ଷା କରିଥିବା ଅଶୋକଝରି ରଥରେ ରଥାରୂଢ଼ ହୋଇଥିଲେ । ଏହାପରେ ସୁସଜ୍ଜିତ ରଥକୁ କରୋନା କଟକଣା ମଧ୍ୟରେ ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ବାରିପଦା ତହସିଲଦାର ରାମଚନ୍ଦ୍ର ସୋରେନଙ୍କ ଉପସ୍ଥିତିରେ ଦେବୋତର ବିଭାଗର କର୍ମଚାରୀମାନଙ୍କ ସହିତ ମନ୍ଦିରର ସେବାୟତ ଓ ଛୋଟ ଛୋଟ ପିଲାମାନେ ଶଙ୍ଖ-ଘଂଟ-ଘଂଟା-ମୃଦଙ୍ଗ ସହିତ ହରିବୋଲ ସଂକୀର୍ତନ ଓ ହୁଳହୁଳିରେ ବଡ଼ ଜଗନ୍ନାଥ ମନ୍ଦିରରୁ ବଡ଼ଦାଣ୍ଡରେ ଥିବା ଶ୍ରୀରାଧାମୋହନ ମନ୍ଦିର(ମାଉସୀ ମା ମନ୍ଦିର) ନିକଟରେ ରଥକୁ ପହଁଚାଇଥିଲେ । ଏହାପରେ ସେବାୟତମାନେ ମୟୂରଭଞ୍ଜ ରାଜଦରବାରର ଅମଳରେ ନାମିତ ପୁରୁଣା ବଗସାମଲଗଡ଼(ବର୍ତମାନର ମା ଅମ୍ବିକା ଠାକୁରାଣୀ)ରୁ ପରମ୍ପରା ଅନୁଯାୟୀ ଅଶୋକ ଫୁଲର କଢ଼ି ସଂଗ୍ରହ କରି ରଥ ନିକଟକୁ ଅଣିଥିଲେ ଏବଂ ରଥରେ ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନାରେ ଅଶୋକ କଢ଼ି ଲାଗି ହେବା ପରେ ସର୍ବସାଧାରଣଙ୍କୁ ପ୍ରସାଦ ରୂପେ ବଣ୍ଟନ କରାଯାଇଥିଲା । ପ୍ରକାଶ ଥାଉକି ଏହି ଅଶୋକାଷ୍ଟମୀ ତିଥିରେ ଅଶୋକ ଗଛର ଫୁଲକୁ ସେବନ କଲେ ସମସ୍ତ ପ୍ରକାରର ଦୁଃଖ ଦୂର ହେବା ସଂଗେ ସଂଗେ ଶରୀର ସମସ୍ତ ରୋଗବୈରାଗ୍ୟରୁ ମୁକ୍ତି ମିଳି ଥାଏ ବୋଲି ବିଶ୍ୱାସ ରହିଆସିଛି । ଶେଷରେ ରାଧାମୋହନ ମନ୍ଦିର ସମ୍ମୁଖରୁ ରଥ ମୋଡ଼ ନେବା ପରେ ପୁଣି ଥରେ ରଥକୁ ବଡ଼ଦାଣ୍ଡରେ ଟାଣା ହୋଇ ବଡ଼ ଜଗନ୍ନାଥ ମନ୍ଦିରର ସିଂହଦ୍ୱାର ନିକଟରେ ପହଁଚିଥିଲା । ରାତିରେ ସେବାୟତମାନେ ପହଣ୍ଡିରେ ତିନି ଠାକୁରଙ୍କୁ ମନ୍ଦିର ଭିତରକୁ ନେବାର ପରମ୍ପରା ରହିଆସିଛି । ଏଥି ସହିତ ଉକ୍ତ ଅଶୋକଝରି ବା ରୁକୁଣା ରଥକୁ କେବଳ ବାଳକବାଳିକାମାନେ ମିଳିମିଶି ଟାଣିବାର ପରମ୍ପରା ରହିଆସିଛି । ତେବେ ଏହି ଅଶୋକଝରି ରଥ ଟଣାରେ ଦେବୋତର ବିଭାଗର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ବାରିପଦା ଉପଜିଲ୍ଲାପାଳଙ୍କୁ ଦେଖିବାକୁ ମିଳିନଥିବା ସମୟରେ ରଥ ଟଣା କାର୍ଯ୍ୟରେ ଯୋଗ ଦେଇଥିବା ତଥା ଉପସ୍ଥିତ ଜନସାଧାରଣଙ୍କ ମଧ୍ୟରେ ପ୍ରସାଦ ବଂଟନ ନିମନ୍ତେ କୌଣସି ବ୍ୟବସ୍ଥା ହୋଇ ନ ଥିବାରୁ ଭକ୍ତ ତଥା ଶ୍ରଦ୍ଧାଳୁମାନେ ନିରାଶ ହୋଇ ଫେରିଯାଇଥିବାର ପରିଲକ୍ଷିତ ହୋଇଛି ।

# ଭଦ୍ରକରେ ଲାଗୁ ହେବ ସପ୍ତାହାନ୍ତ ସଟ୍‌ଡାଉନ

ଭଦ୍ରକ, ୨୧।୪ (ହି.ସ.) - ସରକାରଙ୍କ ନିଷ୍ପତି ମୂଳେ ସମଗ୍ର ରାଜ୍ୟରେ ଆସନ୍ତା ୨୪ ତାରିଖଠାରୁ ସପ୍ତାହାନ୍ତ ୨ ଦିନିଆ ଶନିବାର ଓ ରବବିବାର ସଟ୍‌ଡାଉନ କଟକଣା ଲାଗୁ ହେବ । ଏଥି ନେଇ ଭଦ୍ରକ ଜିଲ୍ଲାପାଳ ଡ. ଜ୍ଞାନ ଦାସ ଭଦ୍ରକ ଜିଲ୍ଲା ପାଇଁ କଟକଣାର ଗାଇଡ୍ ଲାଇନ ଜାରି କରିଛନ୍ତି । ରାତ୍ରି କାଳୀନ କର୍ଫ୍ୟୁ ରାତ୍ରି ୯ଟା ଠାରୁ ସକାଳ ୫ଟା ପର୍ଯ୍ୟନ୍ତ ଗତ ୧୭ ତାରିଖରୁ ଲାଗୁ ହୋଇଥିବା ବେଳେ ସପ୍ତାହାନ୍ତ ସଟ୍‌ଡାଉନ ଓ ରାତ୍ରି କାଳୀନ କର୍ଫ୍ୟୁକୁ ମିଶାଇ ଭଦ୍ରକ ପୌରପାଳିକା ଅଂଚଳ ସମେତ ବାସୁଦେବପୁର ପୌରପାଳିକା, ଚାନ୍ଦବାଲଇ ଏନ୍‌ଏସି, ଧାମନଗର ଏନ୍‌ଏସି ଅଂଚଳ, ଭଦ୍ରକ ବ୍ଲକର ପୌରପାଳିକା ସଂଲଗ୍ନ ରାନ୍ଦିଆ, ଏରେଇଁ ପଂଚାୟତର ଧଳସାହି, ଗେଳପୁର ପଂଚାୟତର ସାମରାଇପୁର ଅଂଚଳ ଶୁକ୍ରବାର ରାତି ୯ଟା ଠାରୁ ସୋମବାର ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ଓ ସଟ୍‌ଡାଉନ କଟକଣା ମଧ୍ୟରେ ରହିବ । ଏହି ସପ୍ତାହାନ୍ତ ସଟ୍‌ଡାଉନ ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ବଳବତର ରହିବ । ଏହି ସଟ୍‌ଡାଉନ ସମୟରେ ସ୍ୱାସ୍ଥ୍ୟ ସେବା, ଟେଲିଫୋନ, ବିଦ୍ୟୁତ, ଗ୍ୟାସ ଯୋଗାଣ, ପେଟ୍ରୋଲ ଟାଙ୍କି, ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ, ଜଳଯୋଗାଣ, ପରିମଳ, ବର୍ଯ୍ୟବସ୍ତୁ ପରିଚାଳନା, ସୂଚନା ପ୍ରଯୁକ୍ତି, ଏଟିଏମ୍, ବ୍ୟାଙ୍କ, ଖାଦ୍ୟ ଯୋଗାଣ, ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ, ଶିଳ୍ପ ଭିତିକ କାର୍ଯ୍ୟରେ ନିୟୋଜିତ ସମସ୍ତ ଲୋକେ ଯାତାୟତ କରି ପାରିବେ । ସଟ୍‌ଡାଉନ ସମୟରେ ଖବରକାଗଜ ହକରମାନେ ସକାଳ ୫ଟାରୁ ୮ଟା ମଧ୍ୟରେ ଖବରକାଗଜ ବଂଟନ କରିବେ । ସେମାନେ ନିଯୁକ୍ତି ଦାତାଙ୍କ ଦ୍ୱାରା ପ୍ରଦତ ପରିଚୟପତ୍ର ଦେଖାଇ ଯାତାୟାତ କରି ପାରିବେ ।

# ବଳଦେବ ହାଇସ୍କୁଲ ସାଂସଦଙ୍କ ପୋଷ୍ୟ ସ୍କୁଲ ଭାବେ ଗୃହୀତ

କେନ୍ଦ୍ରପଡ଼ା, ୨୧/୪ (ନି.ପ୍ର.): କେନ୍ଦ୍ରାପଡାର ବଳଦେବ ହାଇସ୍କୁଲକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିଛନ୍ତି କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି । ୧୯୫୬ ମସିହାରେ ସ୍ଥାପିତ ତଥା ରାଜ୍ୟର ପୁରାତନ ହାଇସ୍କୁଲ ମଧ୍ୟରେ ଅନ୍ୟତମ ବଳଦେବ ହାଇସ୍କୁଲକୁ ପୋଷ୍ୟ ସ୍କୁଲ ଭାବରେ ଗ୍ରହଣ କରି ସ୍କୁଲର ସମସ୍ତ ଆନୁସଂଗିକ ଉନ୍ନୟନ କରିବାକୁ ଘୋଷଣା କରିଛନ୍ତି ସାଂସଦ ଶ୍ରୀ ମହାନ୍ତି । ଏଥିସହିତ ଏ ସମ୍ପର୍କରେ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ବିଭାଗକୁ ଅବଗତ କରାଇବେ ବୋଲି କହିଛନ୍ତି ସାଂସଦ ଶ୍ରୀ ମହାନ୍ତି । ଗତ ଫନି ବାତ୍ୟାରେ ସେହି ସ୍କୁଲର ୬ଟି ଶ୍ରେଣୀଗୃହ ସମେତ ଗୋଟିଏ ହଲ ସଂପୂର୍ଣ୍ଣ ଭାଙ୍ଗି ଯାଇଥିଲା । ଫଳରେ ସ୍କୁଲର ପାଠପଢାରେ ବହୁ ଅସୁବିଧା ସୃଷ୍ଟି ହେଉଥିଲା । ଆଜି ସାଂସଦ ଶ୍ରୀ ମହାନ୍ତି ବଳଦେବ ଉଚ୍ଚ ବିଦ୍ୟାଳୟରେ ପହଁଚି ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ନାୟକଙ୍କ ସମେତ ସ୍କୁଲର ପୁରାତନ ଛାତ୍ରସଂସଦର ସଦସ୍ୟ ତଥା ପୂର୍ବତନ ପୌରପାଳ ଧିରେନ କୁମାର ସାହୁଙ୍କ ସହିତ ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିବା ପରେ ବଳଦେବ ହାଇସ୍କୁଲକୁ ଜିଲ୍ଲାର ଏକ ମଡେଲ ସ୍କୁଲରେ ପରିଣତ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି ସାଂସଦ । ଏଥିନିମନ୍ତେ ବୈଷୟିକ ପରାମର୍ଶଦା ।ଙ୍କ ସହ ପରାମର୍ଶ କରି ସ୍କୁଲର ଶ୍ରେଣୀଗୃହ ଗୁଡିକୁ ଅତ୍ୟାଧୁନିକ ଶୈଳିରେ ନିର୍ମାଣ କରାଯିବା ସହ ଖେଳପଡିଆର ଉନ୍ନତି, ନୂତନ ଡେସ୍କେବେ , ଡିଜିଟାଲ ସିଷ୍ଟମରେ ଶିକ୍ଷାଦାନ ଓ ସ୍କୁଲ ପରିବେଶକୁ ସରସ ସୁନ୍ଦର କରାଯିବା ଭଳି ସମସ୍ତ ବ୍ୟବସ୍ଥା କରାଯିବ ବୋଲି ସାଂସଦ ଶ୍ରୀ ମହାନ୍ତି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ରେବତୀରମଣ ଦାସ, ରଞ୍ଜିତ ସାହୁ, ଜିଲ୍ଲା ଛାତ୍ର ବିଜେଡି ସଭାପତି ପ୍ରଦୀପ କୁମାର ସାହୁ, ଗୋପାଳକୃଷ୍ଣ ଜେନା, ଶିକ୍ଷକ ନୃସିଂହ ଚରଣ ତ୍ରିପାଠୀଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

# କଙ୍କାଳ ଉଦ୍ଧାର ଘଟଣା: ଅଧିକ ତଦନ୍ତ ପାଇଁ ଏସପିଙ୍କ ଦ୍ୱାରସ୍ଥ ସ୍ଥାନୀୟ ବାସିନ୍ଦା

କୋରେଇ, ୨୧/୪ (ନି.ପ୍ର.): ବହୁ ଚର୍ଚ୍ଚିତ ଯାଜପୁର ସଦର ଥାନା ଖଣ୍ଡରା ଗ୍ରାମ ଶୁଭଶ୍ରୀ ରାଉତ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ରମେଶ ଯେନାଙ୍କୁ ଗିରଫ କରାଯାଇଥିଲେ ହେଁ ଅନ୍ୟ ଅଭିଯୁକ୍ତ ମାନଙ୍କୁ ଖସାଇଦେବାକୁ ଦେବା ପାଇଁ ରମେଶଙ୍କୁ ମୁଖ୍ୟ ଅଭିଯୁକ୍ତ ସଜାଯାଇଥିବା ଅଭିଯୋଗ ହୋଇଛି । ଅଧିକ ତଦନ୍ତ ହେଲେ ପ୍ରକୃତ ସତ୍ୟ ଉଦ୍ଘାଟିତ ହେବ ବୋଲି ଦାବି କରି ଶୁଭଶ୍ରୀର ବାପା ସମେତ ସ୍ଥାନୀୟ ବାସିନ୍ଦା ମାନେ ଦାବି କରିଛନ୍ତି । ପ୍ରକାଶ ଥାଉକି ଗତ ୨୦୨୦ ଅକ୍ଟୋବର ୩ ତାରିଖ ଶୁଭଶ୍ରୀ ଘରୁ ନିଖୋଜ ହୋଇଥିଲା । ଏନେଇ ତାର ମା ଅହଲ୍ୟା ଖଣ୍ଡରା ଗ୍ରାମର ଶିବ ପଣ୍ଡାଙ୍କ ଗାଡି ଡ୍ରାଇଭର ହରିହର ନାୟକଙ୍କ ନାମରେ ଲିଖିତ ଅଭିଯୋଗ ଥାନାରେ କରିଥିଲେ । ହେଲେ ପୁଲିସ ଶୁଭଶ୍ରୀର କୌଣସି ସୁରାକ ପାଇନଥିଲା । କିଛିଦିନ ପରେ ଶିବ ପଣ୍ଡା ପୂର୍ବତନ ୱାର୍ଡ ସଭ୍ୟ ରମେଶ ନାୟକଙ୍କ ଜରିଆରେ ଶୁଭଶ୍ରୀ ଭୁବନେଶ୍ୱରରେ ଥିବା ସୂଚନା ଦେଇଥିଲେ । ଫଳରେ ହରହର ସହ ଶୁଭଶ୍ରୀ ଭଲରେ ଥିବ ବୋଲି ଘରଲୋକ ଭାବି ନେଇଥିଲେ । ମାତ୍ର ଚଳିତ ମାସ ୮ ତାରିଖ କପିଳେଶ୍ୱର ପୋଖରୀରୁ କଙ୍କାଳ ଉଦ୍ଧାର ହେବା ପରେ ଏହା ଶୁଭଶ୍ରୀର ମୃତ ଶରୀର ବୋଲି ଘରଲୋକ ଚିହ୍ନଟ କରିଥିଲେ । ପରେ ପୁଲିସ ଏନେଇ ତଦନ୍ତ ଜାରି ରଖିଥିବା ବେଳେ ରମେଶକୁ ଗିରଫ କରିଥିବା କହୁଛି । ମାତ୍ର ଶିବ ଓ ହରିହରଙ୍କ ନାମରେ କରାଯାଇଥିବା ଅଭିଯୋଗର ତଦନ୍ତକୁ ଏଡାଇଯାଇଛି । ଫଳରେ ମାମଲାଟିକୁ ଅଧିକ ତଦନ୍ତ କରାନଯାଇ ଚାପି ଦେବାକୁ ଚେଷ୍ଟା କରାଯାଉଥିବା ଅଭିଯୋଗରେ ଦର୍ଶାଯାଇଛି । ଆଜି ଏନେଇ ଯାଜପୁର ଏସପିଙ୍କୁ ଅଧିକ ତଦନ୍ତ ପାଇଁ ଦାବି ଜଣାଇବା ସହ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ କମିଶନର, ୫ଟି କମିଶନର, ଡିଜିପି ଓ ଡିଆଇଜି ସେଂଟ୍ରାଲ ରେଂଜ ଓ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ।

# ମଙ୍ଗଳବାର ତାରିଣୀ ଦର୍ଶନ ବନ୍ଦ, ନିରାଶରେ ଫେରିଲେ ଭକ୍ତ : କରୋନା କଟକଣାକୁ ବେଖାତିର୍ କରି ଚୁଳପକା

ଘଟଗାଁ/ହରିଚନ୍ଦନପୁର, ୨୧/୪ (ନି.ପ୍ର.): କେନ୍ଦୁଝର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଘଟଗାଁ ସ୍ଥିତ ମା ତାରିଣୀଙ୍କ ମନ୍ଦିର ପ୍ରତି ଶନିବାର, ରବିବାର ଓ ମଙ୍ଗଳବାର ବନ୍ଦ ରହିବା ନେଇ ଗତକାଲି ଠାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି । ଆଜିଠୁ ଏହି କଟକଣା କଡ଼ାକଡ଼ି ଲାଗୁ ହେବାକୁ ଥିବା ବେଳେ ଆଜି ସେଠାରେ ବ୍ୟାପକ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା । ମାଙ୍କ ବାର ମଙ୍ଗଳବାର ଯୋଗୁଁ ଦର୍ଶନ ଓ ଭୋଗଲାଗି ପାଇଁ ମନ୍ଦିର ନିକଟରେ ବହୁ ସଂଖ୍ୟାରେ ଭକ୍ତଙ୍କ ଭିଡ଼ ଜମିଥିବା ବେଳେ ଦର୍ଶନ ବନ୍ଦ ଯୋଗୁଁ ଶ୍ରଦ୍ଧାଳୁ ମାନେ ଦୂରଦୂରନ୍ତରୁ ଆସି ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଥିଲା । ସେହିପରି କରୋନା ସଂକ୍ରମଣକୁ ଏଡାଇବା ପାଇଁ ମାଙ୍କ ନିକଟରେ ମାନସିକଧାରୀ ମାନେ ଚୂଳ ଅର୍ପଣକୁ ପ୍ରଶାସନ ପକ୍ଷରୁ ବହୁ ପୂର୍ବରୁ ବନ୍ଦ ରଖାଯାଇଥିବା ବେଳେ ମନ୍ଦିର ଠାରୁ ଅନତି ଦୂରରେ ଖୋଲମଖୋଲା ଏବଂ କରୋନା କଟକଣାକୁ ଖାତିର୍ ନକରି ଆଜି ମାନସିକଧାରୀ ମାନଙ୍କୁ ଡାକି ନେଇ ସେମାନଙ୍କ ଚୂଳ ପକାଯାଉଥିବା ଦେଖିବାକୁ ମିଳିଛି । ଏପରିକି ଏଠାରେ ମାଙ୍କ ନାମରେ ସେମାନଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ଆର୍ଥିକ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି । ଏଠାରେ କେହି ମାସ୍କ ପିନ୍ଧିବା କିମ୍ବା ସାମାଜିକ ଦୂରତା କଟକଣା ନମାନି ଅଯଥା ଭିଡ଼ ଜମାଉଥିବା ଦେଖିବାକୁ ମିଳୁଛି । ଯାହାକି ସଂକ୍ରମଣର ଭୟ ରହିଥିବା ନେଇ ସ୍ଥାନୀୟ ବୁଦ୍ଧିଜିବୀ ଚିନ୍ତା ବ୍ୟକ୍ତ କରିଛନ୍ତି । ବିଶେଷ କରି ଘଟଗାଁ ପୋଲିସର ନିଷ୍କ୍ରିୟତା ପାଇଁ ଭକ୍ତ ମାନେ ଅଯଥା ଆର୍ଥିକ ଶୋଷଣର ଶିକାର ହେବା ସହ ସଂକ୍ରମଣର ଭୟ ବଢୁଛି । ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି ।

# କ୍ଷୀରକୁ ଦହିରେ ପରିଣତ କରୁଥିବା ଚମତ୍କାରୀ ପଥର



ସ୍ୱର୍ଣ୍ଣନଗରୀ ଭାବେ ପରିଚିତ ରାଜସ୍ଥାନର ଜୈସଲମେର ବିଶ୍ୱବିଖ୍ୟାତ । କିନ୍ତୁ ଏଠାରେ ମିଳୁଥିବା ଏକ ଚମତ୍କାରୀ ହଳଦିଆ ପଥର ମଧ୍ୟ ଦେଶବିଦେଶରେ ଖ୍ୟାତି ଅର୍ଜନ କରିଛି ଜୈସଲମେର ମୁଖ୍ୟାଳୟଠାରୁ ୫୦ କିମି ଦୂରରେ ସ୍ଥିତ ହାବୁରଗାଁ ପଥର ବିଷୟରେ ଶୁଣିଲେ ଆଶ୍ଚର୍ଯ୍ୟ ହେବେ । ଏହି ପଥରକୁ ଯଦି କ୍ଷୀରରେ ମିଶାଯାଏ, ତେବେ ଏହା ସଙ୍ଗେ ସଙ୍ଗେ ଦହିରେ ପରିବର୍ତ୍ତନ ହୋଇଥାଏ । ସାଧାରଣ ଭାବେ ଲୋକେ କ୍ଷୀରକୁ ଦହି ଜମାଇବାକୁ ମହି ମିଶଇଥାନ୍ତି । କିନ୍ତୁ ରାଜସ୍ଥାନର ଏହି ଗ୍ରାମବାସୀଙ୍କ ଦହି ତିଆରି କାହାଣୀ ସବୁଠୁ ଭିନ୍ନ । ଏହାରେ ଲୋକେ ଦହି ଜମାଇବାକୁ ଶହଶହ ବର୍ଷ ହେବ ଏହି ଚମତ୍କାରୀ ପଥରର ବ୍ୟବହାର କରିଥାନ୍ତି । ହାବୁରଗାଁର ଏହି ପଥର ନିଜ ଭିତରେ ଅନେକ କିଛି ଚମତ୍କାରୀ ଗୁଣ ଭରିରଖିଛି । ଏହି ପଥରକୁ ସ୍ଥାନୀୟ ଭାଷାରେ ହାବୁରିଆ ଭାଟା କୁହାଯାଏ । ଏହି ପଥର ନିଜ ବିଶେଷ ଗୁଣ ଯୋଗୁ ଏବେ ଦେଶବିଦେଶରେ ବେଶ ଲୋକପ୍ରିୟତା ସାଉଣ୍ଟିବାରେ ଲାଗିଛି । ଏହାଛଡ଼ା ଏଠାରେ ହାବୁର ପଥରରେ ବାସନ ମଧ୍ୟ ତିଆରି କରିଥାନ୍ତି; ଯାହାକୁ ବିଦେଶୀମାନେ ବହୁମାତ୍ରାରେ କିଣିଥାନ୍ତି ।

## ପାଣିରେ ଲେଡ୍ ସୂଚନା ଦେବ ସ୍ମାର୍ଟଫୋନ୍

ବୈଜ୍ଞାନିକ ଦଳ ସ୍ମାର୍ଟଫୋନ୍ ଏବଂ ଇଙ୍କଜେଟ୍ ପ୍ରିଣ୍ଟର ଦ୍ୱାରା ପ୍ରସ୍ତୁତ ଏକ ଲେନ୍ସକୁ ବ୍ୟବହାର କରି ଏକ ପ୍ରଣାଳୀ ବିକଶିତ କରିଚନ୍ତି ଯାହା ପାଣିରେ ଲେଡ୍ ବା ସିସାର ସ୍ତରକୁ ମାପିବା । ଏହି ପ୍ରଣାଳିରେ ନାନୋ-କଲରମେଟ୍ରି (ରଙ୍ଗଦ୍ୱାରା ରାସାୟନିକ ବିଶ୍ଳେଷଣ) ଏବଂ ସ୍ମାର୍ଟଫୋନ୍ ମାଇକ୍ରୋସ୍କପି ପ୍ଲାଟଫର୍ମରେ ଡାର୍କଫିଲ୍ଡ ମାଇକ୍ରୋସ୍କୋପି ଦ୍ୱାରା ସଂଯୋଗ ହୋଇଛି । ଆମରିକାର ଆସୋସିଏଟ୍ ପ୍ରଫେସର ବୋ ଚୁଆନ ସିଙ୍କ ମତରେ ଏହି ପ୍ରଣାଳୀ ବେଶ୍ ଶସ୍ତା ଏବଂ ଜଳରେ ମହଜୁଦ୍ ଥିବା ସିସା ଯାହା ଛୋଟ ପିଲାଙ୍କ ତନ୍ତ୍ରିକା ସମ୍ବନ୍ଧୀୟ ରୋଗର କାରଣ ହୋଇଥାଏ, ତାକୁ ଦୂର କରିବାରେ ସହାୟକ ହେବ ।

## ପରିଶ୍ରମ ସଫଳତା ଆଣିଥାଏ



ରୁଥ୍ ହାଣ୍ଡଲର ତାଙ୍କ ସ୍ୱାମୀ ଇଲିୟଟ୍ ହାଣ୍ଡଲରଙ୍କ ହାଣ୍ଡଲରଙ୍କ ସହ ମିଶି କାଠର କଣ୍ଢେଇ ଘର ନିର୍ମାଣ କରୁଥିଲେ । ଦିନେ ରୁଥ୍ ତାଙ୍କ ଝିଅ ବାରବରାଙ୍କୁ ସାଙ୍ଗସାଥିରେ ଖେଳୁଥିବା ଦେଖିଲେ । ବାରବରା ଏବଂ ତାଙ୍କ ସାଙ୍ଗମାନେ କାର୍ଡବୋର୍ଡରେ ନିର୍ମିତ ଏକ କେଣ୍ଢେଇ ସହ ଖେଳୁଛନ୍ତି । ସେମାନେ ସେହି କଣ୍ଢେଇର ଏମିତି ଯତ୍ନ ନେଉଛନ୍ତି, ଯେପରି ସେମାନେ ବଡ଼ ହେଲେ ସେହି କେଣ୍ଢେଇ ପରି ଦେଖାଯିବେ । ଏପରିକି ସେମାନେ କଣ୍ଢେଇର ଡ୍ରେସ୍ କରୁଥିଲେ । ରୁଥ୍ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ସେମାନଙ୍କ ପାଖକୁ ଯାଇ କହିଲେ 'ତୁମେମାନେ ଏହି କଣ୍ଢେଇ ସହ ଖେଳିବାକୁ ଭଲ ପାଉଛ !' ଛୋଟ ପିଲାମାନେ ଖୁସିରେ କହିଲେଁ, ଆମେମାନେ ଏହି କଣ୍ଢେଇକୁ ବହୁତ ଭଲପାଉଛୁ । ଯଦି ଏହି କଣ୍ଢେଇ ବାସ୍ତବରେ ମଣିଷ ପରି ଦେଖାଯାଇଥାନ୍ତା, ତେବେ ଆହୁରି ମଜା ହୁଅନ୍ତା ।' ସେଦିନ ବାରବରା ଏବଂ ତାଙ୍କ ସାଙ୍ଗମାନଙ୍କ ଖୁସି ଦେଖି ରୁଥ୍ ଏକ ସତସତିକା କଣ୍ଢେଇ ତିଆରି କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ସେ ସ୍ୱାମୀଙ୍କୁ ମଧ୍ୟ ତାଙ୍କ ନିଷ୍ପତ୍ତି ବିଷୟରେ ଶୁଣାଇଥିଲେ । ରୁଥ୍ ବୁଲି ବୁଲି ସବୁ ସ୍ଥାନର କଣ୍ଢେଇ ଆକାର ଦେଖିଥିଲେ । ସେ ଏବଂ ତାଙ୍କ ସ୍ୱାମୀ ମିଶି ଏକ କେଣ୍ଢେଇ କମ୍ପାନୀ ଖୋଲିବା ପାଇଁ ସ୍ୱପ୍ନ ଦେଖିଲେ । ହାଣ୍ଡଲର ଦମ୍ପତି ଜାଣି ସାରିଥିଲେ ଯେ, କଣ୍ଢେଇ ପ୍ରସ୍ତୁତ କରିବାର କଞ୍ଚାମାଲ କେବଳ ଜାପାନରେ ହିଁ ଭଲ ମିଳିଥାଏ । ତେଣୁ ସେମାନେ ଜାପାନ ଚାଲିଯାଇଥିଲେ ଏବଂ ସେଠାରେ ବିଭିନ୍ନ ପ୍ରକାର କଣ୍ଢେଇର ଅଧ୍ୟୟନ କରିଥିଲେ । ତିନି ଡଲାରରେ ସେମାନେ ଏକ କଣ୍ଢେଇ ନିର୍ମାଣ କରିଥିଲେ । ମାତ୍ର ସେଥିରେ ବାଧା ଉପୁଜିଥିଲା କଣ୍ଢେଇର ଅଧ୍ୟୟନ କରିଥିଲେ । ତିନି ଡଲାରରେ ସେମାନେ ଏକ କଣ୍ଢେଇ ନିର୍ମାଣ କରିଥିଲେ । ମାତ୍ର ସେଥିରେ ବାଧା ଉପୁଜିଥିଲା କଣ୍ଢେଇର ପୋଷାକ କରିବା ପାଇଁ । ରୁଥ୍ ତଥାପି ହାର ମାନିନଥିଲେ, ସେ ଅନବରତ ଚେଷ୍ଟା କରିଚାଲିଥିଲେ । ସେହି ଦମ୍ପତି ଏକ ବୟସ୍କ କଣ୍ଢେଇ ପ୍ରସ୍ତୁତ କରିଥିଲେ, ତେଣୁ ବହୁ ଲୋକ ତାଙ୍କୁ ଏଥିପାଇଁ ମଜା ଉଡ଼ାଇଥିଲେ । ନିଜ ଝିଅ ନାମରେ ସେମାନେ କଣ୍ଢେଇର ନାମ 'ବାର୍ବି' ରଖିଥିଲେ । ବଜାରକୁ ଆସିବା ପରେ ବାର୍ବି ଲୋକପ୍ରିୟ ହୋଇଥିଲା । ଏହାପରେ ସେମାନେ ତାଙ୍କ କମ୍ପାନୀ ଆମେରିକାକୁ ଉଠାଇ ନେଇ ଆସିଥିଲେ । ଆମେରିକାରେ ମଧ୍ୟ ତାଙ୍କ ବାର୍ବିର ଲୋକପ୍ରିୟତା ବଢ଼ିଥିଲା । ତାଙ୍କ କମ୍ପାନୀର ନାମ 'ମାଟେଲ କମ୍ପାନୀ' ରହିଥିଲା ପ୍ରଥମଥର ପାଇଁ କୌଣସି କଣ୍ଢେଇ କମ୍ପାନୀ ୧୦୦ ମିଲିଅନ ଛୁଇଁପାରିଥିଲା ।

## କ୍ରୋଧଶୂନ୍ୟତା

ମହାମାନବ ମହାତ୍ମା ତିରୁବଲ୍ଲୁବର ଲୁଗାବୁଣି ସେ ଲୁଗାକୁ ବିକ୍ରି କରି ଜୀବିକା ନିର୍ବାହ କରୁଥିଲେ । ଜୀବନରେ ବହୁ ଘାତ ପ୍ରତିଘାତ ଦେଇ ଗତି କରୁଥିଲେ ମଧ ସେ କେବେ ହେଲେ କ୍ରୋଧ ପ୍ରକାଶ କରୁନଥିଲେ । ଏହି ସଦ୍ ଗୁଣ ଯୋଗୁ ଚାରିଆଡ଼େ ତାଙ୍କର ସୁଖ୍ୟାତି ବ୍ୟାପି ଯାଇଥିଏ । ଏହାଦେଖି ଜଣେ ଉଦଣ୍ଡ ଯୁବକ ତାଙ୍କୁ ରଗେଇବାକୁ ପଣ କଲା ।

ତିରୁବଲ୍ଲୁବରଙ୍କୁ ଖୋଜି ଖୋଜି ଯୁବକଟି ହାଟରେ ପହଞ୍ଚିଲା । ହାଟ ମଝିରେ ସେ ଲୁଗା ଖଣ୍ଡେ ଧରି ବିକ୍ରି କରିବାକୁ ଠିଆ ହୋଇଥିଲେ । ଯୁବକଟି ସେ ଲଗାକୁ କିଣିବା ଉଦ୍ଦେଶ୍ୟରେ ତାର ମୂଲ୍ୟ ଦୁଇଟଙ୍କା କହିଲେ । ଏହାପରେ ଯୁବକଜଣଙ୍କ ତାଙ୍କ ହାତରୁ ଲୁଗାଟି ଭିଡ଼ି ଆଣି ଦି ଖଣ୍ଡ କରି ଚିରି ଦେଲା । ଖଣ୍ଡେ ତଳେ ଫିଙ୍ଗିଦେଇ ଆଉ ଖଣ୍ଡେ ହାତରେ ଧରି ପଚାରିଲା, ଏ ଖଣ୍ଡକର ମୂଲ୍ୟ କେତେ ? ତିରୁବଲ୍ଲୁବର କହିଲେ ଏକଟଙ୍କା । ଏପରି ଭାବେ ଯୁବକଟି ବାରମ୍ବାର ଲୁଗା ଟୁକୁଡ଼ା ଟୁକୁଡ଼ା କରି ମୂଲ୍ୟ ପଚାରିଲା ମହାତ୍ମା ପୂର୍ବଭଳି ଶାନ୍ତ ସ୍ୱରରେ ଉତ୍ତର ଦେଇ ଚାଲିଲେ । ଏତେକଥା ସତ୍ତ୍ୱେ ସାମାନ୍ୟ ବିଚଳିତ ନ ହେବା ଯୋଗୁ ଯୁବକଟି ତିରୁବଲ୍ଲୁବରଙ୍କୁ ଲୁଗାର ମୂଲ୍ୟ ବାବଦରେ ପଚାରିବାରୁ ସେ କହିଲେ, ବାବା ! ତୁମେ ତ ଲୁଗା କିଣି ନାହିଁ, ମୁଁ ତୁମଠୁ ଟଙ୍କା ନେବି କାହିଁକି ? ତାଙ୍କର ଏପରି କୋମଳ କଥା ଯୋଗୁ ଉଦଣ୍ଡ ଯୁବକଟି ଲଜ୍ଜିତ ହୋଇ ତାଙ୍କ ପାଦ ତଳେ ପଡ଼ି କ୍ଷମା ପ୍ରାର୍ଥନା କଲା । ତା ମୁଣ୍ଡରେ ହାତଥୋଇ ତିରୁବଲ୍ଲୁବର ଅନେକ କଲ୍ୟାଣ କରିବା ସହ କ୍ରୋଧହୀନ ସ୍ୱଭାବ ଦୁଷ୍ଟ ଲୋକଙ୍କର ମନକୁ ମଧ୍ୟ ଜୟ କରିପାରେ ବୋଲି କହିଲେ ।

## ହ୍ରଦ ଉପରେ ଭାସମାନ ଗାଁ



ପଶ୍ଚିମ ଆଫ୍ରିକାର ବୋନିନ୍ କ୍ଷେତ୍ରରେ ଏଭଳି ଏକ ଗାଁ ରହିଛି, ଯାହା ସମ୍ପୂର୍ଣ୍ଣ ଭାବେ ହ୍ରଦ ଉପରେ ବସିଛି । ୨୦ ହଜାର ଜନସଂଖ୍ୟା ବିଶିଷ୍ଟ ଏହି ଗାନଭି ନାମକ ଗାଁ ନୌକା ଉପରେ ଭାସମାନ ଅବସ୍ଥାରେ ରହିଛି । ଅଧିକାଂଶ ଲୋକଙ୍କ ଘର ହ୍ରଦର ଠିକ୍ ମଧ୍ୟବର୍ତ୍ତୀ ସ୍ଥାନରେ ଅବସ୍ଥିତ । ହ୍ରଦରେ ଗଢ଼ିଉଠିଥିବା ଗାନଭି ଗାଁକୁ ଆଫ୍ରିକାର ସବୁଠୁ ବଡ଼ ଗାଁ ବୋଲି କୁହାଯାଏ । ପର୍ଯ୍ୟଟକମାନେ ଏହି ଗାଁକୁ ଦେଖିବାକୁ ଦୂର ଦୂରନ୍ତରୁ ଆସିଥାନ୍ତି କିଛି ଲୋକଙ୍କ କହିବା କଥା, ଷୋଡ଼ଶ କିମ୍ବା ସପ୍ତଦଶ ଶତାବ୍ଦୀରେ ତୋଫିନୁ ସମୁଦାୟ ଲୋକମାନେ ନିଜକୁ ସୁରକ୍ଷିତ ରଖିବାକୁ,ଭଳି ଗାଁର ନିର୍ମାଣ କରିଥିଲେ । ଫୋନ୍ ନାମକ ଜନଜାତି ଏମାନଙ୍କୁ ନିଜ ଗୁଲାମ କରିବାକୁ ଏଭଳି ଗାଁର ନିର୍ମାଣ କରିଥିଲେ ।



ଫୋନ୍ ନାମକ ଜନଜାତି ଏମାନଙ୍କୁ ନିଜ ଗୁଲାମ କରିବାକୁ ଆସିଥିଲେ । କିନ୍ତୁ ନିଜ ଧାର୍ମିକ ମାନ୍ୟତା କାରଣରୁ ପାଣିରେ ପ୍ରବେଶ କରି ପାରିଲେ ନାହିଁ । ଏତେ ବର୍ଷ ଧରି ପାଣି ଉପରେ ଘର କରି ରହିଯାଇଥିବାରୁ ତୋଫିନୁ ସମ୍ପ୍ରଦାୟ ଭୂସ୍ଥଳକୁ ଆସିବାକୁ ଇଚ୍ଛାପ୍ରକାଶ କରୁନାହାନ୍ତି । ଏହି ହ୍ରଦ ଭିତରେ ଦୋକାନ, ରେଷ୍ଟୁରାଣ୍ଟ ଆଦିକୁ ଖୁବ୍ ସୁନ୍ଦର ଢ଼ଙ୍ଗରେ ତିଆରି କରିଛନ୍ତି । ପରିବା ବିକ୍ରି ପାଇଁ ପ୍ରତିଦିନ ନୌକାରେ ବ୍ୟବସାୟୀମାନେ ଘର ଘର ବୁଲନ୍ତି । ନଚେତ କେତେବେଳେ ଘର ସବୁ ବୁଲି ବୁଲି ଦୋକାନ ପାଖକୁ ଚାଲିଆସିଥାଏ ।

## କ'ଣ ପାଇଁ ବଢ଼ୁଛି ସ୍ତନ କର୍କଟ ?



ମହିଳାଙ୍କ ମଧ୍ୟରେ ଲଗାତାର ବଢ଼ୁଥିବା ସ୍ତନ କର୍କଟକୁ ରୋକିବା ପାଇଁ ଏମ୍ସରେ ଏକ ସମ୍ମିଳନୀ ଆୟୋଜିତ ହୋଇଥିଲା । ଯେଉଁଥିରେ ଦେଶବିଦେଶର ଅନେକ ଜଣାଶୁଣା କର୍କଟ ରୋଗ ବିଶେଷଜ୍ଞ ସାମିଲ ହୋଇଥିଲେ । ଏହି ସମ୍ମିଳନୀରେ ମହିଳା ଏବଂ ବାଳ ବିକାଶ ମନ୍ତ୍ରୀ ସ୍ତନ କର୍କଟର କାରଣ ଓ ବିପଦ ସମ୍ବନ୍ଧରେ ବିଚାର କରିଥିଲେ । ଏସିଆରେ ଲଗାତର ଭାବେ ବଢ଼ୁଥା ସ୍ତନକର୍କଟ ସବୁଠୁ ସାଧାରଣ କ୍ୟାନ୍ସର ମଧ୍ୟରୁ ଏକ ହୋଇଗଲାଣି । ଡାକ୍ତରଙ୍କ କହିବାନୁଯାୟୀ, ୪୦ ରୁ ୬୦ ବର୍ଷୀୟ ମହିଳାଙ୍କୁ ଏହା ଅଧିକ ଗ୍ରାସ କରିଥାଏ । କିନ୍ତୁ ଏହାର ଅର୍ଥ ନୁହେଁ କି ୪୦ ରୁ ୬୦ ବର୍ଷ ପୂର୍ବରୁ କିମ୍ବା ପରେ ଏହା ହେବ ନାହିଁ । ଯେଉଁଥିପାଇଁ ବଦଳୁଥିବା ଜୀବନଶୈଳୀ ଓ ଖାଦ୍ୟଭାସ ସ ମାନସିକ ଚାପକୁ ଦାୟୀ କରାଯାଇଛି । ଆଜିକାଲି ମହିଳାମାନେ ସନ୍ତାନକୁ ସ୍ତନ୍ୟପାନ ନ କରାଇବା ମଧ ଆଉ ଏକ କାରଣ । ଏହାଛଡ଼ା ଅଧିକ ଆମିଷ ଖାଉଥିବା ମହିଳାଙ୍କୁ ସ୍ତନ କର୍କଟ କିମ୍ବା ଅନ୍ୟକୌଣସି କ୍ୟାନ୍ସର ହେବାର ସମ୍ଭାବନା ଅଧିକ ରହିଛି । ଯୋଗ ଓ ବ୍ୟାୟାମ ସହ ପିଜା ବର୍ଗର ଓ କୋଲା ଛାଡ଼ି ଭାରତୀୟ ଖାଦ୍ୟ ଭାତ, ଡାଲି, ରୋଟି, ତରକାରି ଖାଇବାର ଅଭ୍ୟାସ କରିବା ଦ୍ୱାରା ଆଗାମୀ ଦିନରେ ସ୍ତନକର୍କଟକୁ ରୋକା ଯାଇପାରିବ ।

## କ୍ଷତିକାରକ ଗରମ ଚା'



ଚା' ପିଇବା ଶରୀର ପାଇଁ କେତେ ଆବଶ୍ୟକ, ଏ ବାବଦରେ ନିୟମିତ ଭାବରେ ଗଣମାଧ୍ୟମରେ ଖବର ପ୍ରକାଶିତ ହେଉଛି । ତେବେ ନିକଟରେ ଏକ ଆମେରିକୀୟ ପତ୍ରିକାରେ ପ୍ରକାଶିତ ହୋଇଥିବା ତଥ୍ୟ ଅନୁସାରେ ପ୍ରତ୍ୟେକ ବର୍ଗର ଲୋକେ ଗରମ ଚା' ପିଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ଏହାକୁ ଅଭ୍ୟାସରେ ପରିଣତ କରିଥିବା ଲୋକେ ଯଥାଶୀଘ୍ର ଏହି ଅଭ୍ୟାସକୁ ଦୂରେଇବା ଉଚିତ୍ । ଗବେଷକ ଦଳ ପରୀକ୍ଷା କରିବା ପରେ ପ୍ରକାଶ କରିଛନ୍ତି ଯେ, ଗରମ ଚା' ପିଉଥିବା ଲୋକଙ୍କୁ କର୍କଟ ରୋଗ ହେବାର ସମ୍ଭାବନା ସର୍ବାଧିକ । ଏପରିକି ଗରମ ଚା' ପିଇଲେ ଗଳା କର୍କଟ ହେବାର ସମ୍ଭାବନା ୮ଗୁଣ ଅଧିକ ହୋଇଥାଏ ବୋଲି ଉପଦେଶ ମଧ୍ୟ ଦେଇଛନ୍ତି । ଚା' ପ୍ରସ୍ତୁତ ହେବାର ୨ ମିନିଟ୍ ପରେ ଚା' ପିଉଥିବା ଲୋକେ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ସେଥିପାଇଁ ଚା' ପ୍ରସ୍ତୁତ କରି ୫ ରୁ ୬ ମିନିଟ୍ ପରେ ହିଁ ଚା' ପିଇବା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଅଟେ । ଗବେଷକ ଦଳ ବିଶ୍ୱର ବିଭିନ୍ନ ପ୍ରାନ୍ତର ୫୦ ହଜାର ଲୋକଙ୍କୁ ଏହି ଗବେଷଣାରେ ସାମିଲ କରାଇଥିଲେ । ତାକୁ ଥଣ୍ଡା କରି ପିଇଲେ ମଧ୍ୟ ସ୍ୱାସ୍ଥ୍ୟ ଉପରେ କୌଣସି କୁପ୍ରଭାବ ପଡ଼ିନଥାଏ ।

## ଲୁଣରେ ତିଆରି ହୋଟେଲ



ଦୁନିଆର ଅନେକ ଅଜବ ହୋଟେଲ ବିଷୟରେ ଶୁଣିଥିବେ । ତେବେ ଲୁଣରେ ତିଆରି ହୋଇଥିବା ହୋଟେଲ ବିଷୟରେ ହୁଏତ ଖୁବ୍ କମ୍ ଶୁଣିଥିବେ । ବଲିଭିଆର ସାଲାର ଦେ ୟୁନି ନାମକ ସ୍ଥାନରେ ଅବସ୍ଥିତ ଏହି ହୋଟେଲ । ଏହି ସ୍ଥାନରେ ଜନବସତି ନାହିଁ ଅଛି କେବଳ ଲୁଣରେ ତିଆରି ଏକ ବିଶାଳ ହୋଟେଲ । ଏହାର ନାଁ ଦେ ସାଲ ପ୍ଲାୟା ଯାହାକି ୧୯୯୩ ମସିହାରେ ତିଆରି ହୋଇଥିଲା । ଲୁଣରେ ଛୋଟଛୋଟ କଳାକୃତି ତିଆରି କରୁଥିବା ଜଣେ କଳାକାରଙ୍କ ମନରେ ଏହି ହୋଟେଲ ତିଆରି କରିବାର ଭାବନା ଆସିଥିଲା । ହୋଟେଲର କାନ୍ଥରୁ ନେଇ ଛାତ, ଚଟାଣ ସବୁ କିଛି ଲୁଣରେ ତିଆରି ହୋଇଛି । ବର୍ଷାଦିନେ ଅଧିକରୁ ଅଧିକ ସଲ୍ଟ ବ୍ଲକ(ଲୁଣ ଇଟା) ଖଞ୍ଜା ଯାଇ କାନ୍ଥଗୁଡ଼ିକୁ ମଜଭୁତ କରାଯାଏ । ଏହି ହୋଟେଲ ସମସ୍ତ ଆସବାବପତ୍ର ମଧ ଲୁଣ ଇଟାରେ ତିଆରି ହୋଇଛି । ଏହି ହୋଟେଲରେ ୧୫ଟି ବେଡ୍ ରୁମ୍, ଗୋଟିଏ ଡାଇନିଂ ହଲ୍ ଗୋଟିଏ ଲିଭିଂ ରୁମ ଏବଂ ଗୋଟିଏ ବାର୍ କାଉଣ୍ଟର ଅଛି । ହୋଟେଲକୁ ଅନେକ ସଂଖ୍ୟାରେ ପର୍ଯ୍ୟଟକ ଆସିଛନ୍ତି ।

## ଖୁସି ସମୟରେ ସପିଙ୍ଗ କରନ୍ତୁ



ଖୁସି ଥିବା ସମୟରେ ସପିଙ୍ଗ କରିବା ଭଲ । କାରଣ ଏହି ସମୟରେ ସକାରାତ୍ମକ ଚିନ୍ତାଧାରା ଧାଏ ଏବଂ ଠିକ୍‌ରେ ନିଷ୍ପତ୍ତି ନେଇହୁଏ । ଖୁସି ଥିବା ବେଳେ ଗ୍ରାହକ ଜଣକ ପ୍ରତ୍ୟେକ ଜିନିଷକୁ ଠିକ୍ ଭାବେ ଗ୍ରହଣ କରିଥିବାରୁ ସେ ସହଜରେ ତାଙ୍କ ପସନ୍ଦଯୋଗ୍ୟ ଜିନିଷ କିଣିପାରନ୍ତି । ଯଦି ସେ ମାନସିକ ସ୍ତରରେ ଅଶାନ୍ତି ଥାନ୍ତି ତେବେ ସହଜରେ କୌଣସି ଜିନିଷକୁ ଠିକ୍‌ରେ ଗ୍ରହଣ କରିପାରି ନଥାନ୍ତି ବୋଲି ଏକ ଅଧ୍ୟୟନ ରିପୋର୍ଟରେ କୁହାଯାଇଛି । ପ୍ରତ୍ୟେକ ଲୋକ ନିଜ ନିଷ୍ପତ୍ତି ଗ୍ରହଣ କରିବା ବେଳେ ସେମାନଙ୍କ ମାନସିକ ସ୍ଥିତି, ଆବେଗ ଓ ଭାବନା ସେମାନଙ୍କୁ କେତେ ମାତ୍ରାରେ ପ୍ରଭାବିତ କରିଥାଏ ତା' ଉପରେ ଗବେଷକ ମାନେ ଗବେଷଣା କରିଥିଲେ । ଲୋକଙ୍କ ମାନସିକ ସ୍ଥିତି ଜାଣିବା ପାଇଁ ଗବେଷକମାନେ ଏଥିରେ ଅଂଶ ଗ୍ରହଣ କରିଥିବା ଲୋକମାନଙ୍କୁ କେତେକ ଫଟୋ ଦେଖାଇଥିଲେ । ସେଥିରେ ଖୁସି ଓ ବିରକ୍ତି ମନୋଭାବ ସୃଷ୍ଟି ହେଲା ଭଳି କେତେକ ଫଟୋଥିଲା । ଏପରିକି ଅତୀତରେ ଘଟିଯାଇଥିବା କିଛି ଭଲ ଓ ଖରାପ ଘଟଣାକୁ ମନେ ପକାଇବାକୁ ସେମାନଙ୍କୁ କୁହାଯାଇଥିଲା ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସହର ମୁହାଁ ...

ମନୁଷ୍ୟ ଯେପରି ଭାବେ ବନ୍ୟପ୍ରାଣୀ ପ୍ରତି କ୍ରୁର ମନୋଭାବ ପୋଷଣ କରି ଜଙ୍ଗଲ ଧ୍ୱଂସ କରିବା ସଙ୍ଗେ ସଙ୍ଗେ ବନ୍ୟପ୍ରାଣୀମାନଙ୍କୁ ଶିକାର କରି ସେମାନଙ୍କର ମୂଲ୍ୟବାନ ଚମଡାକୁ ନିଜର ସୌଖିନ ଦ୍ରବ୍ୟ ରୂପେ ବ୍ୟବହାର କରି ଚାଲିଛି ଏବଂ ଏହାର ସୁଯୋଗରେ କେତେ ଚୋରା ବ୍ୟବସାୟୀ ଘଞ୍ଚ ଜଙ୍ଗଲ ଅଞ୍ଚଳରୁ ଦଲାଲମାନଙ୍କ ସହାୟତାରେ ବିଭିନ୍ନ କୌଶଳ ଅବଲମ୍ବନ କରି ନିରୀହ ବନ୍ୟପ୍ରାଣୀମାନଙ୍କୁ ଅବାଧରେ ଶିକାର କରିଚାଲିଛନ୍ତି । ସେମାନଙ୍କର ମୂଲ୍ୟବାନ ଚମଡାକୁ ଆନ୍ତର୍ଜାତିକ ବଜାରରେ ବିକ୍ରୟ କରି ଲାଭବାନ୍ ହେଉଛନ୍ତି । ଜଙ୍ଗଲର କ୍ଷୟ ସାଙ୍ଗକୁ ବନ୍ୟପ୍ରାଣୀମାନଙ୍କ ନିଷ୍କ୍ରିୟତା ଏବଂ ଜନସାଧାରଣଙ୍କର ସଚେତନାର ଅଭାବ ବନ୍ୟପ୍ରାଣୀ ଅବକ୍ଷୟର ମୁଖ୍ୟ କାରଣ । ଜଙ୍ଗଲ ସୁରକ୍ଷା ଏବଂ ବନ୍ୟପ୍ରାଣୀ ମାନଙ୍କର ସ୍ଥିତି ରକ୍ଷା କରିବାର ଆବଶ୍ୟକତା ମୂଳରେ ରହିଛି ଏକ ଗୁଢ ରହସ୍ୟ । ମନୁଷ୍ୟ ସୃଷ୍ଟି ହେବା ଦିନଠାରୁ ମନୁଷ୍ୟ ପ୍ରଥମେ ଜଙ୍ଗଲରେ ବାସ କରୁଥିଲା ଏବଂ ଆଦିମ ମନୁଷ୍ୟର ମୁଖ୍ୟ ଖାଦ୍ୟ ଥିଲା ଜଙ୍ଗଲର ପଶୁମାନଙ୍କର ମାଂସ । କିନ୍ତୁ ସମୟ ବଦଳି ଯାଇଛି । ପଶୁମାନଙ୍କର ମାଂସ ଭକ୍ଷଣ ଏବଂ ସେମାନଙ୍କର ଚମଡ଼ା, ଶିଙ୍ଗ ଏବଂ ଦାନ୍ତକୁ ନେଇ ମନୁଷ୍ୟ ସୌଖିନ ଦ୍ରବ୍ୟ ବ୍ୟବହାର କରିବାରେ ଲାଗିଛି । ମନୁଷ୍ୟର ଆଭିମୁଖ୍ୟରେ କରିବର୍ତ୍ତନ, ମାନବ ସମାଜ ମଧ୍ୟରେ ଏକ ଆହ୍ୱାନ ସୃଷ୍ଟି କରିଛି । କାରଣ ମନୁଷ୍ୟର ଆଭିମୁଖ୍ୟ ପରିବର୍ତ୍ତନ ଦ୍ୱାରା ଜଙ୍ଗଲ ଧ୍ୱଂସ ପାଇବା ସଙ୍ଗେ ସଙ୍ଗେ ପ୍ରକୃତିର ଅନବଦ୍ୟ ସୃଷ୍ଟି ବନ୍ୟପ୍ରାଣୀମାନଙ୍କର ଅବକ୍ଷୟ ଘଟିବାରେ ଲାଗିଛି । ଯାହାକି ମନୁଷ୍ୟ ସମାଜ ପ୍ରତି ଏକ ଆହ୍ୱାନ । ବର୍ତ୍ତମାନ ମନୁଷ୍ୟ ସମାଜର ସ୍ଥିତି ବଞ୍ଚାଇବାକୁ ହେଲେ ଜଙ୍ଗଲ ଏବଂ ବନ୍ୟପ୍ରାଣୀ ମାନଙ୍କର ସ୍ଥିତିର ଆବଶ୍ୟକତା ରହିଛି । କାରଣ ଜଙ୍ଗଲ ରହିଲେ ଜଳ ମିଳିବ, ଜଳ ଦ୍ୱାରା ମନୁଷ୍ୟ ସମାଜର ସ୍ଥିତି ରହିପାରିବ । ସେଥିପାଇଁ କୁହାଯାଇଛି- ଜଙ୍ଗଲ ସୁରକ୍ଷା, ଜୀବନ ରକ୍ଷା । ଜଳ ଏବଂ ଜଙ୍ଗଲ ପରସ୍ପର ଅତି ନିବିଡ ଭାବରେ ଜଡିତ । ଗୋଟିଏ ବିନା ଅନ୍ୟଟିର ସ୍ଥିତି ନାହିଁ । ପରସ୍ପର ପରିପୂରକ। ସେହିପରି ଜଙ୍ଗଲକୁ ବନ୍ୟପ୍ରାଣୀମାନେ ସୁରକ୍ଷା ଯୋଗାଉଥିଲେ । ବର୍ତ୍ତମାନ ଜଙ୍ଗଲ କ୍ଷୟ ଯୋଗୁଁ, ଆବଶ୍ୟକ ପଡୁଥିବା ଅମ୍ଳଜାନର ଅଭାବ ଯୋଗୁଁ, ବର୍ଷାର ଅନିୟମିତତା ଏବଂ ପାନୀୟ ଜଳର ଅଭାବ ଯୋଗୁଁ ଜନସମାଜ ମଧ୍ୟରେ ହାହାକାର ସୃଷ୍ଟି ହୋଇଛି । ଆହୁରି ଆଗକୁ ସମୟ ଆସୁଛି ଜନସମାଜ ଯଦି ସଜାଗ ନହେବେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁରେ ମଧ୍ୟ ଘୋର ଅନୀୟମିତତା ଦେଖାଦେବ ଏବଂ ଭାରତୀୟ ଜନଜୀବନକୁ ବିପର୍ଯ୍ୟସ୍ତ କରିଦେବ। ଜନସମାଜର ସ୍ଥିତିକୁ ଦୋହଲାଇ ଦେବ । ତେଣୁ ପ୍ରତ୍ୟେକ ସଚେତନ ନାଗରିକ ଆଜିଠାରୁ ସତର୍କ ହେବା ଆବଶ୍ୟକ । ଶିଳ୍ପାୟନ ଯୋଗୁଁ ଜଙ୍ଗଲ କ୍ଷୟ ଏକ ଚିନ୍ତାର ବିଷୟ ହୋଇଛି । ଶିଳ୍ପାୟନ ସମୟରେ ଜଙ୍ଗଲ ସୃଷ୍ଟି ପାଇଁ ଯେଉଁ ପ୍ରତିଶୃତି ଦିଆ ଯାଉଛି, ତାହା ପାଣିରେ ଗାର । ତେଣୁ ଶିଳ୍ପାୟନ ପାଇଁ ଯେଉଁ ମୂଲ୍ୟବାନ ଜଙ୍ଗଲକୁ ନଷ୍ଟ କରାଯାଉଛି, ତାକୁ ଆମର ଆବଶ୍ୟକତା ଅନୁଯାୟୀ ସୁରକ୍ଷା ପ୍ରଦାନ ନ କଲେ ଜନବାୟୁରେ ଅନିୟମିତତା ଲାଗିରହିବ । ଏହା ମାନବ ସମାଜ ପ୍ରତି ଘୋର ବିପଦର କାରଣ । ଏଣୁ ଜଙ୍ଗଲ ସୁରକ୍ଷା ଏବଂ ବନ୍ୟପ୍ରାଣୀ ସୁରକ୍ଷା ମାନବ ସମାଜ ପାଇଁ ଅନିବାର୍ଯ୍ୟ । ଏଥିରେ ସନ୍ଦେହର ଅବକାଶ ନାହିଁ । ବନ୍ୟପ୍ରାଣୀମାନଙ୍କ ଅବାଧ ଶିକାର ଏବଂ ସେମାନଙ୍କର ଅବକ୍ଷୟ ବନ୍ୟପ୍ରାଣୀ ପ୍ରେମୀମାନଙ୍କର ମଧ୍ୟରେ ଏକ ନିରାଶାର ଛାଇ ଖେଳାଇ ଦେଇଛି । ବନ୍ୟପ୍ରାଣୀମାନଙ୍କର ଅସ୍ତିତ୍ୱ ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଣୁ ପ୍ରତ୍ୟେକ ବନ୍ୟପ୍ରାଣୀପ୍ରେମୀ ସମାଜର ପ୍ରତ୍ୟେକ ସ୍ତରରେ ବନ୍ୟପ୍ରାଣୀମାନଙ୍କର ଆବଶ୍ୟକତା ଏବଂ ମାନବ ସମାଜ ପ୍ରତି ସେମାନଙ୍କର ଆବଶ୍ୟକତା ଏବଂ ମାନବ ପ୍ରତି ସେମାନଙ୍କର କି ଅବଦାନ ରହିଛି, ସେହି ବିଷୟରେ ସଚେଦନ ରହିବା ଆବଶ୍ୟକ । ନଚେତ୍ ନିରୀହ ବନ୍ୟପ୍ରାଣୀମାନେ ଜଙ୍ଗଲରୁ ସଂପୂର୍ଣ୍ଣ ଭାବେ ଲୋପ ପାଇଯିବେ। ସମୟ ଆସିବ ବନ୍ୟପ୍ରାଣୀମାନେ କେବଳ ଚିଡିଆଖାନା କିମ୍ବା ଚିତ୍ର ପୁସ୍ତକରେ ସୀମିତ ହୋଇ ରହିଯିବେ । ଜଙ୍ଗଲ ଏବଂ ଜୈବମଣ୍ଡଳର ହ୍ରାସ ପାଉଥିବାରୁ ଏହ ଦୁର୍ଲଭ ପ୍ରାଣୀ ବିଲୋପ ପଥରେ ଗତି କରୁଛି । ବନ୍ୟପ୍ରାଣୀମାନଙ୍କର ସୁରକ୍ଷା ଦିଗରେ ଆସାମର ଏବଂ କେରଳର 'ପେରିୟାର ବ୍ୟାଘ୍ର ପ୍ରକଳ୍ପ'ରେ ଶିକାରୀମାନେ ଜଙ୍ଗଲ ସୁରକ୍ଷା ଦାୟିତ୍ୱ ଗ୍ରହଣ କରି ଦେଶରେ ଉଦାହରଣ ସୃଷ୍ଟି କରିଛନ୍ତି ।

## "କୋଣାର୍କର ଐତିହାସିକ ଗୌରବ ଏକ ଆଲେଖ୍ୟ"



ଭାଗିରଥୀ ସ୍ୱାଇଁ

କୋଣାର୍କର ଐତିହାସିକ ଗୌରବ ଓ କିମ୍ବଦନ୍ତୀ ଅତୀବ ପ୍ରାଚୀନ। ଦକ୍ଷିଣରେ ଲିଆଖିଆ ମୁହାଣରୁ ଆରମ୍ଭ କରି କାଦୁଆ ନଦୀ କୂଳ ପର୍ଯ୍ୟନ୍ତ ସ୍ଥାନ କୋଣାର୍କ କ୍ଷେତ୍ର ନାମରେ ସୁପରିଚିତ ଥିଲା। ଏହି ଐତିହ୍ୟସଂପନ୍ନ ସ୍ଥାନରେ ଦେବାଦେବୀମାନେ କ୍ଷେତ୍ରପାଳ ସ୍ୱରୂପ ସ୍ଥାପିତ ହୋଇଥିଲେ। ପ୍ରାଚୀ ମାହାତ୍ମ୍ୟରୁ ଜଣାଯାଏ ଯେ, ପ୍ରାଚୀ ନଦୀ କୂଳରେ ଅସଂଖ୍ୟ ଦେବାଦେବୀ ପ୍ରତିଷ୍ଠିତ ଥିବାର ଉଲ୍ଲେଖ୍ୟ ରହିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଦେବାଦେବୀ ଅର୍କତୀର୍ଥ ବା କୋଣାର୍କର ନିକଟରେ ଥିବାର ପ୍ରାଚୀ ମାହାତ୍ମ୍ୟରୁ ଜଣାଯାଏ। ବ୍ରହ୍ମ ପୁରାଣରେ ଉଲ୍ଲେଖ ରହିଛି ଯେ, ଇନ୍ଦ୍ରଦ୍ୟୁମ୍ନ ମହାରାଜ ପୁରୁଷୋତ୍ତମ କ୍ଷେତ୍ରକୁ ଯିବା ସମୟରେ ପୁଣ୍ୟତୋୟା ଚିତ୍ରୋତ୍ପଳାଙ୍କୁ ଦର୍ଶନ କରିଥିଲେ। ପ୍ରାଚୀ ମାହାତ୍ମ୍ୟରୁ ଜଣାଯାଏ ଯେ, ପ୍ରାଚୀ ନଦୀ କୂଳରେ ଅନେକ ପୁଣ୍ୟସ୍ଥାନ ଓ ଜନପଦ ଥିଲା। ସେହି ଜନପଦମାନଙ୍କ ମଧ୍ୟରୁ କୋଣାର୍କ ହେଉଛି ଅନ୍ୟତମ ଜ୍ଞାନ ଓ ଧନପୂର୍ଣ୍ଣ ନଗରୀ ଭାବେ ସୁପରିଚିତ ଥିଲା। ଅଷ୍ଟଶମ୍ଭୁ ଓ ଚଣ୍ଡୀଙ୍କ ସ୍ଥାନ ବିବେଚନା କଲେ କୋଣାର୍କ ନଗରର ଆୟତନ ବଡ଼ ବିସ୍ତୃତ ଥିବାର ଜଣାଯାଏ। ପ୍ରାଚୀ ମାହାତ୍ମ୍ୟରୁ ଜଣାଯାଏ ପ୍ରାଚୀ ନଦୀର ନାମ ସରସ୍ୱତୀ ବା ଚିତ୍ରୋତ୍ପଳା ରହିଥିବା ଉଲ୍ଲେଖ ରହିଛି। ଏହି ପ୍ରାଚୀ ସରସ୍ୱତୀ ମଧ୍ୟ ଅର୍କତୀର୍ଥ ବାଟଦେଇ ସମୁଦ୍ରରେ ପଡ଼ୁଥିଲା। କୁଶଭଦ୍ରା (ଯାହାକୁ ବର୍ତ୍ତମାନ ଲିଆଖିଆ କୁହନ୍ତି) ଯାହାକି ପ୍ରାଚୀ ନଦୀର ଅଂଶ ବିଶେଷ ଥିବାର ପ୍ରାଚୀ ମାହାତ୍ମ୍ୟରୁ ଜଣାଯାଏ। କୋଣାର୍କରୁ ପ୍ରାୟ ୮ ମାଇଲ୍ ଦୂରରେ କୋଣାର୍କ ଓ ଦେବୀ ନଦୀ ମଧ୍ୟରେ ପ୍ରାଚୀ ନଦୀ ପ୍ରବାହମାନ ହେଉଥିବାର ଜଣାଯାଏ। ପ୍ରାଚୀ ନଦୀ ଖଣତାପଡ଼ା ଗ୍ରାମ ନିକଟରୁ ବାହାରି ସମୁଦ୍ରରେ ପଡ଼ିଅଛି। ଏହା କୁଶଭଦ୍ରା ଓ କନ୍ଦଳ ନଦୀ ଦ୍ୱୟର ମଧ୍ୟବର୍ତ୍ତୀ ଅଞ୍ଚଳରେ ପ୍ରବାହିତ ହେଉଅଛି। ସମୁଦ୍ର ମୁହାଣ ନିକଟରେ କାଦୁଆ ନଦୀ ସହ ଏହାର ମିଳନ ଘଟିଅଛି। ଚନ୍ଦ୍ରଭାଗା ମଧ ପୂର୍ବ କାଳରେ ଏକ ନଦୀ ନାମରେ ଖ୍ୟାତ ଥିବା ପୁରାଣବର୍ଣ୍ଣନାରୁ ଜଣାଯାଏ। ଏହା କାଦୁଆ ନଦୀରୁ ବାହାରି ଅନସରା ବାଟ ଦେଇ କୋଣାର୍କର ବର୍ତ୍ତମାନ ମନ୍ଦିର ପାଖ ଦେଇ ସମୁଦ୍ରରେ ପଡ଼ୁଥିଲା ବୋଲି ଐତିହାସିକ ପଣ୍ଡିତ କୃପାସିନ୍ଧୁ ମିଶ୍ର ନିଜର କୋଣାର୍କ ପୁସ୍ତକରେ ଉଲ୍ଲେଖ କରିଛନ୍ତି। ପୁରୀ ଜିଲାର ମାନଚିତ୍ରରୁ ଦେଖାଯାଏ କୋଣାର୍କ ମନ୍ଦିରର କିଛି ଦୂର ପଶ୍ଚିମରେ କାଦୁଆ ନଦୀର ଗୋଟିଏ ଶାଖା ବାଲିରେ ପୋତି ହୋଇଯାଇଛି। ମାଦଳା ପାଞ୍ଜିରୁ ଜଣାଯାଏ ଯେ, ରାଜା ନରସିଂହ ଦେବ କୋଣାର୍କର ପୂର୍ବ ସୂର୍ଯ୍ୟ ମନ୍ଦିର ଜୀର୍ଣ୍ଣ ହୋଇଯାଇଥିବାର ଦେଖି ଗୋଟିଏ ନୂତନ ମନ୍ଦିର ପଦ୍ମତୋଳାନାମକ ଗଣ୍ଡରେ ନିର୍ମାଣ କରାଇଥିବାର ଉଲ୍ଲେଖ ରହିଛି। ଓଡ଼ିଆମାନେ ଜାଭା ଓ ବାଲିଦ୍ୱୀପକୁ ବାଣିଜ୍ୟ କରି ଯାଉଥିବା ଇତିହାସ ପ୍ରସିଦ୍ଧ। ଏଥିରୁ ପ୍ରତୀୟମାନ ହୁଏ ଯେ, କୋଣାର୍କ ନିକଟବର୍ତ୍ତୀ ଅଞ୍ଚଳବାସୀ ବାଣିଜ୍ୟ ବ୍ୟବସାୟରେ ରତ ଥିଲେ। କୋଣାର୍କ ଗଙ୍ଗବଂଶୀୟ ରାଜାଙ୍କ ରାଜତ୍ୱ କାଳରେ ଲୁଣ ବ୍ୟବସାୟର ପେଣ୍ଠସ୍ଥଳୀ ଥିଲା। ଯାହା କାଳକ୍ରମେ ଅବନତ ହୋଇ ଇଂରେଜ ଆଗମନ ସମୟକୁ ବିଲୁପ୍ତ ପ୍ରାୟ ହୋଇଥିଲା ବୋଲି ଐତିହାସିକ ପଣ୍ଡିତ କୃପାସିନ୍ଧୁ ମିଶ୍ର ଉଲ୍ଲେଖ କରିଅଛନ୍ତି। ଐତିହାସିକ ଷ୍ଟର୍ଲିଙ୍ଗଙ୍କ ମତାନୁସାରେ ଇଂରେଜ ଶାସନରେ ପ୍ରଥମ ଅବସ୍ଥାରେ ଓଡ଼ିଶାର ସମୁଦ୍ର ତୀରବର୍ତ୍ତୀ ଅଞ୍ଚଳରୁ ଯେଉଁ ଲୁଣ ଆମଦାନି କରାଯାଉଥିଲା, ସମୁଦାୟ ଭାରତ ବର୍ଷରେ ତାହା ସର୍ବୋତ୍କୃଷ୍ଟ ଏବଂ ଇଷ୍ଟ ଇଣ୍ଡିଆ କମ୍ପାନୀ ବ୍ୟବସାୟରେ ପ୍ରାୟ ୧୮ ଲକ୍ଷ ଟଙ୍କା ବାର୍ଷିକ ଲୁଣ କର ପାଉଥିଲେ ବୋଲି ଉଲ୍ଲେଖ କରିଅଛନ୍ତି। କୁଣେଇଁ କୋଣାର୍କର ୧୪ ମାଇଲ୍ ଦୂରରେ ପୂର୍ବୋକ୍ତ ଲୁପ୍ତ ନଦୀ ଉପରେ ଅବସ୍ଥିତ। ଲୁଣ ଗୋଦାମ ଭାବରେ ଏହା ସୁପ୍ରସିଦ୍ଧ ଥିଲା। ୧୮୯୯-୧୯୦୦ ଖ୍ରୀଷ୍ଟାବ୍ଦରେ ଲୁଣ ବ୍ୟବସାୟ ବନ୍ଦ ହୋଇଯିବାରୁ ବହୁ ବ୍ୟବସାୟୀ ବର୍ତ୍ତମାନ ନିରନ୍ନ ଅବସ୍ଥାରେ ପଡ଼ି ହାହାକାର କରୁଅଛନ୍ତି। ପ୍ରାଚୀ ନଦୀର ଚନ୍ଦ୍ରଭାଗା କୂଳ ମଧ ଲୁଣ ବାଣିଜ୍ୟ ନିମନ୍ତେ ପ୍ରସିଦ୍ଧ ଥିଲା। ବର୍ତ୍ତମାନ ସୂର୍ଯ୍ୟ ମନ୍ଦିର କୋଣାର୍କର କେବଳ ଏକମାତ୍ର ମନ୍ଦିର ନଥିଲା। ଶାମ୍ବ ଉପାଖ୍ୟାନରେ ଲେଖାଅଛି ଯେ, ଶାମ୍ବ ସୂର୍ଯ୍ୟ ଦେବଙ୍କ ନିମନ୍ତେ ସୂର୍ଯ୍ୟ ମନ୍ଦିର ନିର୍ମାଣ କରାଇଥିଲେ। ମାଦଳା ପାଞ୍ଜିରୁ ଜଣାଯାଏ ଯେ, କେଶରୀ ବଂଶର ୪୪ ଜଣ ରାଜାଙ୍କ ମଧ୍ୟରୁ ତ୍ରିଂଶତମ ରାଜା ପୁରନ୍ଦର କେଶୋରୀ ସୂର୍ଯ୍ୟ ଦେବଙ୍କର ମନ୍ଦିର ନିର୍ମାଣ କରାଇଥିଲେ। ମନ୍ଦିରର ନିକଟବର୍ତ୍ତୀ ଅଞ୍ଚଳରେ ୮ଟି ବ୍ରାହ୍ମଣ ଶାସନ ବସାଇଥିବାର ଉଲ୍ଲେଖ ରହିଅଛି। ମାଦଳା ପାଞ୍ଜିରୁ ଜଣାଯାଏ ଯେ, ପୁରନ୍ଦରଙ୍କ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ କେଶରୀ ଓ ଗଙ୍ଗବଂଶୀୟ ରାଜାମାନେ ବହୁ ଆବାହମାନ କାଳରୁ କୋଣାର୍କରେ ସୂର୍ଯ୍ୟ ଉପାସନା କରି ଆସୁଥିବାରୁ ବିଶଦ ଭାବରେ ଉଲ୍ଲେଖ କରାଯାଇଅଛି । ପୌରାଣିକ ମତାନୁସାରେ ଗୟାଶୁରକୁ ମାରି ଭଗବାନ ବିଷ୍ଣୁ କୋଣାର୍କରେ ବିଜୟ ଚିହ୍ନ ସ୍ୱରୂପ ଆପଣାର ପଦ୍ମ ରଖିଥିବାରୁ ଏହାର ନାମାନ୍ତର ପଦ୍ମକ୍ଷେତ୍ର ହୋଇଥିବାର ଜଣାଯାଏ। ପ୍ରସିଦ୍ଧ ଚୀନ୍ ଐତିହାସିକ ହୁଏନ୍‌ସାଂ ୬୩୪ ଖ୍ରୀଷ୍ଟାବ୍ଦରୁ ୬୪୯ ମଧ୍ୟରେ ଭାରତ ପରିଭ୍ରମଣ କରିଥିଲେ। ସେଥିମଧ୍ୟରୁ ସେ ଓଡ଼ିଶା ପରିଦର୍ଶନରେ ଆସିଥିଲେ। ହୁଏନ୍‌ସାଂଙ୍କ ମତାନୁସାରେ ସେତେବେଳେ ଚେଲିତାଲୋ ନାମରେ ଗୋଟିଏ ସହର ଓଡ଼ିଶାର ରାଜଧାନୀ ଥିବାର ସେ ଲେଖିଛନ୍ତି। ଐତିହାସିକ ଶ୍ରୀ ବିସନ ସ୍ୱରୂପ ଚେଲି ତାଲକୁ ଚିତ୍ରୋତ୍ପଳା ଭାବେ ଅଭିହିତ କରିଅଛନ୍ତି। ଚିତ୍ରୋତ୍ପଳାକୁ ଚୀନ୍ ଭାଷୀ ହୁଏନ୍‌ସାଂ ଚେଲିତାଲୋ ବୋଲି ଉଚ୍ଚାରଣ କରିଥିବା ସଂପୂର୍ଣ୍ଣ ସମ୍ଭବବୋଧ ହୁଏ ବୋଲି ସେ ଉଲ୍ଲେଖ କରିଛନ୍ତି। ଚିତ୍ରୋତ୍ପଳାର ଉତ୍ପତ୍ତି ସମ୍ବନ୍ଧରେ ପ୍ରାଚୀ ମାହାତ୍ମ୍ୟରେ ଉଲ୍ଲେଖ ଅଛି ଯେ,

"ପୂର୍ବ କାଳରେ ପ୍ରାଚୀ ତୀରେ।
ଚିତ୍ର ଚାଣ୍ଡାଳ ପୁରକରେ ॥
ସର୍ବ ଜନରେ ନିଷ୍ପାପର।
ହୋଇ ସେଠାରେ କରେ ଘର ॥
ତାସଙ୍ଗେ କର୍ଣ୍ଣିତ ଦ୍ୱିଜ ନାରୀ।
ଉତ୍ପଳା ନାମେ ସେ କୁମାର ॥
ବିହାର କରେ ତା ସଙ୍ଗରେ।ପନ୍ନି
ଭାବରେ ନିରନ୍ତରେ ॥
ପୂର୍ବ ଜନ୍ମର ପାପ ବଳେ।
ସନ୍ତାନ ହୀନ ହେଲା କାଳେ ॥
ଏ ରୂପେ କେତେ କାଳ ଗଲା।
ମରଣ କାଳ ଆସି ହେଲା ॥
ଚିତ୍ର ଉତ୍ପଳା ଦୁହିଁଙ୍କର।
ଜୀବ ଛାଡ଼ିଲା କଳେବର ॥
ସେ ଦୁହିଁଙ୍କର ଦ୍ରବୁ ଜାତ।
ସେ ନଦୀ ସେଦିନୁ ବିଖ୍ୟାତ ॥
ଚିତ୍ରକ ଉତ୍ପଳା ନାମରେ।
ଲିଙ୍ଗ ହୋଇଲେ ଦୁଇ ତୀରେ ॥
କହିଲି ଦ୍ୱିଜବରମାନେ।
ଚିତ୍ର ଉତ୍ପଳା ହେଲା ନାମେ ॥

ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ଚିତ୍ରୋତ୍ପଳା ଯେ, କାଦୁଆ ନଦୀର ଲୁପ୍ତ ଶାଖା ଚନ୍ଦ୍ରଭାଗା ଏଥିରେ ସନ୍ଦେହ ନାହିଁ। କାଦୁଆ ନଦୀର ଯେଉଁ ଠାରୁ ଚନ୍ଦ୍ରଭାଗା ବାହାରିଛି, ସେଠାରେ ଚିତ୍ର ଓ ଉତ୍ପଳା ନାମରେ ଦୁଇଗୋଟି ଗ୍ରାମର ନଦୀର ଦୁଇ ପାଖରେ ଥିବାର ଜଣାଯାଏ। କୋଣାର୍କର ଅଷ୍ଟଶମ୍ଭୁମାନଙ୍କ ମଧ୍ୟରୁ ଚିତ୍ରେଶ୍ୱର ଓ ଉତ୍ପଳେଶ୍ୱର ଏହି ଦୁଇ ଗ୍ରାମରେ ଅବସ୍ଥିତ। ଏହି ସବୁ ଘଟଣା ପ୍ରବାହରୁ ଜଣାଯାଏ ଯେ, ବିଶ୍ୱ ଐତିହ୍ୟ କୋଣାର୍କର ଗୌରବ ଚିରକାଳ ପାଇଁ ମାନବ ସମାଜରେ ଅନନ୍ତ କାଳ ପର୍ଯ୍ୟନ୍ତ ସୁପ୍ରସିଦ୍ଧ ରହିବ। ଏଥିରେ ଦ୍ୱିମତ ନାହିଁ।


ଯୁବସ୍ତମ୍ଭକାର, କୋଣାର୍କ, ପୁରୀ
ମୋ-୯୪୩୮୦୪୦୮୭୧


## ସୁଦକ୍ଷା ବ୍ରତ



ଡକ୍ଟର ଶ୍ରୀହରି ପଣ୍ଡା

ବିଭିନ୍ନ ଦେବାଦେବୀଙ୍କୁ ନେଇ ଆମ ରାଜ୍ୟରେ ଭିନ୍ନ ଭିନ୍ନ ପୂଜା ଓ ବ୍ରତ ଅନୁଷ୍ଠିତ ହେଉଅଛି । ସେହି ପୂଜାବ୍ରତାଦି ମଧ୍ୟରୁ ମା'ଲକ୍ଷ୍ମୀଙ୍କ ପୂଜା ଅନ୍ୟତମ । ଲକ୍ଷ୍ମୀଙ୍କ ପ୍ରମୁଖ ପୂଜା ମଧ୍ୟରୁ ଗୁରୁବାର ମାଣବସା ଏବଂ ସୁଦଶା ବ୍ରତ ଅନ୍ୟତମ । ପଦ୍ମପୁରାଣ ଅନୁସାରେ ଯେଉଁ ମାସ ଶୁକ୍ଳପକ୍ଷ ଦଶମୀରେ ଗୁରୁବାର ପଡ଼େ, ସେହି ଦିନ ଏହି ବ୍ରତ ଅନୁଷ୍ଠିତ ହୋଇଥାଏ । ମା'ଲକ୍ଷ୍ମୀ ହେଉଛନ୍ତି ଧନଧାନ୍ୟ,ଅଶ୍ୱ,ଗୋ,ହସ୍ତୀ,ପୁତ୍ର ଓ ପୌତ୍ର ପ୍ରଭୃତିର ଅଧିଷ୍ଠାତ୍ରୀ ଦେବୀ ;ଏଣୁ ଏହିସବୁ ପ୍ରାପ୍ତି ଉଦ୍ଦେଶ୍ୟରେ ତଥା ଆୟୁଷ ବୃଦ୍ଧି ନିମନ୍ତେ ମା'ଲକ୍ଷ୍ମୀଙ୍କର ପୂଜା କରାଯାଇଥାଏ । "ଅଶ୍ୱଦାୟି ଗୋଦାୟି ଧନଦାୟି ମହାଘନେ,ଧନଂ ମେ ଜୁଷ୍ଟତାଂ ଦେବି ସର୍ବକାମାଂଶ୍ଚ ଦେହି ମେ,ପୁତ୍ର ପୌତ୍ରଧନଂ ଧାନ୍ୟଂ ହସ୍ତ୍ୟଶ୍ୱାଶ୍ୱତରା ରଥମ୍ , ପ୍ରଜାନାଂ ଭବସି ମାତା ଅୟୁଷ୍ମନ୍ତଂ କରୋତି ମେ ।"ଏହି ବ୍ରତ ପରିବାରର ମଙ୍ଗଳ କାମନା କରି ସଧବା ଗୃହିଣୀମାନେ କରିଥାନ୍ତି ।

ବ୍ରତର ନିୟମ ଅନୁସାରେ ବ୍ରତଦିନ ସକାଳେ ଗୃହିଣୀମାନେ ଘରଦ୍ୱାର ଲିପାପୋଛା କରି ଚିତା ପକାନ୍ତି । ପୂଜାପାଠରେ ଚାରିବର୍ଣ୍ଣ ମୁରୁଜରେ ଲକ୍ଷ୍ମୀଙ୍କ ପାଦଚିହ୍ନ ଲେଖାଯାଏ । ପରେ ଲକ୍ଷ୍ମୀଙ୍କ ଆସ୍ଥାନ କଳସ ସ୍ଥାପନ କରାଯାଏ । ଦଶବର୍ଣ୍ଣର ଫୁଲ,ଦଶମୁଖ ଦୀପ,ଫୁଲ,ବରକୋଳି ପତ୍ର ଏବଂ ଦୁବ ଅର୍ପଣ ପୂର୍ବକ କଳସ ପୂଜା ଓ ପରେ ମହାଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୁଏ । ପାଟସୂତାରୁ ଦଶଖିଅ ସୂତାର ବ୍ରତ ତିଆରି କରି ମହାଲକ୍ଷ୍ମୀଙ୍କ ନାମରେ ଦଶଗଣ୍ଠି ପକାଯାଏ । ମହାଲକ୍ଷ୍ମୀଙ୍କର ଦଶ ନାମ ମଧ୍ୟରେ ଲକ୍ଷ୍ମୀ, କମଳା, ପଦ୍ମା, ହରପ୍ରିୟା, ଦାରିଦ୍ର୍ୟ ଭଞ୍ଜନୀ, କୌମେଦକୀ ଗଜବାହିନୀ, ଚଞ୍ଚଳା, ଜାନକୀ, ରକ୍ମଣୀ ଇତ୍ୟାଦି ଦଶନାମ ଧରି ଦଶଗୋଟି ଗଣ୍ଠି ପାକଯାଏ । ଖଟୁଲି ଉପରେ ମହାଲକ୍ଷ୍ମୀଙ୍କର ପ୍ରତୀକ ଭାବରେ ଗୁଆ ଗୋଟିଏ ସ୍ଥାପନ କରାଯାଏ । ଖଟୁଲି ଉପରେ ବ୍ରତ ଓ ଗୁଆ ରଖି ମହାଲକ୍ଷ୍ମୀଙ୍କର ପୂଜା କରାଯାଇଥାଏ । ପୂଜାରେ ମା'ଙ୍କର ପ୍ରିୟ ଭୋଗ ପିଠା ଅର୍ପଣ କରାଯାଏ । ଏହି ଭୋଗକୁ ପରିବାର ସଦସ୍ୟଙ୍କ ଭିନ୍ନ କାହାରିକୁ ଦିଆଯାଇନଥାଏ । ପୂଜାରେ ମହାଲକ୍ଷ୍ମୀଙ୍କୁ ଷୋଡ଼ଶପୋଚାରରେ ପୂଜା ବ୍ରାହ୍ମଣଙ୍କ ଦ୍ୱାରା କରାଯାଇ ବ୍ରତକଥା ଶ୍ରବଣ କରାଯାଇଥାଏ । ବ୍ରତକଥା ଶ୍ରବଣ କରି ପାଟସୂତାରୁ ନିର୍ମିତ ବ୍ରତକୁ ବ୍ରତୀ ନିଜ ଦକ୍ଷିଣ ହସ୍ତରେ ଧାରଣ କରିଥାଏ । ଏହି ବ୍ରତ ହଜାଇବା ଅର୍ଥ ଲକ୍ଷ୍ମୀଛଡ଼ା ହେବାକୁ ବୁଝାଇଥାଏ । ଏହି ବ୍ରତ ସାଧାରଣତଃ ଚଉଦ ବର୍ଷ କରିବାକୁ ବିଧାନ ଅଛି । ବ୍ରତ ଉଝେଇବା ପାଳିରେ ସୁବର୍ଣ୍ଣର ଦଶଗୋଟି ଦୁବ,ଦଶଗୋଟି ତଣ୍ଡୁଳ,ଦଶ ଯୋଡ଼ା ପାଗୁର,ଦଶ ଯୋଡ଼ା ପଇତା,ଦଶ ଗୋଟି ବ୍ରତ,ଦଶଗୋଟା କଜ୍ଜଳପାତି,ଦଶଗୋଟି କୁମ୍ଭ ଆବଶ୍ୟକ ହୋଇଥାଏ ।

ବ୍ରତର କଥାନୁସାରେ ଏକଦା ଇନ୍ଦ୍ର ନାରଦଙ୍କୁ ପଚାରିଥିଲେ,କେଉଁ ବ୍ରତ କଲେ ପ୍ରାଣୀର ସାଂସାରିକ ଜୀବନ ସୁଖମୟ ହୋଇପାରିବ ? ଏହାର ଉତ୍ତରରେ ନାରଦ ସୁଦଶାବ୍ରତ କରିବାକୁ ପରାମର୍ଶ ଦେବା ସହିତ ବ୍ରତୀ ସ୍ୱର୍ଗଲୋକରେ ସ୍ଥାନପାଏ ବୋଲି କହିଥିଲେ । ବ୍ରତର କଥାନୁଯାୟୀ ଜଣେ ବ୍ରାହ୍ମଣୀ ଏହି ବ୍ରତ କରୁଥିବା ସମୟରେ ଗୋଟିଏ ଚିଲ ତାଙ୍କ ବ୍ରତକୁ ଝାମ୍ପି ନେଇଯିବାରୁ ସେ ବ୍ରାହ୍ମଣୀ ନିଜର ଦୁଃଖକୁ ନଳରାଜାଙ୍କୁ କହିଲେ । ପ୍ରଜାବତ୍ସଳ ରାଜା ନିଜ ପତ୍ନୀ ପରିଧାନ କରିଥିବା ବ୍ରତକୁ ବ୍ରାହ୍ମଣୀକୁ ଦାନ କରିଦେବାରୁ ଲକ୍ଷ୍ମୀଛଡ଼ା ହୋଇ ରାଜ୍ୟ ହରାଇବା ସହିତ ଖାଇବାକୁ ନପାଇବା,ଜଙ୍ଗଲରେ ରହିବା,ଫଳ ମୂଳ ନପାଇବା,ନିଜର ସୁବର୍ଣ୍ଣ ଅଳଙ୍କାରାଦି ହଜାଇ ଦେବା ଭଳି ଘଟଣାମାନ ତାଙ୍କ ସହିତ ଘଟେ । ଏହି ପରି ନାନା ହଇରାଣ ହେବା ସହିତ ବିଧିର ନିୟମାନୁଯାୟୀ ସ୍ୱାମୀ ଓ ସ୍ତ୍ରୀ ମଧ୍ୟ ଅଲଗା ହୋଇଯାଆନ୍ତି । ରାଜା ଜୀବିକା ନିର୍ବାହ ନିମନ୍ତେ ଭୀମ ରାଜାଙ୍କ ରୋଷେୟାର କାର୍ଯ୍ୟ କରୁଥିବା ବେଳେ ରାଣୀ ଦାସୀ ଭାବରେ ବଞ୍ଚିବାକୁ ଲାଗିଲେ । ଶେଷରେ ସେହି ରାଜା ଭୀମଙ୍କ ଉଆସରେ ସୁଦଶାବ୍ରତ ପାଳନ ହେବାରୁ ସମସ୍ତ ସଧବା ମହାନନ୍ଦରେ ବ୍ରତ ପାଳନ କଲେ । ରାଣୀ ଦମୟନ୍ତୀ ମଧ୍ୟ ବ୍ରତ ପାଳନ କରିଥିବାରୁ ବ୍ରତର ପ୍ରଭାବରେ ତାଙ୍କର ଭାଗ୍ୟୋଦୟ ହେଲା ଏବଂ ତାଙ୍କର ସ୍ୱାମୀଙ୍କର ଅପହୃତ ରାଜ୍ୟ ହତଶିରୀ ହେବାରୁ ହାତୀ ସୁନାକଳସରୁ ପାଣି ଢାଳି ତାଙ୍କ ସ୍ୱାମୀଙ୍କୁ ନଳଙ୍କୁ ବାଛିବାରୁ ରାଜା ନଳ ଓ ରାଣୀ ଦମୟନ୍ତୀ ନିଜ ରାଜ୍ୟକୁ ଫେରିଯାଇ ରାଜ୍ୟ ଶାସନ କଲେ । ଏହି ବ୍ରତକଥା ନାରଦଙ୍କଠାରୁ ଶ୍ରବଣ କରି ଇନ୍ଦ୍ର ତାଙ୍କୁ ଦକ୍ଷିଣା ଦେଇ ବିଦାୟ ଦେଲେ । ରାଣୀ ସଚି ମହାନନ୍ଦରେ ଏହି ବ୍ରତକୁ ପାଳନ କଲେ।

॥ ଜୟ ଜଗନ୍ନାଥ ॥


ଗୌଡ଼ଗାଁ,କପ୍ତିପଦା,ମୟୂରଭଞ୍ଜ
ମୋ.୯୮୫୩୯୪୮୪୫୮


## ନବ ଉତ୍କଳର ନିର୍ମାତା ଡ଼ଃ ହରେକୃଷ୍ଣ ମହତାବ

ବିଶ୍ୱବିଜୟୀ ଦାଶ

ଭାରତବର୍ଷର ସ୍ୱାଧିନତା ସଂଗ୍ରାମୀ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ବମ୍ବେର ପୂର୍ବତନ ରାଜ୍ୟପାଳ, ବିଶିଷ୍ଟ ଲେଖକ, ସାରସ୍ୱତ ସାଧକ, ନବ ଉତ୍କଳ ନିର୍ମାଣର ପୁରୋଧା କୀର୍ତ୍ତିମାନ ଡ଼ଃ ହରେକୃଷ୍ଣ ମହତାବ। ଡ଼ଃ ହରେକୃଷ୍ଣ ମହତାବ ୧୮୯୯ ମସିହା ନଭେମ୍ବର ୨୧ ତାରିଖ ରେ ଓଡ଼ିଶାର ଭଦ୍ରକ ଜିଲ୍ଲାର ଆଗରପଡାଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ କୃଷ୍ଣ ଚରଣ ମହତାବ ଓ ମାତାଙ୍କ ନାମ ତୋହଫା ଦେବୀ। ତାଙ୍କର ମାଟ୍ରିକ ପଢ଼ା ଭଦ୍ରକ ହାଇସ୍କୁଲରେ ସମାପ୍ତ ହୋଇଥିଲା, ତାପରେ କଟକର ରେଭେନ୍ସା କଲେଜରେ ପାଠ ପଢ଼ିଥିଲେ। ୧୯୨୧ ମସିହାରେ ପାଠ ପଢ଼ା ଛାଡ଼ି ଭାରତର ସ୍ୱାଧିନତା ସଂଗ୍ରାମରେ ନିଜକୁ ନିୟୋଜିତ କରିଥିଲେ। ୧୯୨୩-୨୪ରେ ଡ଼ଃ ମହତାବ ଓଡ଼ିଶା ପ୍ରଜା ଆନ୍ଦୋଳନର ନେତୃତ୍ୱ ଗ୍ରହଣ କରି କାରାବରଣ କରିଥିଲେ । ୧୯୨୪ ମସିହାରେ ସେ ତତ୍କାଳୀନ ବିହାର-ଓଡ଼ିଶା ପ୍ରଦେଶର ସଭ୍ୟ ରୂପେ ନିର୍ବାଚିତ ହୋଇଥିଲେ।

୧୯୩୦-୩୧ରେ ବାଲେଶ୍ୱରର ଇଞ୍ଚୁଡ଼ିଠାରେ ଲବଣ ସତ୍ୟାଗ୍ରହ ଓ ଆଇନ ଅମାନ୍ୟ ଆନ୍ଦୋଳନକୁ ପରିଚାଳନା କରି ଦୁଇ ଥର କାରାବରଣ କରିଥିଲେ। ୧୯୩୬ ମସିହାରେ ନିଖିଳ ଭାରତ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟ ମନୋନୀତ ହୋଇ ୧୯୪୬ ପର୍ଯ୍ୟନ୍ତ ଅବସ୍ଥାପିତ ଥିଲେ । ୧୯୩୭ରେ ସେ ଓଡ଼ିଶା ରାଜ୍ୟ କଂଗ୍ରେସରେ ସଭାପତି ଭାବେ ଯୋଗଦାନ କରିଥିଲେ । ୧୯୩୮ରେ ସେ ଜାତୀୟ କଂଗ୍ରେସର କାର୍ଯ୍ୟକାରୀ ସମିତିର ସଭ୍ୟରୂପେ ମନୋନୀତ ହୋଇଥିଲେ । ୧୯୪୬ରୁ ୧୯୫୦ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ ଓ ପୁନର୍ବାର ୧୯୫୬ରୁ ୧୯୬୧ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। (କ୍ରମଶଃ)




+ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋବାଇଲ: ୬୩୭୦୨୦୮୪୨୮


## କବିତା କୋଣାର୍କ

### ଜୀବନର ସ୍ୱରଲିପି...

ବିନୟ କୁମାର ସାମଲ

ବର୍ଷା ଆସେ ଧରା ହସେ,
ସବୁଜିମାର ପରଶେ,
ଶିହରାଇ ତନୁମନ ଜାଗେ
ପ୍ରେମ ଅଙ୍କୁରଣ,
ଶରତ ସକାଳେ ଆହା
ଝରାସେଫାଳିର ମାୟା,
ଭୁରୁ ଭୁରୁ ସୁଗନ୍ଧ ତା' ପ୍ରାଣ
ପୁଲକିତ କରେ,
ହେ ସାଥୀ !
କେବେ ଭିଯାଇଛ ନିଜକୁ
ପ୍ରଭାତର ଶିଶିର ମୁକ୍ତାରେ ?

ଫଗୁଣେ ବସନ୍ତ ଆସେ
ମଳୟର ଆବାହନେ,
ରସାଳ ଶାଖା ଗହଳେ
କୋଇଲିର କୁହୁତାନେ,
କୃଷ୍ଣଚୂଡ଼ା ଢ଼ାଳିଦିଏ
ରଙ୍ଗର ଫଗୁ ଅବିର,
ହେ ସାଥୀ !
କେବେ ହଜାଇଛ ନିଜକୁ
ପ୍ରକୃତିର ସ୍ନିଗ୍ଧ ସୁଷମାରେ ?

ଅକାଳ ବରଷା ଝଡେ
ପ୍ରେମ କଢ଼ି ଝରି ପଡେ,
କାଳବୈଶାଖୀ ଭୟରେ
ସପନର ବଗିଚାରେ,
ଶ୍ରୀହୀନ କୈଶୋର ସ୍ୱପ୍ନ
ଯୌବନ ବି ରଙ୍ଗହୀନ,
ଜୀବନର ଫଗୁଣରେ
ମଳୟ ବି ଗନ୍ଧହୀନ,
ହେ ସାଥୀ !
ଅନୁଭବିଛକି ସେ ଜ୍ୱାଳା
ଜୀବନର ମଧ୍ୟାହ୍ନରେ ?

ସ୍ୱପ୍ନ ଓ କଳ୍ପନା ସବୁ
ପିଲାବେଳ ବାଲିଘର,
ପ୍ରେମ ଓ ବାସନା ଖାଲି
ମରିଚିକା ମରୁଝର,
ଜୀବନଟା ବେସାହାରା
ଛଳନାର ଜଉଘରେ,
ହଜିଯାଏ ପରିଚୟ ସ
ପ୍ନଭଙ୍ଗ ଜୀବନରେ,
ହେ ସାଥୀ !
ବୁଝିପାରିଛକି ଏହା ଜୀବନର
କ୍ଲାନ୍ତ ସାୟାହ୍ନରେ ?

ଜୀବନ ବୀଣାର ତନ୍ତ୍ରୀ
ବେସୁରା ରାଗିଣୀ ତୋଳେ,
ବୁଡ଼ିଯାଏ ମନର ମରାଳ ଶୂନ୍ୟ
ନିରାଶାର ଜଳେ,
ଭାବନାର ଦିଗ୍ ବଳୟଭେଦି
'ଜୀବନରସଂଜ୍ଞା' ଖୋଜେ
ଅସାର ସଂସାର ମାୟା ଅବୁଝା
ମନଟା ବୁଝେ,
ହେ ସାଥୀ !
ଖୋଜି କି ପାରିବ ସେ 'ସଂଜ୍ଞା'
ଏଇ ଅନ୍ତିମ ବେଳାରେ ?


+ବେଡାପଡ଼ା, ହିନ୍ଦୋଳ
ଜିଲ୍ଲା- ଢେଙ୍କାନାଳ-୭୫୯୦୧୯
ଦୂରଭାଷ-୯୩୩୭୨୪୯୦୬୮


## କବିତା କୋଣାର୍କ

### ମୁଖା...

ବୈଷ୍ଣବ ମେହେର

ସବୁକିଛି ଓଲଟପାଲଟ
ଗାଁ'ର ଚିତ୍ର ଭଳି
ବଦଳି ଯାଉଛି ଚତୁଃପାର୍ଶ୍ୱ
ଉଡ଼ା ମେଘର ଭିଡ଼ ଭିତରେ
ବାଟହୁଡ଼ା ପଥିକକୁ
ସବୁ ଅଜଣା ସବୁ ଅଚିହ୍ନା
ଚଉକତି ର ଚାରି ରାସ୍ତାରେ
ବାଟ ଓଗାଳୁଛି ସଜଫୁଟା ପ୍ରଶ୍ନ,
ଘେରିଥିବା-
ଅନେକ ଅନ୍ତରର ଅନ୍ତରଙ୍ଗ
ସମସ୍ତେ ବହୁରଙ୍ଗୀ
ଆଉ ଯିଏ କହେ
ମୁଁ ଏବେ ଅବାଟରେ ବୋଲି
ସେ ହିଁ ମୋର ଖୁବ ନିଜର
ଜାଣେ ମୋତେ...
ଚିହ୍ନେ ମୋ ପାଦ ଓ ବାଟକୁ ।
କେଉଁ ଆଡ଼େ ଯିବି
ଆଗରେ ଯେତେ ଶିଙ୍ଗ
ପଛେ ବି ସେତେ ନାତ,
ମଝି ସମୁଦ୍ରରେ ଲଢ଼ିବି
ନା' ସାଲିସ୍ କରିନେବି
କୁମ୍ଭୀର ସହ ଭାଗବଣ୍ଟା ହେବ
ମଣିଷପଣିଆ ଆଉ ପଶୁତ୍ୱର
ଅଧେ ତା'ର ଅଧେ ମୋର
ମୁଁ କୁମ୍ଭୀର ଏ ମଣିଷ
ମୁଁ ମଣିଷ ସେ କୁମ୍ଭୀର
ଏମିତି ଚୁକ୍ତିଟିଏ ତ କରିବାକୁ ହେବ
ବଂଚିବାକୁ ଅବଶିଷ୍ଟ ଆୟୁଷ ।


+ଶିକ୍ଷକ
ସିନାପାଲି, ନୂଆପଡ଼ା


### କରୋନା ଲଢେଇ ଜିତିବା ଆସ...

ପଦ୍ମାଳୟା ସାମଲ



କରୋନାର ଦ୍ୱିତୀୟ ଲହର
ବେଳୁଁବେଳ ସ୍ଥିତି ଭୟଙ୍କର
ମୁଣ୍ଡ ଉପରେ ପୁଣି ସେଇ
ଚିରା ଗଣ୍ଠିଲି ଜୀବନର ବୋଝ ।

ଅନିଶ୍ଚିତ ସମୟ
ଅସ୍ପଷ୍ଟ ଦିଗବଳୟ
ଆଲିଙ୍ଗନରେ ଆଶଙ୍କା
ପଙ୍ଗତରେ ଏକା ଏକା
ଜୀବନ ଅସ୍ତବ୍ୟସ୍ତ
ଜୀବିକା ବିପର୍ଯ୍ୟସ୍ତ ।
ସମ୍ପର୍କର ବ୍ୟାଧିରେ ସମସ୍ତେ ପୀଡିତ
ଉନ୍ମୁକ୍ତ ଆଶା, ଆଶଙ୍କା ଓ ଭୟରେ
ସଦା ଜର୍ଜରିତ ।

ନିଜକୁ ଲୁଚେଇବାକୁ ସମସ୍ତେ ତତ୍ପର
ଜୀବନର ଗତିକୁ କରୁଛି ମନ୍ଥର
ଚଳନ୍ତି ସମୟ ସତରେ,
ହୋଇଯାଇଛି ଅଚଳ ।

ମାଟି ଫଟେଇ ଅଂକୁରିଥିବା
ଚାରାଗଛମାନଙ୍କ ପରି
ପେଟରୁ ପାଟିରୁ ସ୍ଫୁରିତ ହେଉଥିବା
ଆକୁଳ ଚିତ୍କାର ଆଉ ସହିହୁଏନା ।

ଏମିତି ଆଉ କେତେ କାଳ ??
କେବେ ସମୟକୁ ଦେବ ସ୍ଥାପତ୍ୟ ?
ଉଡାଇଚାଲିବ ସମୃଦ୍ଧିର ନେତ
ଗଡ଼ାଇ ଚାଲିବ ପ୍ରଗତିର ରଥ ?

ଅନ୍ତରରୁ ଆଶ୍ୱାସନାଟିଏ ମିଳେ -
ସଚେତନତା ହିଁ
କରୋନାକୁ କରିବ ପରାସ୍ତ
ଏ ସମୟ ଚାଲିଯିବ
ଅନ୍ତହୀନ ମଣିଷର ଯାତ୍ରା
ପୁଣି ହେବ ମହିମାନ୍ୱିତ
ଉଡାଣ ହେବ ଅସୀମିତ
ଭିନ୍ନଭିନ୍ନ ହେଲେ ମଧ୍ୟ ଭାବରେ
ଆମେ ସମସ୍ତେ ଏକତ୍ର
ଅନ୍ୟ ପାଇଁ ବଂଚିବାରେ ଅଛି
ନିଜେ ବଂଚିବାର ମହାମନ୍ତ୍ର ।


+ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨








## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ


ଡ. ସିନ୍ଧୁ ସେନ




ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

### ଭାଗ-୧୪

କିଏ ତୁମେ ବାଳକ ?

ଗୁରୁଦେବଙ୍କ ପ୍ରଶ୍ନରେ ମୁହଁ ଉଠାଇ ଅନାଇଲା ସେ ।

ମୁଁ ନିଷାଦ, ଏଇ ଶବର ରାଜ୍ୟରେ ମୋର ଘର । ନାମ ଏକଲବ୍ୟ ।

ଏକଲବ୍ୟ ! ବାଃ.... ବେଶ୍ ନାମଟି । ତେବେ ତୁମର ଏଠିକୁ ଆସିବାର ଅଭିପ୍ରାୟ ?

ମହାଭାଗ, ଅନେକ ଆଶା ନେଇ ମୁଁ ଏଠିକୁ ଆସିଛି । ହେଲେ ଛୋଟ ମୁହଁରେ ବଡ଼କଥା କହିବାର ସାହସ ହେଉନି । ଯଦି ଆପଣଙ୍କ ଅନୁମତି ମିଳନ୍ତା....

ସଶ୍ରଦ୍ଧ ଭକ୍ତିରେ ବିନମ୍ର ହାତଯୋଡ଼ି ଏକଲବ୍ୟ ଅପେକ୍ଷା କରିଥିଲା ଗୁରୁଙ୍କ ଆଦେଶକୁ । ଆଉ ମୁଁ ତା ମୁହଁକୁ ଏକଲୟରେ ଅନାଇ ମନେମନେ କଳ୍ପନା କରୁଥିଲି, କଣ ସେ କହିବାକୁ ଚାହୁଁଛି । ମୋ ମନରେ ପ୍ରବଳ ଉତ୍କଣ୍ଠା, ତାର ଆଚାର, ବ୍ୟବହାର, ପୋଷାକପତ୍ର, ରୂପରଂଗ ସବୁ କିଛି ଆମପାଇଁ ନୂଆ । ତେଣୁ ଆମ ମନରେ ଭରି ରହିଥିଲା କୌତୁକତା ।

ମନେମନେ ଭାବୁଥିଲି, ଆଚାର୍ଯ୍ୟଙ୍କ ଠାରେ ନିଶ୍ଚେ କିଛି ଅଲୌକିକ ଶକ୍ତି ଅଛି, ଯାହାଫଳରେ ସମସ୍ତେ ହିଁ ତାଙ୍କୁ ଭୟ କରୁଥିଲେ ସମ୍ମାନ ମଧ କରୁଥିଲେ । ବାଳକ ଏକଲବ୍ୟ ତେଣୁ ବୋଧହୁଏ ସଂଶୟରେ ପଡ଼ି ଯାଇଥିଲେ । ଯଦି ତାର କଥା କିଛି ଗୁରୁତର ହୋଇଥାଏ, ତେବେ, ଆଚାର୍ଯ୍ୟଙ୍କ କୋପ ପଡ଼ିଯିବ ତା ଉପରେ । ଆଉ ତା ପରେ, ବିଚାରୀ କିଶୋର ମନରେ କେତେ ଆଘାତ ନ ପାଇବ ସେ । ହେ ପ୍ରଭୁ, ସେମିତି କିଛି ଅଘଟଣ ନ ଘଟୁ । ତାକୁ ଦେଖିଲା ମୁହୂର୍ତ୍ତରୁ ମୋର କାହିଁକି ଅନୁକମ୍ପା ଜାଗୁଥିଲା । ଇଚ୍ଛା ହେଉଥିଲା ଦୌଡ଼ିଯାଇ ତାକୁ ଆଲିଙ୍ଗନ କରନ୍ତି । ପଚାରନ୍ତି କୁହ ଏକଲବ୍ୟ ତୁମର ଇଚ୍ଛା କ'ଣ ?

ତାର ନିରବତା ମୋ ମନରେ ବଢ଼ାଉଥିଲା ଅସ୍ଥିରତା । ଏଥର ମୁହଁ ଖୋଲିଲେ ଗୁରୁଦେବ ।

ଚୁପ୍ ରହିଲ ଯେ ?

କୁହ, ତୁମ ମନର ଅଭିପ୍ରାୟ ?

ଆପଣ ଦୟା କଲେ ମୁଁ ଏଠାରେ ଅସ୍ତ୍ରଶିକ୍ଷା କରନ୍ତି ।

କ୍ଷଣିକ ପୂର୍ବରୁ ଆଚାର୍ଯ୍ୟଙ୍କ ମୁହଁର ସ୍ୱଚ୍ଛତାରେ ଦେଖାଗଲା ଏକ ବିରାଟ ପରିବର୍ତ୍ତନ । ସତେଯେମିତି ଏକ ବିସ୍ଫୋରଣ ସୃଷ୍ଟି ହେଲା ତାଙ୍କ ଭିତରେ । ଭୀଷଣ ଉତ୍ତେଜନାରେ ସେ ଥରୁଥିଲେ । କ୍ରୋଧରେ ଆଖି ଦୁଇଟି ଜଳୁଥିଲା ଯେମିତି । ଗୁରୁଦେବଙ୍କ ଏହି ରୂପ ଦେଖି ଆମେ ସମସ୍ତେ ଭୟରେ ଥରୁଥିଲୁ ।

ତୁମ ଆସ୍ପର୍ଦ୍ଧା ତ କିଛି କମ୍ ନୁହେଁ । ଏମିତି ଇଚ୍ଛା ପ୍ରକଟ କରିବାକୁ ସାହସ କଲ କେମିତି ? ଜାଣିଛ ତୁମେ କାହା ସାମ୍ନାରେ ଛିଡ଼ା ହୋଇଛ । ଆଉ କାହାକୁ ଏକଥା କହୁଛ ? ସାମାନ୍ୟ ନିଷାଦ ବାଳକ । ବାମନ ହୋଇ ଚନ୍ଦ୍ର ପାଇବାର ଆଶା ରଖିଛ ମନରେ । ପୁଣି ମୋରି ସାମ୍ନାରେ ଛିଡ଼ାହୋଇ ଏ କଥା କହିବାର ଆସ୍ପର୍ଦ୍ଧା । ଯାଅ, ଶୀଘ୍ର ଏ ସ୍ଥାନ ଛାଡ଼ି ଚାଲିଯାଅ । ଏମିତି ଭୁଲ୍ ଆଉ କେବେ କରିବାକୁ ସତ୍‌ସାହସ କରିବନି ।

ମୁଣ୍ଡ ତଳକୁକରି କୃତାଞ୍ଜଳି ପୁଟେ ତଳେ ଲୋଟିପଡୁଥିଲା ଏକଲବ୍ୟ ।

ମୋ ଦୋଷ କ୍ଷମା କରନ୍ତୁ ଆଚାର୍ଯ୍ୟ । ବାମନ ହୋଇ ଚନ୍ଦ୍ର ଧରିବାର ଆଶା ମନରେ ପାଞ୍ଚି ଭୁଲ୍ ତ ନିଶ୍ଚୟ କରିଛି । ହେଲେ ମୋ ପ୍ରତି କୃପା କରନ୍ତୁ । ଥରୁଟିଏ ପରୀକ୍ଷା କରି ଦେଖନ୍ତୁ, ଅସ୍ତ୍ରଶିକ୍ଷା କରିବାର ସମସ୍ତ ଯୋଗ୍ୟତା ମୋ ଠାରେ ଅଛି କି ନାହିଁ । ମନେମନେ ମୁଁ ଆପଣଙ୍କୁ ଗୁରୁ ବୋଲି ମାନି ନେଇଛି, ପ୍ରଭୁ । ଏଇ ତୂଣୀର, ଶର ଛୁଇଁ ଶପଥ କରି କହୁଛି, ଆପଣଙ୍କ ଆଦେଶ ମର୍ମେମର୍ମେ ପାଳନ କରିବି । ନୀଚକୁଳରେ ଜନ୍ମପାଇଛି ବୋଲି ରାଜକୁମାର ମାନଙ୍କ ଠାରୁ ଦୂରତା ରଖି ଅସ୍ତ୍ରଶିକ୍ଷା କରିବି । ସେମାନଙ୍କ ଶିକ୍ଷାରେ ବ୍ୟାଘାତ ସୃଷ୍ଟି କରିବି ନାହିଁ । ମୋତେ କେବଳ ଆପଣଙ୍କ ଶିଷ୍ୟରୂପେ ସ୍ୱୀକାର କରନ୍ତୁ । ମୋ ପାଇଁ ଆପଣ ହିଁ ଈଶ୍ୱର, ଗୁରୁ, ଦେବତା । ମୋତେ କେବଳ ଥରୁଟିଏ କହନ୍ତୁ, ମୋତେ ଆପଣ ଶିଷ୍ୟରୂପେ ଗ୍ରହଣ କରିଛନ୍ତି ବୋଲି ।

ଲଜ୍ଜା ଓ ଅଭିମାନରେ ଏକଲବ୍ୟର କଣ୍ଠ ଥରି ଉଠୁଥିଲା । ଆଉ ଏସବୁ ଦୃଶ୍ୟ ଦେଖି ମୁଁ ବି ଥରୁଥିଲି । ଭାବୁଥିଲି ସେ ବି ଜଣେ ନୀଚକୁଳ ଜାତ, ଅବହେଳିତ । ଆଶ୍ରମର ଅନ୍ୟାନ୍ୟ ଅନ୍ତେବାସୀମାନେ ତାକୁ କେମିତି ଗ୍ରହଣ କରୁଥିଲେ କେଜାଣି । ହେଲେ ମୁଁ ପଢ଼ିପାରୁଥିଲି ତାର ଛଳଛଳ ଆଖିର ପରିଭାଷାକୁ । ରକ୍ତ କୋଷର ଗଭୀର କ୍ଷତକୁ ।

ବାରମ୍ବାର ସେ ଆଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଭୂମିଷ୍ଠ ପ୍ରଣାମ ଜଣାଇ ବିନମ୍ର ନିବେଦନ କରୁଥିଲା । ବହୁ କାକୁସ୍ଥ ହୋଇ ଝରଝର ଅଶ୍ରୁଧାର ଝରାଇ ଚାଲିଥିଲା । ହେଲେ, ତାର ଉଷୁମ ଲୁହର ଛିଟା ଆଚାର୍ଯ୍ୟଙ୍କ ହୃଦୟକୁ ସ୍ପର୍ଶ କରିପାରୁ ନଥିଲା । ସତରେ କି ନିଷ୍ଠୁର ତାଙ୍କର ହୃଦୟ ।

ଏକଲବ୍ୟ ! ହୋଇପାରେ ନିଷାଦ କୁଳରେ ଜନ୍ମିତ । ହେଲେ, ତା ଦେହରେ ବି ରକ୍ତ ଅଛି, ତାତି ଅଛି । ଅଛି ବି ଉତ୍ତେଜନା, ଆଶା, ଆବେଗ, ଆକାଂକ୍ଷା ଶିଷ୍ୟତ୍ୱ ପାଇବା ପାଇଁ କି ବିକଳ ପ୍ରାର୍ଥନା ତାର । ଏତେ କାତରତା, ଏତେ ବ୍ୟାକୁଳତା ପରେ ବି ଖାଲି ହାତରେ ତାକୁ ଫେରିବାକୁ ପଡ଼ିବ ।

ଏକଲବ୍ୟର ବ୍ୟାକୁଳତାର ଦୃଶ୍ୟପଟ ଦେଖିବାର ଧୈର୍ଯ୍ୟ ମୋର ନଥିଲା । ମୋ ରକ୍ତ ତାତି ଉଠୁଥିଲା ଆଚାର୍ଯ୍ୟଙ୍କ ଏହି ଅନ୍ୟାୟ ଲକ୍ଷ୍ୟକରି । ସମାଜର ଏହି ଉଚ୍ଚ ନୀଚର ବିଭେଦ ପାଚେରିକୁ ଭାଂଗିଦେବାକୁ ମନ ମୋର ଉତ୍ସୁକ ହୋଇ ଉଠୁଥିଲା । ହେଲେ, ମୁଁ ତ ଏଠି ସୂତକୁମାର, ମୋର ମଧ ଦିନେ ଏକଲବ୍ୟ ପରି ଅବସ୍ଥା ହୋଇଥିଲା । କେବଳ ମହାରାଜ ଆଉ ଭୀଷ୍ମଦେବଙ୍କ କୃପାରୁ ସିନା ମୋତେ ଶିଷ୍ୟତ୍ୱ ମିଳିଥିଲା । ନହେଲେ ମୁଁ ବି ତ ଚିର ଅବହେଳିତ, ଘୃଣିତ । ଆଜି ଏକଲବ୍ୟକୁ ଦେଖି ମୋ ରକ୍ତକୋଷରେ ବି ଝଡ଼ ଉଠୁଛି । ମୋର ଯେମିତି ମନେ ହେଉଥିଲା ସେଠି ଏକଲବ୍ୟ ନୁହେଁ, ମୁଁ ନିଜେ ହିଁ ପ୍ରାର୍ଥୀ ରୂପେ ଆଚାର୍ଯ୍ୟଙ୍କ ସମ୍ମୁଖରେ ଛିଡ଼ା ହୋଇଛି । ଆଉ ଆଚାର୍ଯ୍ୟ ମୋତେ ଭର୍ତ୍ସନା କରୁଛନ୍ତି । ଉପସ୍ଥିତ ସମସ୍ତେ ହିଁ ମୋତେ ପରିହାସ କରୁଛନ୍ତି । ଆଚାର୍ଯ୍ୟଙ୍କ ପରି ବେଦଜ୍ଞ, ଜ୍ଞାନୀ ଗୁରୁଙ୍କ ଶିଷ୍ୟତ୍ୱ ମିଳିବା କ'ଣ ଏତେ ସହଜ । ତେବେ ଶିଷ୍ୟ କିଏ ? ଆଉ ଗୁରୁ କିଏ ? ସେ ପ୍ରଶ୍ନ ମୋ ମନରେ ସଂଶୟ ଭରି ଦେଇଥିଲା । ଏକତରଫା ଭାବେ କେହି କାହାର ଗୁରୁ ହୋଇପାରେନା କି ଶିଷ୍ୟ ମଧ । ଆମେ ଆଜି ସବୁ ଶିଷ୍ୟ ଦ୍ରୋଣାଚାର୍ଯ୍ୟଙ୍କୁ ଗୁରୁରୂପେ ମାନି ନେଇଛୁ । ଆମରି ପାଇଁ ସେ ଗୁରୁଦେବ । କାଲି ଯଦି କେହି ତାଙ୍କୁ ଗୁରୁ ବୋଲି ଅମାନ୍ୟ କରେ !?

ତେବେ, ଜଣେ ଯଦି ଶୁଦ୍ଧ, ସ୍ୱଚ୍ଛ କାୟମନୋବାକ୍ୟରେ ଗୁରୁ ରୂପେ ବରଣ କରି ପୂଜ୍ୟପୂଜା ଆସନରେ ବସାଇ ନିଷ୍ଠାର ସହ ଭକ୍ତିଅର୍ଘ୍ୟ ବାଢ଼ି ଦେଉଛି ତେବେ, ତାକୁ ଗ୍ରହଣ କରିବାରେ ବାଧା କାହିଁକି ? ଏ କ୍ଷେତ୍ରରେ ଗୁରୁଦେବଙ୍କ ଅସୁବିଧା କ'ଣ ? ଅଥଚ ଏଠି ଗୁରୁଦେବ ରୋକଠୋକ୍ ପ୍ରତ୍ୟାଖ୍ୟାନ କରି ଦେଉଛନ୍ତି କାହିଁକି ? ନିଷାଦ କୁଳରେ ଜନ୍ମନେବା ଏକଲବ୍ୟ ପାଇଁ ଅଭିଶାପ ନା ଅପରାଧ ।

ଏକଲବ୍ୟର ବାରମ୍ବାର ଅନୁନୟ ଭରା ବିକଳ ପ୍ରାର୍ଥନା କିନ୍ତୁ ଆଚାର୍ଯ୍ୟଙ୍କ ରକ୍ତକୋଷରେ ଶୀତଳତା ଭରିପାରି ନଥିଲା । ବରଂ କ୍ରମଶଃ ସେ କ୍ଷିପ୍ର ଓ କ୍ରୋଧୀ ହୋଇ ଉଠୁଥିଲେ ନିଷାଦ କୁମାର ପ୍ରତି । କ୍ରୋଧ, ଘୃଣାରେ ଜର୍ଜରିତ ତନୁମନ ତାଙ୍କର ଏଭଳି ଭୟଙ୍କର ହୋଇ ଉଠୁଥିଲା ଯେ, ସତେ ଯେମିତି କ୍ଷଣିକରେ ସେ ଜାଳିପୋଡ଼ିଦେବ ଏକଲବ୍ୟଙ୍କୁ ।

ଏକଲବ୍ୟ କିନ୍ତୁ ନିର୍ବିକାର । ବେଶ୍ ଦୃଢ଼ତାର ସହ କହି ଯାଉଥିଲା । "ଆପଣ ହିଁ ମୋର ଗୁରୁଦେବ, ଆଉ ଦ୍ୱିତୀୟ ଗୁରୁ ଗ୍ରହଣ କରିବାର ଆବଶ୍ୟକତା ମୋର ନାହିଁ । ଦିନ ଆସିବ, ମୁଁ ଯେ ଆପଣଙ୍କର ଜଣେ ଯୋଗ୍ୟ ଶିଷ୍ୟ, ସେ ପରିଚୟ କେବଳ ଆପଣ ଏକାକୀ ନୁହେଁ, ସମଗ୍ର ଜଗତ ପାଇବ, ସେ ମନୋବଳ ମୋର ଅଛି । ତେଣୁ ଯିବାପୂର୍ବରୁ ଦୃଢ଼ତାର ସହ ଏତିକି କହିବି, ମୁଁ ଆଜି ଶୂନ୍ୟ ହାତରେ ଫେରିଗଲେ ବି ଦିନ ଆସିବ ମୋତେ ଶିଷ୍ୟରୂପେ ସ୍ୱୀକାର କରିବାକୁ ଆପଣ ବାଧ ହେବେ ।"



ଏକଲବ୍ୟର ଏ ପଦକ୍ଷେପ ନିମନ୍ତେ ମୋ ମନରେ ଗର୍ବ ଆସୁଥିଲା । ମନେମନେ ମୁଁ ତାର ଯୁକ୍ତିକୁ ତାରିଫ୍ କରୁଥିଲି । ସାବାସ୍, ସାବାସ୍ ଏକଲବ୍ୟ । ଧନ୍ୟ ତୁମର ସାହସ । ଆଜିର ଘଟଣା କାଳର ବକ୍ଷରେ ଦିନେ ଆଲେଖ୍ୟ ଲେଖିବ । ତୁମେ ହିଁ ହେବ ନିଷାଦ କୁଳର ଗର୍ବ ଓ ଗୌରବ । ନୀଚଜାତି ମାନଙ୍କ ପାଇଁ ତୁମେ ହେବ ଆଦର୍ଶ । ଇତିହାସ ବକ୍ଷରେ ତୁମ ଜୀବନୀ ଦିନେ ନା ଦିନେ ଆଲେଖ୍ୟ ବହନ କରିବ । ତୁମେ କେବଳ ଜଣେ ନୀଚକୁଳ ଜାତ ସାଧାରଣ ଶବର ନୁହଁ । ଜଣେ ଅଲୌକିକ ପୁରୁଷ ଭାବେ ଇତିହାସ ପାଲଟିଯିବ ।

ସେଦିନ ସେହି ଘଟଣା ମୋ ମନରେ ଏମିତି ଆଲୋକପାତ କରିଥିଲା, ଯାହା ଫଳରେ କି ସାରାଟି ଦିନ ମୁଁ ଅନ୍ୟମନସ୍କ ହୋଇ ପଡୁଥିଲି । ପାଠ ଅଭ୍ୟାସ କରି ପାରୁ ନଥିଲି । ମୋ ଆଖି ସାମନାରେ ଦୃଶ୍ୟପଟ ହେଉଥିଲା କେବଳ ସେହି ଗୋଟିଏ ଦୃଶ୍ୟ । ମନ ମୋର ବିଦ୍ରୋହ କରି ଉଠୁଥିଲା ।

ଦ୍ରୋଣାଚାର୍ଯ୍ୟ ମୋର ଗୁରୁଦେବ । ପୂଜ୍ୟ, ନମସ୍ୟ ତାଙ୍କର ଭୁଲ୍ ଧରିବା ମୋ ପାଇଁ ଅଧର୍ମ । ହେଲେ, ସେ ଯାହା ଶିକ୍ଷା ଦେଉଛନ୍ତି, ସେ ବି କ'ଣ ଭୁଲ୍ । ଅନେକଥର ସେ ଆମକୁ କହିଛନ୍ତି ପ୍ରତିଟି ମଣିଷ ଭାଇଭାଇ । ସମସ୍ତଙ୍କ ଦେହରେ ଏକଇ ପ୍ରକାର ରକ୍ତ । ଅଥଚ କାର୍ଯ୍ୟରେ ତାହା ଦେଖାଇପାରୁ ନାହାଁନ୍ତି କାହିଁକି ? ଆଜି ଯେପରି ଭାବରେ ଏକଲବ୍ୟକୁ ଏଠୁ ଫେରାଇ ଦିଆଗଲା, ଏହା କ'ଣ ଆଚାର୍ଯ୍ୟଙ୍କ ମହତ୍‌ବାଣୀର ବିରୋଧୀ ନୁହଁ । ତେବେ, ଏଭଳି ଆଚାର୍ଯ୍ୟଙ୍କ ଠାରୁ ଆମେ ଶିଖିବୁ କ'ଣ ? ନିଷାଦ କୁମାର ଏକଲବ୍ୟ ଦେହର ରକ୍ତର ରଂଗ କ'ଣ ଲାଲ ନୁହେଁ ? ତା ମନରେ କ'ଣ ଆଶା, ଆବେଗ, ଆକାଂକ୍ଷା କିଛି ନାହିଁ । ବିଦ୍ୟାଶିକ୍ଷା ପାଇଁ କୁଳ, ଗୋତ୍ର କ'ଣ ଏକମାତ୍ର ପରିଚୟ ? ଯୋଗ୍ୟତା ? ଯଦି ତାହାହିଁ ଠିକ୍ ତେବେ ଆଚାର୍ଯ୍ୟ ଆମକୁ ସମଦୃଷ୍ଟିରେ ଦେଖିବାକୁ ଉପଦେଶ ଦେଉଛନ୍ତି କାହିଁକି ?

ମନେମନେ ମୁଁ ଉତ୍ତେଜିତ ହୋଇ ପଡୁଥିଲି । ଇଚ୍ଛା ହେଉଥିଲା ଏଇ ମୁହୂର୍ତ୍ତରେ ପ୍ରତିବାଦ କରି କମ୍ପାଇ ଦେବି ଆଶ୍ରମକୁ । କିନ୍ତୁ ନା ଏ ସମୟ ଏଥିପାଇଁ ଉପଯୁକ୍ତ ନୁହେଁ । ମୁଁ ବି ଜଣେ ସୂତକୁମାର । ଏକଲବ୍ୟର ଶେଷ କେଇପଦ ବାକ୍ୟ ମୋ ଶିରା ପ୍ରଶିରାରେ ଗୁଞ୍ଜରଣ ସୃଷ୍ଟି କରୁଥିଲା । ସତେକି ଧମନୀ ମୋର ଫାଟିଯାଇ ରକ୍ତ ଝରିଯିବ ଏଇ ମୁହୂର୍ତ୍ତରେ । ହେଲେ, ନିରବରେ ମୋର ପ୍ରତିବାଦର ସ୍ୱର ମିଳେଇ ଯାଉଥିଲା । ବ୍ୟର୍ଥତାର ପାହାଚରେ ଛିଡ଼ା ହୋଇ ମୁଁ ଯେବେ ଊର୍ଦ୍ଧ୍ୱକୁ ଦେଖୁଥିଲି, ମନେ ହେଉଥିଲା ସମୟ ଆସିଲେ ନୀଚକୁଳର ସେଇ ଶକ୍ତ ପାଚେରିଟିକୁ ଭାଂଗିଦେଇ ଦେଖାଇଦେବି, କର୍ଣ୍ଣ ଯାହା କହେ, ତାହା କରି ଦେଖାଇଦିଏ ।

ସେଦିନର ଘଟଣା ମୋ ମାନସପଟରେ ଚିରଦିନ ରହିଗଲା ଅଭୁଲା ହୋଇ । ଆମ ଶିକ୍ଷାୟତନରେ ଏକଲବ୍ୟର ଉପସ୍ଥିତି ମୋ ମନରେ ଭରି ଦେଇଥିଲା ସାହସ ଓ ଧୈର୍ଯ୍ୟ । ଭାବୁଥିଲି, ଏ ସଂସାରରେ ମୁଁ କେବଳ ଏକାକୀ ଦୁଃଖୀ ନୁହଁ, ମୋ ଠାରୁ ଆହୁରି ବି ଅନେକ ଦୁଃଖୀ ରହିଛନ୍ତି । ଯେଉଁମାନେ ନିଜ ପୌରୁଷର ଗର୍ବ ଅଭିମାନକୁ ଜାବୁଡ଼ି ଧରି ଏ ସଂସାରରେ ବଞ୍ଚି ରହିଛନ୍ତି ।

କମ୍ ହେଲେ ବି ଏମିତି ଜଣେ ଦି'ଜଣ ବ୍ୟକ୍ତି ଯଦି ଏ ପୃଥିବୀରେ ବଞ୍ଚିରହେ ତାହାହିଁ ଯଥେଷ୍ଟ । ନିଜସ୍ୱ ଦାବି, ଅଧିକାର ଆଉ ଉପଯୁକ୍ତ ନ୍ୟାୟ ପାଇବାକୁ ଏମିତି କିଛି ଜଣଙ୍କର ଆବଶ୍ୟକତାକୁ ଅସ୍ୱୀକାର କରାଯାଇ ନପାରେ । ଖୁବ୍ ଡେରିହେଲେ ବି ସମାଜର ଏଇ ବଡ଼ପଣ୍ଡା ମାନଙ୍କର ଅନ୍ୟାୟ, ଅବିଚାର, ଅନୀତିର ମୁଖା ଦିନେ ନା ଦିନେ ଖୋଲିଯିବ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


## ସମ୍ପର୍କର ରଙ୍ଗ

# ସମ୍ପର୍କକୁ ମାରିଦିଏ ଆରୋପ ଓ ଆସକ୍ତି


ଶ୍ୱେତା ରାଉତ୍




ମଣିଷର ଗୋଟେ ପ୍ରକୃତି ସେ ସବୁବେଳେ ନିଜକୁ ଠିକ୍ ଓ ଅନ୍ୟକୁ ଭୁଲ ବୋଲି ବିବେଚନା କରିଥାଏ । ପ୍ରାୟ ସମ୍ପର୍କ ଉପରେ ଏହି ଅଭିଯୋଗ ଥାଏ,'ମୁଁ ତୁମକୁ ଖୁବ୍ ଭଲପାଏ, ତୁମେ ବଦଳିଗଲ, ସ୍ୱାର୍ଥପର ହୋଇଗଲ, ମୋ ସହିତ ପ୍ରତାରଣା କଲ ଇତ୍ୟାଦି ଇତ୍ୟାଦି । ଯେତେବେଳେ ଆପଣଙ୍କୁ ସେତିକି ଶ୍ରଦ୍ଧା, ସେତିକି ସମୟ, ସହଯୋଗ, ସହାନୁଭୂତି ମିଳିନଥାଏ ସେତେବେଳେ ଆପଣ ଏମିତି କହିବା ଆରମ୍ଭ କରନ୍ତି । ଥରେ ଭଲଭାବେ ବିଚାର କଲେ ଭଲପାଇବା କଣ ବ୍ୟବସାୟ ଯେ ଆପଣ ବିନିଯୋଗ(**invest**) କରିବେ ଓ ଲାଭ(**profit**)ଖୋଜିବେ । ନିଜ ଆକାଂକ୍ଷାର ପୂର୍ତ୍ତି ନହେଲେ ପରସ୍ପର ମଧ୍ୟରେ ଆରୋପ ପ୍ରତ୍ୟାରୋପ ଯୋଗୁଁ ସମ୍ପର୍କର ମୃତ୍ୟୁ ହୋଇଯିବ ।

ଯଦି କେହି ଆପଣଙ୍କୁ ଭୁଲି ଯାଉଛି,ସମୟ ଦେଉନି,ଶ୍ରଦ୍ଧା ଦେଉନି,ସହଯୋଗ ଦେଉନି, ଆପଣ କାହିଁକି ଭାବୁଛନ୍ତି ସେ ଆପଣଙ୍କ ସହ ପ୍ରତାରଣା କଲା ? ଏକଥା କାହିଁକି ଭାବୁନାହାନ୍ତି ଆପଣଙ୍କ ଭଲପାଇବାରେ କୋଉଠି କମ୍ ରହିଯାଇନି ତ ?କାରଣ ସ୍ନେହର ଅର୍ଥ ତ ପଶୁଟିଏ ବି ବୁଝିପାରେ । କୁକୁରକୁ ବି କୋଳେଇ ନେଇ ଟିକେ ସ୍ନେହ କଲେ ସେ ବି ଲାଞ୍ଜ ହଲେଇ ମାଲିକ ଚାରିପଟେ ଘୁରିବୁଲୁଥାଏ । ଯଦି ଆପଣ ହୃଦୟରୁ କାହାକୁ ଶ୍ରଦ୍ଧା ଦେଇଛନ୍ତି, ସେ ଭୁଲିଯିବ ବୋଲି ଭୟ କାହିଁକି କରନ୍ତି ! ସେତେବେଳେ ଭୁଲି ଯାଉଥିବା ମଣିଷ ଉପରେ ଭୟ ଥାଏ ନା ନିଜ ସ୍ନେହ ଉପରେ ଭରସା ନଥାଏ ।

ଯଦି ଆପଣ ବାରମ୍ବାର ଜଣକୁ ଖରାପ ହୋଇଗଲଣି, ବଦଳିଗଲଣି, ଭୁଲ୍ କରୁଛ, ବେହିମାନି କଲ, ଧୋକା ଦେଲ ଭଳି ନକରାତ୍ମକ କଥା ବା ଲାଞ୍ଛନା ଲଗାଇବେ ସେ ଆତ୍ମା ଧିରେ ଧିରେ ଆପଣଙ୍କ ନକରାତ୍ମକ ଉର୍ଜାକୁ ଗ୍ରହଣ କରି କରି ଭଲ ଥିଲେ ମଧ ଖରାପ ହେବାକୁ ଲାଗିବ । କେହି ଆପଣଙ୍କୁ ଭୁଲି ଯାଉଛି ବୋଲି ଯେତେବେଳେ ଅଭିଯୋଗ କରୁଛନ୍ତି ଧରି ନିଆଯିବ ଆପଣ ତା'ଠୁ କିଛି ଚାହୁଁଛନ୍ତି ବା କିଛି ସ୍ୱାର୍ଥ ଅଛି ଯାହାପାଇଁ ଦୂରେଇ ଯିବାର ଭୟରେ ଆପଣ ଓଲଟା ଅଭିଯୋଗ କରୁଛନ୍ତି ।

ସ୍ନେହ, ପ୍ରେମ, ଆଦର, ମମତା, ସହଯୋଗ,ସେବା କେବେ ମଗାଯାଏନା, ସମୟ ବି କେବେ ମଗାଯାଏନା । ଯଦି ଆମେ କାହାକୁ ହୃଦୟରେ ଶ୍ରଦ୍ଧା କରୁଥିବା, ତା'ପ୍ରତି ସକାରାତ୍ମକ ବିଚାର ରଖିଥିବା, ଅବିଶ୍ୱାସ, ଘୃଣା, ଭୟ ନରଖି କେବଳ ତାର ମଙ୍ଗଳକାମନା କରୁଥିବା, ସେ କେବେ ବଦଳିବ ନାହିଁ ।

ଆମ ଚିନ୍ତାଧାରା ହିଁ ଆମ ସମ୍ପର୍କର ମର୍ଯ୍ୟାଦା ରକ୍ଷାକରେ । ଯଦି ଆପଣ କାହାକୁ ଅନାବିଳ ଭଲ ପାଉଛନ୍ତି,କେବଳ ଆପଣଙ୍କୁ ସେ ସମୟ ଦେଲେ ଫୋନରେ ଗପିଲେ,କିଛି ଉପହାର ଦେଲେ ଯେ ସେ ଆପଣଙ୍କୁ ଭଲପାଉଛି କୁହାଯିବ ଏହା ଭୁଲ ଧାରଣା । ଭଲପାଇବା ସବୁବେଳେ ଆସକ୍ତିରହିତ ହେବା ଦରକାର । ଆପଣଙ୍କର ଅଭିଯୋଗ ରହୁଛି ମାନେ ଆସକ୍ତି ରହୁଛି । ଯେଉଁଠି ଆସକ୍ତି ରହୁଛି ସେଠି ପ୍ରେମ ନୁହେଁ କେବଳ ଆମୋଦ ବା ଅପେକ୍ଷା ଥାଏ ।ତେଣୁ ପ୍ରଥମେ ଆପଣ ବିଚାର କରନ୍ତୁ ଆପଣଙ୍କ ସମ୍ପର୍କରେ ପ୍ରେମ ଅଛି କି ଆମୋଦ ।

ଆମୋଦର ଅର୍ଥ ହିଁ ଧ୍ୱଂସମୁଖୀ ତେଣୁ ଗଢିବାର ସ୍ୱପ୍ନ ଦେଖନ୍ତୁ ନାହିଁ । ପ୍ରେମର ଅର୍ଥ ନିରାସକ୍ତ ତେଣୁ ଅଭିଯୋଗ କରନ୍ତୁ ନାହିଁ ।ନିଜର ଅଭାବବୋଧର ପୂର୍ତ୍ତି, ନିଜର ଅସହାୟତା, ନିଜର ବିଚଳିତ ମସ୍ତିଷ୍କ ପାଇଁ ଅନ୍ୟ ଏକ ପବିତ୍ର ଆତ୍ମା ପ୍ରତି ଅଭିଯୋଗ କରି ତାର ମସ୍ତିଷ୍କକୁ ବିଚଳିତ କରନ୍ତୁ ନାହିଁ । ଏହା ଆପଣଙ୍କର ଆଉଗୋଟେ ଅପରାଧ ହୋଇଯିବ । ଯଦି କେହି ଆପଣଙ୍କୁ ଭୁଲିଗଲା ତାର କାରଣ ଆପଣ ନିଜେ କାହିଁକି ନା ଆପଣଙ୍କୁ ମନେରଖିବା ଭଳି କର୍ମ ହୁଏତ ଆପଣ କରିନାହାନ୍ତି ।

ପ୍ରତିଟି ଆତ୍ମା ଆଦର ଓ ଯୁକ୍ତାତ୍ମକ ଉର୍ଜା ପସନ୍ଦ କରିଥାଏ ।ସେଥିପାଇଁ ତ ଆମେ ପ୍ରାର୍ଥନାରେ ଈଶ୍ୱରଙ୍କ ଗୁଣଗାନ କରନ୍ତି । ଆମ ଭଲପାଇବାର ଅଭାବ ଓ ଆସକ୍ତି ଅଧିକ ହେଲେ କେବଳ ତିରସ୍କାର ହିଁ ମିଳିଥାଏ,ପ୍ରେମ ନୁହେଁ । ତେଣୁ ସମ୍ପର୍କରେ କେବେ ଆରୋପ କି ଆସକ୍ତି ରଖିବା ଆଦୌ ଉଚିତ୍ ନୁହେଁ ।


+ରାଉତ୍ କମ୍ପ୍ଲେକ୍ସ, କଟକ ରୋଡ୍,
ଭୁବନେଶ୍ୱର-୬
ମୋ-୯୪୩୯୭୨୬୦୬୦


# ଝିଅ ବିଦାୟ ସେ ତ ବିଧିର୍ ବିଧାନ




ରଶ୍ମୀ ସାମଲ
ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫




ବାପ ଘରେ ଝିଅ, ଆଉ ଶାଶୁ ଘରେ ହୋଇଯାଏ ବୋହୁ, ବଦଳିଯାଏ ତାର ପରିଚୟ । କଥାରେ କୁହନ୍ତି ବହୁ ତପସ୍ୟା କରିଥିଲେ ଘରେ ଝିଅଟିଏ ଜନ୍ମ ନେଇଥାଏ । ଯେମିତି କି ଜଗ ମୋହନ ବାବୁ ଆଜି ଖୁସିରେ ସତେ ଯେପରି ଫାଟି ପଡୁଛନ୍ତି । କାରଣ ସେ କନ୍ୟା ପିତା ହେବାର ସୌଭାଗ୍ୟ ଲାଭ କରିଛନ୍ତି । ଜଗମୋହନ ବାବୁ ଆମ ପାଖ ପଡ଼ିଶା । ପେଷାରେ ଜଣେ ଶିକ୍ଷକ । ଭାରି ସଂସ୍କାରି ମଧ । ତେବେ ତାଙ୍କ ମତରେ ପିଲା ମାନଙ୍କୁ ଉତ୍ତମ ରୂପେ ଗଢି ତୋଳିବା ବାପା ମା'ଙ୍କର ପ୍ରଥମ କର୍ତବ୍ୟ । ତେଣୁ ପ୍ରଥମରୁ ସଂସ୍କାରିତ ମାର୍ଗରେ ନୈତିକ ଶିକ୍ଷା ଦେବା ଅତ୍ୟନ୍ତ ଆବଶ୍ୟକ । ସଂସ୍କାର ଜୀବନ ନିର୍ମାଣର ବାଟ ଦେଖାଏ । ଝିଅ ଜନ୍ମରେ ଯେତିକି ଖୁସି ଥିଲେ ତାକୁ ସୁ ମାର୍ଗରେ ନେବା ପାଇଁ ସେତିକି ଚିନ୍ତିତ ମଧ ଜଣାପଡୁଥିଲେ । ଚାଂହୁ ଚାଂହୁ ଦିନ ଗଡି ଚାଲିଲା । ସ୍ନେହ ଆଦରରେ ଅଲିଅଳି ଝିଅ ତାଙ୍କର ବଡ ହେବାକୁ ଲାଗିଲା । ସ୍କୁଲପାଠ ଆଉ କଲେଜ ପାଠ ମଧ ସରିଲା । ଝିଅଟି ଦେଖିବା ପାଇଁ ସତେ ଯେପରି ଗୋଟିଏ ଚାଉଳରେ ଗଢ଼ା । କଥାରେ ଅଛି ଝିଅ ଜନ୍ମ ପରଘରକୁ । ସେ ତ ବିଧିର ବିଧାନ । ବାପା ମା' ଝିଅକୁ କେମିତି ଭଲ ଘର ଆଉ ଭଲ ବର ଦେଖି ବିବାହ ଦେବେ । ଜଗମୋହନ ବାବୁ ସେଥିରୁ ବା କିପରି ବିଚ୍ୟୁତ ହେବେ । ସେ ଜ୍ୱାଇଁ ଖୋଜାରେ ଲାଗି ପଡିଲେ ପୁଣି ଖୋଜା ହେଲା ଯୋଗ୍ୟ ଆଉ ଶିକ୍ଷିତ ବର । ଅଫିସର ଆଉ ଅଧାପକ ଏମିତି କ୍ୟାଡରର ପାତ୍ର । ଯାହାହେଉ ଏକମାତ୍ର ଅଲିଅଳି କନ୍ୟାର ବାହାଘର ଠିକ ହେଲା ଶ୍ରୀକାନ୍ତ ବାବୁଙ୍କ ପୁତ୍ର ସହ । ସମସ୍ତେ କହୁଥାନ୍ତି ଶ୍ରୀକାନ୍ତ ବାବୁଙ୍କ ପିଲାଟି ଭାରି ଶାନ୍ତ ଶିଷ୍ଟ ସରଳ ମଧ । ଏହା ଛଡା ସେ ପେସାରେ ଜଣେ ଭଲ ସରକାରୀ ଇଞ୍ଜିନିୟର । ଝିଅଟି ବହୁତ ଖୁସିରେ ରହିବ । ଝିଅ ପୁଅଙ୍କ ରାଶି ଅନୁସାରେ ଦିନ ବାର ମଧ ବାହାଘର ପାଇଁ ଠିକ ହୋଇଗଲା । ଜଗମୋହନ ବାବୁଙ୍କ ଘର ଆଜି ଉଠୁଛି ପଡୁଛି । ବାଜା ମହୁରୀ ଶଙ୍ଖ ହୁଳହୁଳି, ସାହି ପଡିଶା ବନ୍ଧୁ ଆଉ ପ୍ରିୟ ଜନଙ୍କ କୋଳାହଳରେ ଚଉଦିଗ ପ୍ରକମ୍ପିତ ହୋଇ ଯାଉଛି । ସମସ୍ତଙ୍କ ମନ ମଧ ବହୁତ ଖୁସି । ବିବାହ ପୂର୍ବରୁ ମେହେନ୍ଦୀ ସଙ୍ଗୀତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ ସବୁ ଠିକ ସମୟରେ ସରିଲା । ଏପଟେ ସାଙ୍ଗ ସାଥି ମାନେ ଝିଅକୁ ସଜେଇ ଦେଉ ଥାଆନ୍ତି । ମଙ୍ଗନ ଦିଅ ମଙ୍ଗୁଳା ପରେ ବାଡୁଅ ପାଣିରେ ଗାଧୁଆ ସବୁ କାମ ସରିଲା । ଠିକ ସମୟରେ ବର ଆସି ବହୁ ଯାକ ଯମକରେ ପଂହଁଚିଲା । ଝିଅ ଘର ପକ୍ଷରୁ ବରକୁ ବାଟ ମଙ୍ଗୁଳା କରି ଘରକୁ ପାଛୋଟି ନେଲେ । ତାପରେ ବିବାହ ହସ୍ତଗଣ୍ଠି ସବୁ କାମ ଘଣ୍ଟାକ ମଧରେ ସମାପନ ହେଲା । କନ୍ୟାଦାନ କରି ସୁରୁଖୁରୁରେ ବିବାହ କାର୍ଯ୍ୟ ସମ୍ପନ୍ନ କଲେ ଜଗମୋହନ ବାବୁ । ଏଥର ଝିଅ ବିଦାୟ ସମୟ । ବାପା ମା' ଝିଅର ବୁକୁ ଫଟା କାନ୍ଦ ମୋ ଆଖିରୁ ରୁ ବି ଲୁହ ଧାର ଧାର ବହୁଥାଏ । ଝିଅ ଜନ୍ମ ପର ଘରକୁ ସେ ତ ଦୁନିଆଁର ରୀତିନୀତି । ବାପା ଘରେ ଝିଅ ଅଢେଇ ଦିନିଆ ଏତ ପ୍ରବାଦ ରହିଛି । ଆଜିଠାରୁ ନିଜ ଘର ଛାଡ଼ି ନିଜ ଜନ୍ମ କଲା ବାପା ମା'ଙ୍କୁ ଛାଡି ମାର ପଣତ କାନିରେ କନକ ଆଞ୍ଜୁଳି ଦେଇ ଅଣ୍ଟି ରେ ଅଣ୍ଟି ଏ ସ୍ୱପ୍ନ ନେଇ ଶାଶୁ ଘର ଯିବ । ଝିଅମାନଙ୍କ ପାଇଁ ଏହି ତ ସ୍ରଷ୍ଟାଙ୍କ ନିୟମ । ଝିଅ ବିଦାୟ ପୂର୍ବରୁ କୋହ ଭରା କଣ୍ଠରେ ଜଗମୋହନ ବାବୁ ଝିଅକୁ କହୁଥାନ୍ତି ଆଜି ଠାରୁ ତୋ ଶାଶୁ ଶଶୁର ସ୍ୱାମୀ ତୋ ପାଇଁ ସବୁକିଛି । ଆଉ ଘର ତୋର ବର ବି ତୋର । ସିନ୍ଦୁରର ମର୍ଯ୍ୟାଦା ରକ୍ଷା କରିବୁ । ସ୍ୱାମୀ ଘର ସୁଖେ ସୁଖୀ ଆଉ ତାଙ୍କରି ଦୁଃଖରେ ଦୁଃଖୀ ହୋଇ ବଂଚିବୁ । ପରିସ୍ଥିତି ଅନୁସାରେ ନିଜର କର୍ତବ୍ୟ ନିର୍ବାହ କରିବାକୁ ଚେଷ୍ଟା କରିବୁ । ଶାଶୁ ଘରର ସମସ୍ତ ଲୋକଙ୍କୁ ନିଜର କରି ନିଜସ୍ୱ ଦୁନିଆ ଗଢିବାର ଓ ସୌଭାଗ୍ୟ ଲକ୍ଷ୍ମୀ ହେବାର ସବୁ ଦାୟିତ୍ୱ ତୋର । ଆଉ ଦୁଇ କୁଳର ସମାନତା ରକ୍ଷା କରିବୁ । ଆଗକୁ ବଢିବାର ପ୍ରେରଣା ତୁ ଯଥେଷ୍ଟ ପାଇଛୁ । ସଂସାର ଗଢ଼ିବାର ସହଜ ପ୍ରକ୍ରିୟା ହେଉଛି ଟିକେ ସହିବା ପଣକୁ ଜୋର କରି ପୋଷା ମନେଇ ନିଜ ଭିତରେ ରଖିବା । ବାସ,,, ଗଢି ଉଠିବ ସୁନାର ସଂସାର । କାହାରି ମନରେ କଷ୍ଟ ଦେବା ବା କାହା ମନରେ ଆଘାତ ଦେବା ଭଳି କଥା କହିବୁ ନାହିଁ । ସବୁବେଳେ ମନେ ରଖିଥିବୁ ପ୍ରତ୍ୟକ ସମସ୍ୟା ଆସିଲେ ସେ ତାର ସାମାଧନ ନେଇ ଆସିଥିଏ । ଧୈର୍ଯ୍ୟର ସହ ସମାଧାନ କରିବୁ ।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ବିଶେଷଙ୍କୁ ଟିକାକରଣ ପାଇଁ ଓଡିଶା ପ୍ରସ୍ତୁତ : ପରିବାର କଲ୍ୟାଣ ନିର୍ଦ୍ଦେଶକ

ଭୁବନେଶ୍ୱର,୨୧/୪ (ନି.ପ୍ର): ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା କରୋନା ଟୀକାକରଣର ତୃତୀୟ ପର୍ଯ୍ୟାୟରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ବିଶେଷଙ୍କୁ ଟିକାକରଣ ପାଇଁ ଯେଉଁ ଘୋଷଣା କରିଛନ୍ତି ତାହା କରିବାକୁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମଇ ପହିଲାରୁ ଓଡ଼ିଶା ଯୁବବର୍ଗଙ୍କର ଟିକାକରଣ ଆରମ୍ଭ ହେବ। ଯୁବକଙ୍କୁ ଟିକା ଦେବା ପାଇଁ ରାଜ୍ୟରେ ଅଧିକ ସେସନ ସାଇଟ ଓ ଟିକାକରଣ କେନ୍ଦ୍ର ଖୋଲାଯିବ। ଏଥିଲାଗି କୋଇନ ଆପ ଓ ସ୍ୱଟ ରେଜିଷ୍ଟ୍ରେସନ ମାଧମରେ ପଞ୍ଜିକରଣ କରାଯିବ। ସରକାରୀ ଓ ଘରୋଇ ହସ୍ପିଟାଲରେ ପୂର୍ବ ଭଳି ଟିକାକରଣ କରାଯିବ। ତେବେ ସହରାଂଚଳଗୁଡ଼ିକରେ ସପ୍ତାହନ୍ତ ସଟଡାଉନ ସମୟରେ ଟିକାକରଣ ବନ୍ଦ ରହିବ।

# ଓଡ଼ିଶା ବହୁଭାଷୀ ଶିକ୍ଷା ସହାୟକ ସଂଘର ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର,୨୧/୪ (ନି.ପ୍ର): ଗଣଶିକ୍ଷା ବିଭାଗ ଅଧିନରେ ୨୦୧୩-୧୪ ମସିହାରେ ୧୫ଟି ଜିଲ୍ଲାରେ ୩୦୦୦ରୁ ଉର୍ଦ୍ଧ୍ୱ ଶିକ୍ଷା ସହାୟକଙ୍କୁ ସରକାର ନିଯୁକ୍ତି ପ୍ରଦାନ କରିଥିଲେ। ସରକାରୀ ନିଯୁକ୍ତିର ୩ ବର୍ଷ ପରେ କନିଷ୍ଠ ଶିକ୍ଷକର ମାନ୍ୟତା ପ୍ରଦାନ କରିଥିଲେ। ସରକାରୀ ନିୟମ ଅନୁଯାୟୀ ଜଣେ ଶିକ୍ଷା ସହାୟକ ତିନିବର୍ଷ କାର୍ଯ୍ୟ କଲା ପରେ କନିଷ୍ଠ ଶିକ୍ଷକ ଏବଂ ଉପଯୁକ୍ତ ଯୋଗ୍ୟତା ଯଥା : ଡି.ଏଲ.ଇ.ଡ଼ି (ସି.ଟି), ବି.ଏଡ୍ ସହିତ ଓଟିଇଟି ପାସ୍ ଥାଇ ଜଣେ ନିରବଚ୍ଛିନ୍ନ ଭାବେ ୬ ବର୍ଷ କାର୍ଯ୍ୟ କଲାପରେ ନିୟମିତ ଶିକ୍ଷକ ହେବାର ନିୟମ ରହିଅଛି। ଏହି କ୍ଷେତ୍ରରେ ସମସ୍ତ ଶିକ୍ଷକଙ୍କୁ ନିୟମିତ ମାନ୍ୟତା ପ୍ରଦାନ କରାଯାଉଅଛି। କିନ୍ତୁ ବହୁଭାଷୀ ଶିକ୍ଷା ସହୟକ ସମସ୍ତ ଯୋଗ୍ୟତା ଥାଇ ସୁଦ୍ଧା ୬ବର୍ଷ ପୂରଣ କରି ୮ବର୍ଷ ଗ୍ରଲୁଥିଲେ ମଧ ସରକାର ନିୟମିତ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନାହାଁନ୍ତି ବୋଲି ସଂଘର ସାଧାରଣ ସମ୍ପାଦକ ଧନୁର୍ଜୟ ମୁଣ୍ଡା ପ୍ରକାଶ କରିଛନ୍ତି। ନିକଟରେ ସରକାର ୯୯୬୫ଜଣ ଶିକ୍ଷା ସହାୟକଙ୍କୁ ନିୟମିତ କରିବା ପାଇଁ ପଦକ୍ଷେପ ନେଇଥିବା ସ୍ଥଳେ ଆଦିବାସୀ ବୋଲି ବହୁଭାଷୀ ଯୋଗ୍ୟ ଶିକ୍ଷା ସହାୟକଙ୍କୁ ଅଣଦେଖା କରାଯାଉଅଛି ବୋଲି ସଂଘର ସଭାପତି ବାଗୁନ ସିଂ ଜାରିକା ପ୍ରକାଶ କରିଅଛନ୍ତି। ଯାହାଦ୍ୱାରା ଅନେକ ବହୁଭାଷୀ ଶିକ୍ଷା ସହାୟକ ମାନସିକ ଗ୍ରପରେ ଅଛନ୍ତି। ଆଗାମୀ ଦିନରେ ସଂଘର ନ୍ୟାର୍ଯ୍ୟ ଦାବୀ ସରକାର ଯଦି ନ ଶୁଣନ୍ତି ତାହା ହେଲେ ସଂଘ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଂଘ ଚେତାବନୀ ଦେଇଛି।

# କୋଭିଡ ଔଷଧ କଳାବଜାରୀ ରୋକିବାକୁ ଚଢ଼ଉ ଆରମ୍ଭ



କଟକ,୨୧/୪ (ନି.ପ୍ର): କୋଭିଡ୍ ଚିକିତ୍ସାରେ ବ୍ୟବହାର ହେଉଥିବା ଔଷଧ ଓ ଚିକିତ୍ସା ଉପକରଣକୁ ବେଆଇନ୍ ଭାବେ ଗଚ୍ଛିତ ରଖିବା ସହ କଳାବଜାରୀ ବିରୋଧରେ ରାଜ୍ୟ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ପ୍ରଥମ ଦିନରେ ଫ୍ଲାଇଙ୍ଗ ସ୍କ୍ୱାଡ୍‌ର ଏକ ମିଳିତ ଟିମ୍ କଟକ ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଥିବା ଔଷଧ ଡିପୋରେ ଚଢଉ କରିଛି। କଟକର କାଠଗଡ଼ା ସାହି ଓ ଭାପୁର, ପ୍ରତାପ ନଗରୀ ଏବଙ୍ଗ ଭୁବନେଶ୍ୱରର ପାହାଳ ଓ ୟୁନିଟ୍-୩ସ୍ଥିତ ଔଷଧ ଡିପୋରେ ଚଢଉ କରାଯାଇଛି। ଡିପୋରେ ଥିବା ସମସ୍ତ ରେକର୍ଡକୁ ଅନୁଧ୍ୟାନ କରାଯିବା ସହ ବିଭିନ୍ନ ହସ୍‌ପିଟାଲ ଏବଙ୍ଗ ଅନ୍ୟାନ୍ୟ ସଂସ୍ଥାକୁ ବଣ୍ଟନ କରାଯାଉଥିବା ଔଷଧ ଏବଙ୍ଗ ଷ୍ଟକ୍ ଏଣ୍ଟ୍ରି ସମ୍ପର୍କରେ ଯାଞ୍ଚ କରାଯାଇଛି। ଏଥିସହ କୋଭିଡ୍-୧୯ ଔଷଧ ବଣ୍ଟନ ବ୍ୟବସ୍ଥା, ଔଷଧ ବିତରକ ଏବଙ୍ଗ ମେଡିକାଲ ଡିପୋର ସମସ୍ତ ତଥ୍ୟ ସମ୍ବନ୍ଧରେ ପ୍ରତିଦିନ ଅପ୍‌ଡେଟ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଟିମ୍‌ରେ ଡ୍ରଗ୍ସ ଇନ୍ସପେକ୍ଟର, ସ୍ପେଶାଲ ଟାସ୍କ ଫୋର୍ସ, କ୍ରାଇମବ୍ରାଞ୍ଚର ଅଧିକାରୀ ଏବଙ୍ଗ ସ୍ଥାନୀୟ ପୁଲିସ୍ ସାମିଲ ଥିଲେ। ସୂଚନାଯୋଗ୍ୟ, କୋଭିଡ୍ ଔଷଧ କଳାବଜାରୀ ରୋକିବାକୁ କ୍ରାଇମ୍‌ବ୍ରାଞ୍ଚର ଅତିରିକ୍ତ ଡିଜି ଯଶୋୱନ୍ତ ଜେଠୱା, ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ସଚିବ ଏବଙ୍ଗ ଡ୍ରଗ୍ସ କଣ୍ଟ୍ରୋଲରଙ୍କୁ ନେଇ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇଛି। କଟକ ଓ ଭୁବନେଶ୍ୱରରେ କଳାବଜାରୀ ରୋକିବାକୁ ୭ଟି ଫ୍ଲାଇଙ୍ଗ ସ୍କ୍ୱାଡ ଗଠନ କରାଯାଇଥିବାବେଳେ ରାଜ୍ୟର ଅନ୍ୟ ସ୍ଥାନରେ ୧୫ଟି ସ୍କ୍ୱାଡ୍ କାର୍ଯ୍ୟ କରୁଛି। ଶ୍ରୀ ଜେଠୱା ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟର ସମୀକ୍ଷା କରୁଛନ୍ତି। ଏହାସହ କୌଣସି ସ୍ଥାନରେ କଳାବଜାର ହେଉଥିବା ଖବର ପାଇଲେ ଚଢଉ କରାଯିବା ସହ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

# ରବିଧାନ ସଂଗ୍ରହ ନିମନ୍ତେ ବିସ୍ତୃତ ମାର୍ଗଦର୍ଶିକା ଜାରି



ଭୁବନେଶ୍ୱର,୨୧/୪ (ନି.ପ୍ର): କରୋନା ସଂକ୍ରମଣର ଦ୍ୱିତୀୟ ଲହରୀକୁ ଦୃଷ୍ଟିରେ ରଖି ମଇ ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହେଉଥିବା ରବିଧାନ ସଂଗ୍ରହ କାର୍ଯ୍ୟକୁ ସୁସଂହତ କରିବା ନିମନ୍ତେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ବିଭାଗ ପକ୍ଷରୁ ଏକ ସଂକ୍ରାନ୍ତରେ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇ ସଂପୃକ୍ତ ଜିଲ୍ଲାପାଳମାନଙ୍କ ନିକଟକୁ ପଠାଯାଇଛି । ବିଗତ ଖରିଫ ଧାନସଂଗ୍ରହ ସମୟରେ କରୋନା କଟକଣାକୁ ଅନୁପାଳନ କରାଯାଇ ସଂଗଠିତ ଉପାୟରେ ଧାନସଂଗ୍ରହ କରାଯାଇପାରିଥିବା ଦୃଷ୍ଟିରୁ ଚଳିତ ରବିଧାନ ସଂଗ୍ରହ ମଧ ସୁରୁଖୁରୁରେ ସଂପନ୍ନ କରାଯାଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଏଥି ସହିତ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଧାନସଂଗ୍ରହ କେନ୍ଦ୍ରରେ ସୋସାଇଟି କର୍ମକର୍ତ୍ତା, ମିଲର କିମ୍ବା ସେମାନଙ୍କ ପ୍ରତିନିଧି ଏବଂ ସର୍ବୋପରି ଚାଷୀଙ୍କ ନିମନ୍ତେ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି । ଭିଡ଼ ଏଡ଼ାଇବା ପାଇଁ ଗୋଟିଏ କେନ୍ଦ୍ରରେ ଦିନକୁ ୩୦ରୁ ୩୫ ପର୍ଯ୍ୟନ୍ତ ଚାଷୀଙ୍କଠାରୁ ଧାନସଂଗ୍ରହ କରାଯିବ । ଏଥିରୁ ଉର୍ଦ୍ଧ୍ୱ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଇପାରିବ ନାହିଁ । ୧୦-୧୨ ଜଣ ଚାଷୀଙ୍କୁ ଦିନର ନ ଦି ର୍ଷ୍ଟ ସମୟରେ ଧାନ ବିକ୍ରି କରିବା ପାଇଁ ଆସିବା ନିମନ୍ତେ ସୂଚନା ଦିଆଯିବ । ଆବଶ୍ୟକ ପଡ଼ିଲେ ଭିଡ଼ ଏଡ଼ାଇବା ପାଇଁ ଅଧିକ ସଂଖ୍ୟକ ଧାନସଂଗ୍ରହ କେନ୍ଦ୍ର ଖୋଲାଯିବ । ସଂପୃକ୍ତ ଜିଲ୍ଲାପାଳମାନେ ଏଥି ନିମନ୍ତେ ତୁରନ୍ତ ପ୍ରସ୍ତାବ ଦେବା ପାଇଁ କୁହାଯାଇଛି । ଧାନସଂଗ୍ରହ କେନ୍ଦ୍ରରେ ସାମାଜିକ ଦୂରତ୍ୱକୁ କଡ଼ାକଡ଼ି ଭାବରେ ପାଳନ କରାଯିବ । କେନ୍ଦ୍ରଗୁଡ଼ିକରେ ଚାଷୀ ଏବଂ ଶ୍ରମିକ ଓ ଅନ୍ୟ କର୍ମକର୍ତ୍ତାମାନଙ୍କ ପାଇଁ ସାନିଟାଇଜରର ବ୍ୟବସ୍ଥା କରାଯିବ । କେନ୍ଦ୍ରର ପ୍ରବେଶ ପଥରେ ସାନିଟାଇଜର ରଖାଯିବ ଯେପରି ଏହା ସମସ୍ତଙ୍କର ଦୃଷ୍ଟିଗୋଚର ହେଉଥିବ । ପ୍ରତ୍ୟେକ କେନ୍ଦ୍ରରେ ପର୍ଯ୍ୟାପ୍ତ ସଂଖ୍ୟକ ସାନିଟାଇଜର ମହଜୁଦ ଅଛି କି ନାହିଁ, ସେ ସଂପର୍କରେ ନିବନ୍ଧକ, ସମବାୟ ସମିତି ସମୂହ ପକ୍ଷରୁ ନିଶ୍ଚିତ କରାଯିବ । ସେହିପରି ମିଶନ ଶକ୍ତିର ନିର୍ଦ୍ଦେଶକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ସାନିଟାଇଜର ଉପଲବ୍ଧ କରାଇବେ । ଯେଉଁସବୁ କେନ୍ଦ୍ର ଭିଡ଼ ଏଡ଼ାଇବା ଦିଗରେ ବିଫଳ ହେବେ ସେମାନଙ୍କୁ ଧାନସଂଗ୍ରହ କରିବା ପାଇଁ ଅନୁମତି ପ୍ରଦାନ କରାଯିବ ନାହିଁ । ପ୍ରତିଦିନ ସକାଳ ୭ ଘଟିକାଠାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଧାନସଂଗ୍ରହ କରାଯିବ । ଅପରାହ୍ନରେ କଷ୍ଟମ ମିଲରମାନଙ୍କ ଦ୍ୱାରା ଧାନ ଉଠାଣ କାର୍ଯ୍ୟ କରାଯିବ । ଚାଷୀ ଚିହ୍ନଟ ନିମନ୍ତେ ଆଇରିସ୍ ସ୍କାନରକୁ ପ୍ରତିଥର ବ୍ୟବହାର ପୂର୍ବରୁ ସାନିଟାଇଜ୍ କରାଯିବ । ଆଇରିସ୍ ସ୍କାନରକୁ ଗୋଟିଏ ଷ୍ଟାଣ୍ଡରେ ରଖାଯିବ । ଧାନସଂଗ୍ରହ କେନ୍ଦ୍ରକୁ କେବଳ ସୋସାଇଟିର କର୍ମକର୍ତ୍ତା, ମିଲରଙ୍କ ପ୍ରତିନିଧି, ଶ୍ରମିକ, ସେହିଦିନ ଧାନ ବିକିବା ନିମନ୍ତେ ନିର୍ଦ୍ଧାରିତ ଚାଷୀ ଏବଂ ଗାଡ଼ିର ଡ୍ରାଇଭର ଓ ହେଲପର ବ୍ୟତୀତ ଆଉ କାହାକୁ ପ୍ରବେଶର ଅନୁମତି ପ୍ରଦାନ କରାଯିବ ନାହିଁ । ବାହାରର କୌଣସି ଲୋକ ମଣ୍ଡି ଭିତରକୁ ପ୍ରବେଶ କଲେ ତୁରନ୍ତ ଜିଲ୍ଲା ପ୍ରଶାସନଙ୍କୁ ଖବର ଦିଆଯିବ ବୋଲି ପତ୍ରରେ ଉଲ୍ଲେଖ କରାଯାଇଛି । ଭିନ୍ନ ଭିନ୍ନ କାର୍ଯ୍ୟ ସଂପାଦନ ନିମନ୍ତେ ମଣ୍ଡିକୁ ବିଭିନ୍ନ ଭାଗରେ ବିଭକ୍ତ କରାଯିବ ଏବଂ ଏଗୁଡ଼ିକ ମଧ୍ୟରେ ଅନୁନ୍ୟ ୩ ମିଟର ବ୍ୟବଧାନ ରହିବ । କେନ୍ଦ୍ରରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଚାଷୀମାନଙ୍କୁ ସେମାନଙ୍କ ଧାନ ବିକିବା ପାଳି ଓ ସମୟ ସଂପର୍କରେ ସୂଚିତ କରାଯିବ । କେନ୍ଦ୍ରରେ କୌଣସି ପ୍ରକାର ଧୂମପାନ କିମ୍ବା ଛେପ ପକାଇବା ପାଇଁ ନିଷେଧ କରାଯାଇଛି । କୋଭିଡ୍-୧୯ ମହାମାରୀ ସଂପୂର୍ଣ୍ଣ ମାନବସମାଜ ନିମନ୍ତେ ଏକ ଆହ୍ୱାନ ହୋଇଥିବାବେଳେ ଚାଷୀମାନଙ୍କୁ ଧାନ ବିକିବା ନିମନ୍ତେ ଧୈର୍ଯ୍ୟ ଧରିବା ପାଇଁ କୁହାଯାଇଛି । ଧାନସଂଗ୍ରହ କେନ୍ଦ୍ରରେ ବିନା ମାସ୍କରେ କାହାରିକୁ ପ୍ରବେଶ କରିବାକୁ ଦିଆଯିବ ନାହିଁ । ସେହିପରି କେନ୍ଦ୍ରରେ କାହାରିକୁ ଜ୍ୱର କିମ୍ବା ଥଣ୍ଡା ହୋଇଥିବା ଲକ୍ଷ୍ୟ କରାଗଲେ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯିବ । ଧାନସଂଗ୍ରହରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ହାତରେ ନନ୍ ସର୍ଜିକାଲ ଗ୍ଲୋବସ୍ ପିନ୍ଧିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହିତ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ସମସ୍ତ ପ୍ରକାରର କୋଭିଡ୍ କଟକଣାକୁ କଡ଼ାକଡ଼ି ଭାବରେ ପାଳନ କରିବା ପାଇଁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ଏଥି ସହିତ ଛତିଶଗଡ଼ ସୀମାନ୍ତ ଅଂଚଳରେ ପେଟ୍ରୋଲିଂ ବ୍ୟବସ୍ଥାକୁ କଡ଼ା କଡ଼ି କରାଯିବ ଯେପରି ପଡ଼ୋଶୀ ରାଜ୍ୟର ଧାନ ଓଡ଼ିଶା ମଧକୁ ପ୍ରବେଶ କରିପାରିବେବ ନାହିଁ ।

## ବିଶ୍ୱ ଧରିତ୍ରୀ ଦିବସ

ଭୁବନେଶ୍ୱର,୨୧/୪ (ନି.ପ୍ର): ଧରିତ୍ରୀ ମା'କୁ ସମ୍ମାନ ଓ ସୁରକ୍ଷା ଦେବା ପାଇଁ ପ୍ରତିବର୍ଷ ଏପ୍ରିଲ ୨୨ ତାରିଖରେ 'ବିଶ୍ୱ ଧରିତ୍ରୀ ଦିବସ' ପାଳିତ ହୋଇଥାଏ। ସଙ୍କଟ ମୁହାଁ ଗତି କରୁଥିବା ପୃଥିବୀର ସୁରକ୍ଷା ଲାଗି ସମଗ୍ର ବିଶ୍ୱ ଏ ଦିବସଟିକୁ ପାଳନ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ସ୍ମାର୍ଟନଗରୀ ଭୁବନେଶ୍ୱରର ପୋଖରୀପୁଟରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ସମଗ୍ର ବିଶ୍ୱକୁ ଏକ ବଳିଷ୍ଠ ବାର୍ତ୍ତା ଦେବା ସହ ଜନ ସେଚତନତା ସୃଷ୍ଟି ପାଇଁ ପ୍ରୟାସ କରିଛନ୍ତି। ରଙ୍ଗ, ବେରଙ୍ଗ ମୁରୁଜକୁ ବ୍ୟବହାର କରି ତିଆରିଛନ୍ତି ଏକ ତତଲା ତାୱା ଓ ପୃଥିବୀ। ଏଥିରେ ଦର୍ଶାଇଛନ୍ତି ସମ୍ପ୍ରତି ତତଲା ତାୱାରେ ଭାଜି ହେଉଛି ପୃଥିବୀ। ଯାହା ବର୍ତ୍ତମାନ ପୃଥିବୀର ଅବସ୍ଥା ସମ୍ପର୍କରେ ପ୍ରମାଣିତ କରୁଛି। ଧୀରେ ଧୀରେ ପୃଥିବୀ ଗ୍ଲୋବାଲ ୱାର୍ମିଂରୁ ଗ୍ଲୋବାଲ ବର୍ଣ୍ଣିଂ ଆଡ଼କୁ ମୁହାଁଉଛି। ଯାହା ଜୀବଜଗତ ପାଇଁ ଏକ ଭୟାନକ ବିପତ୍ତି। ଯେପରି ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ଅହେତୁକ ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣ, ମଣିଷର ଅମାନୁଷିକ କାର୍ଯ୍ୟକଳାପ, ଦ୍ରୁତ ଜନସଂଖ୍ୟା ବୃଦ୍ଧି, ସହରୀକରଣ, ବଡ଼ ବଡ଼ ଗଛ କାଟି ରାସ୍ତା ପ୍ରଶସ୍ତିକରଣ, ଜଙ୍ଗଲ ପଫା କରି ଖଣି ଖାଦାନ ଖୋଳିବା, ଜଳାଶୟକୁ ପୋତି ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟ ତିଆରି କରିବା ଇତ୍ୟାଦି କାର୍ଯ୍ୟ ପରିବେଶ ପାଇଁ ସଙ୍କଟ ସାଜିଛି।

# ହାଇଦର ଖସିଯିବା ପଛରେ ରାଜ୍ୟ ଗୃହ ବିଭାଗ : ଲେଖାଶ୍ରୀ



ଭୁବନେଶ୍ୱର,୨୧/୪ (ନି.ପ୍ର): ରାଜ୍ୟ ସରକାରଙ୍କ ଦ୍ୱାରା ରାଜ୍ୟରେ ଅପରାଧ ଓ ଅପରାଧୀମାନଙ୍କୁ ପ୍ରୋତ୍ସାହନ ଦେଉଥିବାର ଆଉ ଏକ ସ୍ପଷ୍ଟ ପ୍ରମାଣ ମିଳିଛି । ଓଡିଶା ଜେଲ ମାନୁଆଲ ନିୟମ ଅନୁଯାୟୀ, କୌଣସି ଅପରାଧୀ ଜେଲ୍ ବାହାରକୁ ଚିକିତ୍ସା ପାଇଁ ଯିବାକୁ ହେଲେ ସେହି କଏଦୀକୁ ଉକ୍ତ ଜେଲର ମେଡିକାଲ ଅଫିସର ଓ ଜେଲ ଅଧିକ୍ଷକଙ୍କ ସୁପାରିଶକ୍ରମେ ଜେଲ ମହାନିର୍ଦ୍ଦେଶକ ଅନୁମତି ପ୍ରଦାନ କରିବା ଆବଶ୍ୟକ । କୁଖ୍ୟାତ ଓ ଦୁର୍ଦ୍ଦାନ୍ତ ଅପରାଧୀ ହାଇଦର କ୍ଷେତ୍ରରେ ଜେଲ କର୍ତୃପକ୍ଷ ସମସ୍ତ ଆଇନ ଓ ବ୍ୟବସ୍ଥାକୁ ଜଳାଞ୍ଜଳୀ ଦେଇ ଜାଣିଶୁଣି ଅବହେଳା ପ୍ରଦର୍ଶନ କରିବା ସହ ଅକ୍ଷମଣୀୟ ଅପରାଧ କରିଛନ୍ତି । ହାଇଦର ଖସିଯିବା ପଛରେ ଗୃହ ବିଭାଗ ରହିଛି ଏବଂ ଏଥିପାଇଁ ରାଜ୍ୟ ଗୃହ ବିଭାଗ ସଂପୂର୍ଣ୍ଣ ଦାୟୀ ବୋଲି ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି । ଜେଲ କର୍ତୃପକ୍ଷ ଓ ପୋଲିସ ସହାୟତାରେ କୁଖ୍ୟାତ ଅପରାଧୀ ହାଇଦରକୁ ଖସାଇ ଦିଆଗଲା । ତେଲେଙ୍ଗାନା ରାଜ୍ୟ ପୋଲିସ ହାଇଦରକୁ ଧରିଲେ । ନିଜ ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ରାଜ୍ୟର ଗୃହବିଭାଗ ପୋଲିସ ଜରିଆରେ ଗଣମାଧମ ସମ୍ମୁଖକୁ ଆସି ଧରିଥିବାର କହି ବାଃ ବାଃ ସାଉଁଟିଲେ ବୋଲି ଡ.ଲେଖାଶ୍ରୀ କହିଛନ୍ତି । ୨-୨ ଥର ଆଜୀବନ କାରାଦଣ୍ଡ ଭୋଗି ସମ୍ବଲପୁର ଜେଲରେ ବନ୍ଦୀ ଥିବା କୁଖ୍ୟାତ ଓ ଦୁର୍ଦ୍ଦାନ୍ତ ଅପରାଧୀ ହାଇଦର ଚିକିତ୍ସାର ମିଛ ଆଳ ଦେଖାଇ ବାରମ୍ବାର କଟକ କେମିତି ଆସୁଥିଲା ? ତା ପାଖରେ ମୋବାଇଲ ଫୋନ, ନଗଦ ଟଙ୍କା ଆଦି କେମିତି ରହୁଥିଲା ? ଚିକିତ୍ସିତ ଅବସ୍ଥାରେ ଡାକ୍ତରଖାନାରେ ରହି ବିରିୟାନୀ କିପରି ଖାଉଥିଲା ? ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମୟରେ ହାଇଦର ପାଖରେ ପୋଲିସ ସୁରକ୍ଷା ବ୍ୟବସ୍ଥା ନଥିଲା, କିନ୍ତୁ ତାର ଯୁବତୀ ବନ୍ଧୁ ଏବଂ ଅନ୍ୟ ଅପରାଧୀ ତତ୍ୱ ସାଙ୍ଗରେ ରହୁଥିଲେ । ଶେଷରେ କେମିତି ଓ କାହା ସହାୟତାରେ ଖସି ପଳାଇବାକୁ ସକ୍ଷମ ହୋଇଥିଲା ? ଏହି ଷଡଯନ୍ତ୍ର ପଛରେ ବହୁ ଅଧିକାରୀଙ୍କ ପ୍ରତ୍ୟକ୍ଷ ସଂପୃକ୍ତି ରହିଛି ଏବଂ ଏହାର ପର୍ଦ୍ଦାଫାଶ ହେବା ନିହାତି ଆବଶ୍ୟକ ବୋଲି ଡ.ଲେଖାଶ୍ରୀ କହିଛନ୍ତି । ଜେଲ୍ ବିଭାଗର ମୁଖ୍ୟ ହେଲେ ଗୃହମନ୍ତ୍ରୀ ତଥା ଖୋଦ୍ ମୁଖ୍ୟମନ୍ତ୍ରୀ । ରାଜ୍ୟ ଜେଲ ମହାନିର୍ଦ୍ଦେଶକ, ସମ୍ବଲପୁର ଜେଲ ଅଧିକ୍ଷକ ଓ ଜେଲ ଚିକିତ୍ସାଧିକାରୀ ଏବଂ ସହଯୋଗ କରିଥିବା ପୋଲିସ ଅଧିକାରୀଙ୍କୁ ତଦନ୍ତ କରାଯିବା ସହ ଉଚିତ୍ ଦଣ୍ଡବିଧାନ ପ୍ରଦାନ ନିହାତି ଆବଶ୍ୟକ । ତେଣୁ ମୁଖ୍ୟମନ୍ତ୍ରୀ ଏଭଳି ସ୍ପର୍ଷକତା ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ସଂପୃକ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡ.ଲେଖାଶ୍ରୀ ଦାବୀ କରିଛନ୍ତି । ରାଜ୍ୟରେ ଥିବା ସମସ୍ତ ୯୧ଟି ଜେଲରେ ଥିବା କୁଖ୍ୟାତ ଓ ଦୁର୍ଦ୍ଦାନ୍ତ କଏଦୀମାନେ ବିଳାସମୟ ଜୀବନଯାପନ ବିତାଇବା ସହ ଜେଲ କର୍ତୃପକ୍ଷଙ୍କ ସହାୟତା ଏବଂ ପ୍ରୋତ୍ସାହନ ପାଇ ନିର୍ଭୟରେ ନିଜ ନିଜ ଅପରାଧିକ ସାମ୍ରାଜ୍ୟ ବିସ୍ତାର କରିଚାଲିଛନ୍ତି । ଏଭଳି ଘଟଣାରେ ରାଜ୍ୟ ସରକାର ତୁରନ୍ତ କଠୋର ଆଭିମୁଖ୍ୟ ଗ୍ରହଣ କରିବା ସହ ସମସ୍ତ ୯୧ଟି ଜେଲରେ ପରିସ୍ଥିତି କଣ ଅଛି, ତାର ଏକ ରିପୋଟ ଶ୍ୱେତପତ୍ର ଜରିଆରେ ପ୍ରକାଶ କରିବା ପଇଁ ଡ.ଲେଖାଶ୍ରୀ ଦାବୀ କରିଛନ୍ତି ।

# ଅଣ କୋଭିଡ୍ ସ୍ୱାସ୍ଥ୍ୟସେବା ବ୍ୟାଘାତ ନ ହେଉ, ସଂକ୍ରମଣ ନିୟନ୍ତ୍ରଣ ନେଇ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶନାମା

ଭୁବନେଶ୍ୱର,୨୧/୪ (ନି.ପ୍ର) : ରାଜ୍ୟରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଏଭଳି ପରିସ୍ଥିତିରେ କରୋନା ସଂକ୍ରମଣ ବାହାନାରେ ଅଣ କୋଭିଡ୍ ରୋଗୀଙ୍କ ଚିକିତ୍ସା ନେଇ ସମସ୍ୟା ଉପୁଜିପାରେ। ତେଣୁ ଗୁରୁତର ରୋଗୀ ଯେପରି ଚିକିତ୍ସା ସେବାରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ। କୋଭିଡ୍ ରିପୋର୍ଟ ଥାଉ କି ନ ଥାଉ ସମସ୍ତ ପ୍ରୋଟୋକଲ ଅନୁସାରେ ଚିକିତ୍ସା ଦିଆଯିବ। ଏହାସହ ହସ୍ପିଟାଲରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀମାନେ ମଧ ସଂକ୍ରମିତ ହେବାର ଆଶଙ୍କା ରହିଛି। ଏପରିକି ହସ୍ପିଟାଲଗୁଡ଼ିକ କରୋନା ସଂକ୍ରମଣ ହଟସ୍ପଟ୍ ପାଲଟି ଯାଇପାରେ। ଏହାସତ୍ତ୍ୱେ ମଧ ହସ୍ପିଟାଲରେ ସଂକ୍ରମଣ ନିୟନ୍ତ୍ରଣ ପଦକ୍ଷେପ ଗ୍ରହଣ କରିବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ/ଘରୋଇ ହସ୍ପିଟାଲ, କର୍ପୋରେଟ୍ ଓ ନର୍ସିଂ ହୋମ୍ ପାଇଁ ଗାଇଡଲାଇନ୍ ଜାରି କରିଛନ୍ତି। ଏହାକୁ କଡ଼ାକଡ଼ି ଭାବେ ପାଳନ କରିବା ଲାଗି କୁହାଯାଇଛି। ହଟସ୍ପଟ୍ କିମ୍ବା ଅନ୍ୟ ସନ୍ଦିଗ୍ଧ ରୋଗୀଙ୍କ ସହିତ ଆଇଏଲଆଇ/ଏସ୍ଏଆରଆଇ ରୋଗୀ, ସନ୍ଦିଗ୍ଧଙ୍କ ସ୍କ୍ରିନିଂ ପାଇଁ ହସ୍ପିଟାଲରେ ସ୍ୱତନ୍ତ୍ରଭାବେ ଫିଭର କ୍ଲିନିକ୍ ଓ ଆଇସୋଲେସନ୍ ଜୋନ୍ ପ୍ରସ୍ତୁତ କରାଯାଉ। ଏହାର ଅଲଗା ପ୍ରବେଶ ଓ ପ୍ରସ୍ଥାନ ରହିବା ଜରୁରୀ। ହସ୍ପିଟାଲକୁ ଆସୁଥିବା ସମସ୍ତ ରୋଗୀଙ୍କ ସ୍କ୍ରିନିଂ କରାଯିବା ସହିତ ସଂକ୍ରମଣ ନିୟନ୍ତ୍ରଣ(ଆଇପିସି) ଗାଇଡଲାଇନ୍ ପାଳନ ସହିତ ହାତ ଧୋଇବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଉ। ସ୍ୱାସ୍ଥ୍ୟକର୍ମୀଙ୍କୁ ଯଥେଷ୍ଟ ସଂଖ୍ୟକ ପିପିଇ କିଟ୍ ପ୍ରଦାନ କରାଯିବା ସହିତ ଯନ୍ତ୍ରପାତିଗୁଡ଼ିକର ପ୍ରୋଟୋକଲ ଅନୁକରଣରେ ଶୁଦ୍ଧକରଣ(ଡିସଇନଫେକ୍ଟ) କରିବା ଲାଗି କୁହାଯାଇଛି। ସେହିପରି କୋଭିଡ୍ ବର୍ଜ୍ୟବସ୍ତୁର ପରିଚାଳନା, ଚିକିତ୍ସିତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅବସ୍ଥାକୁ ଆସିବା ପରେ କୋଭିଡ୍ ଆମ୍ବୁଲାନ୍ସରେ ଅନ୍ୟତ୍ର ରେଫର କରାଯାଇ ପାରିବ। ହସ୍ପିଟାଲରେ କରୋନା ସଂକ୍ରମିତଙ୍କ ଜରୁରୀକାଳୀନ ଚିକିତ୍ସା ମାତୃକାଳୀନ, ନିରାପଦ ପ୍ରସବ ଓ ଶିଶୁ ଯତ୍ନ ବ୍ୟବସ୍ଥା ଗ୍ରହଣ କରାଯିବା ନେଇ ପ୍ରସ୍ତୁତ ରହିବାକୁ ବିଭାଗ ପକ୍ଷରୁ କୁହାଯାଇଛି। ହସ୍ପିଟାଲରେ ଚିକିତ୍ସା ଥିବା ସମୟରେ କୌଣସି ବ୍ୟକ୍ତି ଯଦି ପଜିଟିଭ୍ ଚିହ୍ନଟ ହୁଅନ୍ତି ତା'ହେଲେ ସେହି ଗୃହରେ ଥିବା ଅନ୍ୟ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତରଣ କରାଯିବ। ସଂପୃକ୍ତ ଗୃହକୁ ୨୪ଘଣ୍ଟା ପାଇଁ ବନ୍ଦ କରାଯିବା ସହିତ ସାନିଟାଇଜ୍ ଓ ସଫା କରାଯିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଭୁବନେଶ୍ୱରର ସବୁ ଧର୍ମାନୁଷ୍ଠାନ ବନ୍ଦ



ଭୁବନେଶ୍ୱର,୨୧/୪ (ନି.ପ୍ର): ଭୁବନେଶ୍ୱରରେ ବନ୍ଦ ରହିବ ସବୁ ଧର୍ମାନୁଷ୍ଠାନ। କେବଳ ସେବାୟତଙ୍କ ଦ୍ୱାରା ନୀତିକାନ୍ତି କରାଯିବ ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମସି) କମିଶନର ପ୍ରେମ୍ ଚନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଭୁବନେଶ୍ୱରରେ କରୋନା ପଜିଟିଭ୍ ସଂଖ୍ୟା ବଢ଼ିଛି। ଏହାକୁ ଦୃଷ୍ଟି ରଖି ଓ ରାଜ୍ୟ ସରକାର ସ୍ଥାନୀୟ ପ୍ରଶାସନକୁ ଦେଇଥିବା କ୍ଷମତାର ଉପଯୋଗ କରି ବିଏମ୍‌ସି ଅଂଚଳରେ ଥିବା ବିଭିନ୍ନ ଧର୍ମାନୁଷ୍ଠାନର ପରିଚାଳନା କମିଟି ସଦସ୍ୟଙ୍କ ସହ ଆଲୋଚନା କରି ଏହି ନିଷ୍ପତି ନେଇଛୁ। ବର୍ତମାନ ପାଇଁ ମନ୍ଦିର, ମସଜିଦ, ଚର୍ଚ୍ଚ ଓ ଗୁରୁଦ୍ୱାର ଆଦି ସମସ୍ତ ଧର୍ମାନୁଷ୍ଠାନରେ ଶ୍ରଦ୍ଧାଳୁଙ୍କ ପ୍ରବେଶକୁ ବାରଣ କରାଯାଇଛି। ତେବେ ସବୁ ଧର୍ମାନୁଷ୍ଠାନରେ ଦୈନନ୍ଦିନ ନୀତିକାନ୍ତି ସଂପନ୍ନ କରିବାକୁ ଅନୁମତି ଦିଆଯାଇଛି। ଆଗାମୀ ଦିନରେ ସ୍ଥିତିକୁ ଦେଖି ପୁଣି ଶ୍ରଦ୍ଧାଳୁଙ୍କ ନିମନ୍ତେ ଧର୍ମାନୁଷ୍ଠାନ ଗୁଡ଼ିକୁ ଖୋଲିବା ପାଇଁ ବ୍ୟବସ୍ଥା କରାଯିବ। ବିଏମ୍‌ସି ପକ୍ଷରୁ ଏନେଇ ଗାଇଡ୍ ଲାଇନ୍ ମଧ ଜାରି କରାଯାଇଛି। ଧର୍ମାନୁଷ୍ଠାନ ଗୁଡ଼ିକରେ ନୀତିକାନ୍ତି ସଂପନ୍ନ କରିବାକୁ ଉପସ୍ଥିତ ରହୁଥିବା ପୂଜକ ଓ କର୍ମଚାରୀମାନଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ କରାଯାଇଛି। ସେମାନେ ସାମାଜିକ ଦୂରତ୍ୱ ମଧ ରକ୍ଷା କରିବେ। ପୂଜକ ଓ ଅନ୍ୟ କର୍ମଚାରୀ ଧର୍ମାନୁଷ୍ଠାନରେ ପ୍ରବେଶ କରିବା ପୂର୍ବରୁ ସେମାନଙ୍କର ଥର୍ମାଲ ସ୍କ୍ରିନିଂ କରିବାକୁ ତଥା ହାତ ଧୋଇବାକୁ ହ୍ୟାଣ୍ଡୱାସ୍ ରଖିବାକୁ ପରିଚାଳନା କମିଟିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

# ସମାଜସେବୀ ନନ୍ଦିନୀ ଶତପଥୀ ସେନସର ବୋର୍ଡ଼ର ସଦସ୍ୟା ଭାବେ ମନୋନୀତ



ଭୁବନେଶ୍ୱର,୨୧/୪ (ନି.ପ୍ର): ବିଶିଷ୍ଟ ନାରୀନେତ୍ରୀ, ସୁପ୍ରସିଦ୍ଧ ଗାୟିକା, କବି ତଥା ସମାଜସେବୀ ନନ୍ଦିନୀ ଶତପଥୀଙ୍କୁ କେନ୍ଦ୍ରୀୟ ଫିଲ୍ମ ପ୍ରମାଣନ ବୋର୍ଡ଼ / ସେଣ୍ଟ୍ରାଲ ବୋର୍ଡ଼ ଅଫ ଫିଲ୍ମ ସାର୍ଟିଫିକେଶନ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଭାବେ ମନୋନୀତ କରାଯାଇଛି। ଏହି ନିଯୁକ୍ତି ପରେ ତାଙ୍କ ଜନ୍ମମାଟି ସାଲେପୁରର ବହୁ ଜନସାଧାରଣ ତାଙ୍କୁ ଶୁଭେଚ୍ଛା ବାର୍ତ୍ତା ପଠାଇଛନ୍ତି। ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗ ମନ୍ତ୍ରଣାଳୟର ବିଜ୍ଞପ୍ତିକୁ ଆଧାର କରି କେନ୍ଦ୍ରୀୟ ଫିଲ୍ମ ପ୍ରମାଣନ ବୋର୍ଡ଼ କଟକ ଆଞ୍ଚଳିକ ଅଧିକାରୀ ଗୋପାଳକୃଷ୍ଣ ମହାପାତ୍ର ଶ୍ରୀମତୀ ଶତପଥୀଙ୍କୁ ଏ ସମ୍ପର୍କରେ ଲିଖିତ ଭାବେ ଅବଗତ କରାଇଛନ୍ତି। ନାରୀନେତ୍ରୀ ନନ୍ଦିନୀ ଶତପଥୀ ଆଗାମୀ ଦୁଇବର୍ଷ ପର୍ଯ୍ୟନ୍ତ ଏହି ପଦରେ ରହିବେ। ନିଜର ଏହି ପଦବୀ ପ୍ରାପ୍ତି ପରେ ସେ ମାନନୀୟ କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି, କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ବିଜେପି ରାଜ୍ୟ ସମ୍ପାଦକ ମାନସ ମହାନ୍ତିଙ୍କୁ ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଝିଅ ବିଦାୟ ସେ ତ ବିଧିର ବିଧାନ...

**ପୃଷ୍ଠା ୫ର ଅବଶିଷ୍ଟାଂଶ...**
କନ୍ୟାରୁ ନାରୀ ହୋଇ ସଂସାର ହସାଇବୁ। ସ୍ନେହ ମମତାର ଡୋରୀରେ ସୁନ୍ଦର ସମ୍ପର୍କର ସେତୁ ଯୋଡି ପାରେ ବୋଲି ଦୁହିତା ଦୁହି କୂଳକୁ ହିତା ବୋଲି ପ୍ରବାଦ ଅଛି। ଦୁଇ ପରିବାର ମଧ୍ୟରେ ସାମାନତା ରକ୍ଷା କରି ଚଳିବୁ। ସ୍ତ୍ରୀ ହୋଇ ସ୍ୱାମୀର ସବୁ ପ୍ରକାର ସାଥି ହୋଇ ରହିବୁ। ବୋହୁ ହୋଇ ଶାଶୁ ଶଶୁରଙ୍କ ସେବାରେ କେବେ ଅବହେଳା କରିବୁ ନାହିଁ। ଶାଶୂଘରେ ସମ୍ପର୍କର ମର୍ଯ୍ୟାଦାକୁ କେବେ ଖଣ୍ଡ ବିଖଣ୍ଡିତ କରିବାକୁ ଦେବୁ ନାହିଁ। ଏମିତି କାନ୍ଦି କାନ୍ଦି ଝିଅ କୁ ବିଦାୟ ଦେଉଥାନ୍ତି।ମୁ ଭାବୁଥାଏ ଯଦି ସମସ୍ତ ବାପା ମା' ଏପରି ସଂସ୍କାର ଦେଇ ଝିଅକୁ ଛାଡିବେ ତେବେ ଆଉ ଆମ ସମାଜରେ ପାରିବାରିକ ଅଶାନ୍ତି ଦେଖାଯିବ ନାହିଁ।ପ୍ରତି ନାରୀ କଥାରେ ଥାଏ ମଧୁରତା ଆଉ କାମରେ ଅତ୍ମୀୟତା ସେ ଗଢି ପାରିବ ସୁନା ସଂସାର।

ଆଧୁନିକ ସମାଜର ସ୍ଥିତିକୁ ଅନୁଧ୍ୟାନ କରି ସମସ୍ତ ବାପା ମା' ଜଗମୋହନ ବାବୂ ଓ ତାଙ୍କ ପତ୍ନୀଙ୍କ ପରି ସଂସ୍କାରି ଯଦି କରି ପାରନ୍ତେ ତେବେ ନିଶ୍ଚିତ ସମାଜରେ ପରିବାର କଳହର ସମସ୍ୟା କିଛି ମାତ୍ରାରେ କମିଯାଅନ୍ତା। ଝିଅ ସଂସ୍କାରି ହୋଇଥିଲେ ଘରର ମାହୋଲ ନିଶ୍ଚିତ ବଦଳିଯିବ। ମଣିଷର ହୃଦୟକୁ ଠିକ ସମୟରେ ବୁଝି ପାରିବା ଝିଅରୁ ବୋହୁ ହୋଇ ଏହା ହିଁ ତାର ପାରିବା ପଣିଆ। ସମସ୍ତେ ନିଜ ପରିବାର ଆଉ ସ୍ନେହ ଶ୍ରଦ୍ଧାର ଏକତାକୁ ମୂଲ୍ୟବାନ ସମ୍ପଦ ବୋଲି ଭାବିବା ଆବଶ୍ୟକ।

## ନିରାଡ଼ମ୍ବର ଭାବେ ସାଇବାବାଙ୍କ ଜୟନ୍ତୀ ଉତ୍ସବ

ବାଲେଶ୍ୱର,୨୧/୦୪ (ନି.ପ୍ର): କୋଭିଡ କଟକଣା ମଧ୍ୟରେ ସହରର ମୀର୍ଜାପୌଖରୀ ଓ ଗୋପାଳଗାଁ ସାଇ ମନ୍ଦିରରେ ଶିରିଡ଼ି ସାଇବାବାଙ୍କ ଜୟନ୍ତୀ ଉତ୍ସବ ବିଶେଷ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନର କୋଭିଡ କଟକଣା ଅନୁସାରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଶରିଡି ସାଇ ମନ୍ଦିରମାନଙ୍କରେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ପ୍ରାତଃକାଳରେ ପ୍ରଥମେ ଶିରିଡି ସାଇ ବାବାଙ୍କ ସ୍ନାନ ପରେ ଆରତୀ କରାଯାଇଥିଲା। କୋଭିଡ ନିୟମ ଅନୁପାଳନ ପୂର୍ବକ ମନ୍ଦିରରେ ସୀମିତ ସଂଖ୍ୟକ ସାଇଭକ୍ତମାନେ ବେଶ୍ ଭକ୍ତି ଓ ଶ୍ରଦ୍ଧାର ସହ ବାବାଙ୍କୁ ଆରଧନା କରୁଥିବା ଦେଖିବାକୁ ମିଳିଥିଲା। ଦିବସ ବ୍ୟାପୀ କାର୍ଯ୍ୟକ୍ରମରେ ଘୃତଯଜ୍ଞ, ସାଇ ପାରାୟଣ, ୧୦୦୮ ନାମଯଜ୍ଞ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୋହିତଙ୍କ ସମେତ ମନ୍ଦିରର କର୍ମକର୍ତାମାନେ ଅଂଶଗ୍ରହଣ କରିଥିଲେ। ପୂର୍ବବର୍ଷମାନଙ୍କରେ ଅନୁଷ୍ଠିତ ହେଉଥିବା ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମକୁ ୨୦୨୦ ମସିହା ପରି ଚଳିତ ବର୍ଷ ମଧ୍ୟ ବାତିଲ କରାଯାଇଥିଲା। ସେହିପରି ପ୍ରତିବର୍ଷ ହେଉଥିବା ବାବାଙ୍କ ପାଲିଙ୍କି ଯାତ୍ରାକୁ ବନ୍ଦ କରାଯାଇଥିଲା। କରୋନା ସ୍ଥିତି ଟଳିଲା ପରେ ଆସନ୍ତା ବର୍ଷ ଆଡ଼ମ୍ବର ସହକାରେ ଶିରିଡ଼ି ସାଇବାବାଙ୍କ ସମସ୍ତ ଉତ୍ସବ ପାଳିତ ହେବ ବୋଲି ମନ୍ଦିର କର୍ମକର୍ତ୍ତାମାନେ ଆଶାପ୍ରକାଶ କରିଥିଲେ।

## ନାଗରିକ ସେବା ଦିବସ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଦିଲ୍ଲୀ,୨୧/୦୪ (ନି.ପ୍ର): ନାଗରିକ ସେବା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସମସ୍ତ ପ୍ରଶାସନିକ ଅଧିକାରୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ମୋଦୀ ଏକ ଟ୍ୱିଟ୍ରେ କହିଛନ୍ତି : "ନାଗରିକ ସେବା ଦିବସ ଅବସରରେ ସମସ୍ତ ସେବା ପ୍ରଦାନକାରୀ ପ୍ରଶାସନିକ ଅଧିକାରୀଙ୍କୁ ଶୁଭେଚ୍ଛା। ବିଭିନ୍ନ ଅଞ୍ଚଳରେ ଏବଂ ବିଭିନ୍ନ କ୍ଷେତ୍ରରେ, ସେମାନେ ଆମ ସମାଜକୁ ସାହାଯ୍ୟ କରିବା ସହ ରାଷ୍ଟ୍ରର ପ୍ରଗତି ଦିଗରେ ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାନ ଉତ୍ସାହର ସହିତ ସେମାନେ ରାଷ୍ଟ୍ର ସେବା ଜାରି ରଖନ୍ତୁ"।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୬ ଗିରଫ

ଭୁବନେଶ୍ୱର,୨୧/୦୪ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୬ ଜଣଙ୍କୁ ଗିରଫ ଜବତ କରା ଯାଇଛି। ୪୭୩ ବାହନକୁ ଜବତ କରା ଯାଇଛି। ଏହି ସମୟ ମଧ୍ୟରେ ୨୪,୬୦,୪୦୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବିଶ୍ୱର ସ୍ୱଚ୍ଛ ଇନ୍ଧନ ଯୋଗାଣରେ....

ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି। ଭାରତର ଜଳବାୟୁ ପରିବର୍ତ୍ତନ ଏଜେଣ୍ଡା ଉପରେ ଆୟୋଜିତ ଆଲୋଚନାରେ ଶ୍ରୀ ପ୍ରଧାନ ଜଳବାୟୁ ପରିବର୍ତ୍ତନ ଉପରେ ଭାରତ ଦ୍ୱାରା ନିଆଯାଉଥିବା ପଦକ୍ଷେପ, ପ୍ୟାରିସ ଚୁକ୍ତିର ଲକ୍ଷ୍ୟକୁ ପୂରଣ କରିବାରେ ଭାରତ ଦ୍ୱାରା ନିଆଯାଇଥିବା ପଦେକ୍ଷପ, ଭାରତରେ ଉର୍ଜା ବ୍ୟବହାର, ସ୍ୱଚ୍ଛ ଉର୍ଜା ରୂପାନ୍ତରଣ ଦିଗରେ ପ୍ରସ୍ତୁତ କରାଯାଇଥିବା ରୋଡ଼ମ୍ୟାପ, ଉର୍ଜା ନ୍ୟାୟକୁ ସୁନିଶ୍ଚିତ କରିବା ଦିଗରେ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ବିଶ୍ୱ ଜଳବାୟୁ କାର୍ଯ୍ୟକ୍ରମକୁ ଅଧିକ ଗତିଶୀଳ କରିବା ପାଇଁ ଉଦୀୟମାନ ଅର୍ଥନୀତି ଏବଂ ବିକଶିତ ରାଷ୍ଟ୍ର ମାନଙ୍କୁ ଏ ଦିଗରେ ପଦକ୍ଷେପ ନେବା ପାଇଁ ଗୁରୁତ୍ୱାରୋପ କରିଥିଲେ ଶ୍ରୀ ପ୍ରଧାନ। ବିକଶିତ ରାଷ୍ଟ୍ର ମାନଙ୍କୁ ଜଳବାୟୁ ହାସଲ କରିବା ଲକ୍ଷ୍ୟରେ ଉପଯୁକ୍ତ ପ୍ରଯୁକ୍ତିବିଦ୍ୟାର ଉପଲବ୍ଧି ଏବଂ ଆର୍ଥିକ ସହାୟତା ଦେବା ଦିଗରେ ନେତୃତ୍ୱ ଦେବାର ଆବଶ୍ୟକତା ରହିଥିବା କହିଥିଲେ। ସେହିପରି ଭାରତ ଏବଂ ଆମେରିକା ତଥା ପ୍ରଯୁକ୍ତିବିଦ୍ୟାକୁ ବିକଶିତ କରୁଥିବା ରାଷ୍ଟ୍ର ଗୁଡ଼ିକ ମଧ୍ୟରେ ଡ଼ିକାବର୍ନାଇଜେସନ ଦିଗରେ ନୂଆ ଆଭିମୁଖ୍ୟର ଅନ୍ୱେଷଣ ପାଇଁ ଅଧିକ ସମନ୍ୱୟ ସ୍ଥାପନା, ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ପାଇଁ ଅଧିକରୁ ଅଧିକ ପଦକ୍ଷେପ ନେବା ସହ ହାଇଡ୍ରୋଜେନ ଭଳି ଉଦୀୟମାନ ଉର୍ଜା କ୍ଷେତ୍ରରେ ସହଯୋଗ କରିବା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ। ଅପରପକ୍ଷରେ "ଜଷ୍ଟ ଟ୍ରାନଜିକ୍ସନ ଟୁ ଏ ଗ୍ଲୋବାଲ କ୍ଲିନ୍ ଏନର୍ଜି ଫ୍ୟୁଚର" କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଭାରତର ଉର୍ଜା ଭବିଷ୍ୟତ, ଉର୍ଜା ପ୍ରାଥମିକତା, ଚ୍ୟାଲେଞ୍ଜ୍, ସୁଯୋଗ ଉପରେ ଆଲୋଚନା କରିଥିଲେ। ଏହାସହ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଦେଶରେ ଅଣାଯାଇଥିବା 'ବବ୍ଲୁ ଫ୍ଲେମ ରିଭୋଲ୍ୟୁସନ' ଏବଂ ଏହା ଦ୍ୱାରା ପରିବେଶ ଉପରେ ପଡିଥିବା ସୁପ୍ରଭାବ, ମହିଳାଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ଦିଗରେ ଚର୍ଚ୍ଚା କରିଥିଲେ। ଏହାସହ ଅକ୍ଷୟ ଉର୍ଜା, ପ୍ରାକୃତିକ ଗ୍ୟାସ ଏବଂ ଅନ୍ୟାନ୍ୟ ସବୁଜ ଇନ୍ଧନର ବ୍ୟବହାର ପାଇଁ ଭାରତ କିପରି ଏକ ପେଣ୍ଠସ୍ଥଳି ଭାବରେ ଉଭା ହୋଇଛି ତାହା ଉପରେ ଶ୍ରୀ ପ୍ରଧାନ ଚର୍ଚ୍ଚା କରିଥିଲେ।

### ଦେଶରେ ଦୈନିକ ସଂକ୍ରମଣ....

ଜୀବନ ନେବାକୁ ସକ୍ଷମ ବୋଲି ବିଶେଷଜ୍ଞ କହିଛନ୍ତି। ଭାରତର ଡବଲ ମ୍ୟୁଟାଂଟ ପରେ ଏବେ ଟ୍ରିପଲ ମ୍ୟୁଟାଂଟ ଦେଖା ଦେଇଛି। ପଶ୍ଚିମବଙ୍ଗ, ଦିଲ୍ଲୀ ଓ ମହାରାଷ୍ଟ୍ରରେ ଏହି ଭୂତାଣୁର ପରିବର୍ତ୍ତିତ ରୂପ ଠାବ କରାଯାଇଛି। ତିନୋଟି ଭିନ୍ନ ଭିନ୍ନ ରୂପର ଭୁତାଣୁର ମିଶ୍ରଣକୁ ଟ୍ରିପଲ ମ୍ୟୁଟାଂଟ ବୋଲି କୁହାଯାଉଛି। ଆଉ ବିଶ୍ୱରେ ଏହି ଟ୍ରିପଲ ମ୍ୟୁଟାଂଟ ଯୋଗୁଁ ଦ୍ରୁତ ସଂକ୍ରମଣ ହେଉଥିବା ବିଶ୍ୱାସ କରୁଛନ୍ତି ବୈଜ୍ଞାନିକ। ମ୍ୟାକ ଗିଲ ବିଶ୍ୱବିଦ୍ୟାଳୟର ଏପିଡୋମୋଲୋଜି ଅଧ୍ୟାପକ ମଧୁକର ପାଇ କହିଛନ୍ତି, 'ଏହା ଅଧିକ ସଂକ୍ରାମକ ଓ ମଣିଷକୁ ଶୀଘ୍ର ଅସୁସ୍ଥ କରିବାରେ ସକ୍ଷମ'। କରୋନା ଟିକାର ପ୍ରଭାବ ଏହି ଟ୍ରିପଲ ମ୍ୟୁଟାଂଟ ଉପରେ କେତେ ଫଳପ୍ରଦ ତାହା ଜଣାପଡି ନାହିଁ। ଟ୍ରିପଲ ମ୍ୟୁଟାଂଟ ଉପରେ ଅଧିକ ଗବେଷଣା ଆବଶ୍ୟକ ବୋଲି କହିଛନ୍ତି ମଧୁକର ପାଇ। ଡବଲ ମ୍ୟୁଟାଂଟରେ ଦେଶର ଶିଶୁ ସଂକ୍ରମିତ ହୋଇଥିବାରୁ ବିଶେଷଜ୍ଞଙ୍କ ଚିନ୍ତା ବଢିଯାଇଛି। ଏପଟେ ଦେଶରେ ଦୈନିକ ସଂକ୍ରମଣ ତିନି ଲକ୍ଷ ମୁହାଁ ହେଉଥିବା ବେଳେ ଟ୍ରିପଲ ମ୍ୟୁଟାଂଟ ଭୁତାଣୁ ଚିହ୍ନଟ ହେବା ଚିକିତ୍ସା ବ୍ୟବସ୍ଥା ପାଇଁ ଏକ ବଡ ଆହ୍ୱାନ।

### ମାଟ୍ରିକ୍ ପରୀକ୍ଷାକୁ ବାତିଲ ....

କିନ୍ତୁ ପ୍ରଶ୍ନ ଉଠୁଛି, ପରୀକ୍ଷା ମାର୍କିଂର ଆଧାର କଣ ହେବ ? ଗ୍ରେଡେସନ କିଭଳି ହେବ ? କଲେଜରେ କିଭଳି ଆଡମିଶନ ହେବ? ମେରିଟ ଲିଷ୍ଟ କିଭଳି ପ୍ରସ୍ତୁତ ହେବ ? ଯେଉଁମାନେ ପ୍ରି-ବୋର୍ଡ ପରୀକ୍ଷା ଦେଇନାହାନ୍ତି ସେମାନଙ୍କର କଣ ହେବ? ଗଣଶିକ୍ଷା ବିଭାଗର ତର୍କ ହେଲା ପରୀକ୍ଷା ଫଳରେ ଯେଉଁ ଛାତ୍ରଛାତ୍ରୀ ଅସହମତି ପ୍ରକାଶ କରିବେ ସେମାନଙ୍କୁ ପରୀକ୍ଷା ଦେବାର ସୁଯୋଗ ଦିଆଯିବ। କିନ୍ତୁ ବଡ ପ୍ରଶ୍ନ ହେଲା, ଯେଉଁମାନେ ପ୍ରି-ବୋର୍ଡ ପରୀକ୍ଷା ଦେଇନାହାନ୍ତି ସେମାନଙ୍କର କଣ ହେବ।ସରକାରଙ୍କ ନିଷ୍ପତି ଉପରେ ଶିକ୍ଷକ ସଂଘ ଓଷ୍ଟା ବି ପ୍ରଶ୍ନ ଉଠାଇଛି। ସଂଘ କହିଛି ଯୁକ୍ତ ଦୁଇ ପଢିଲା ବେଳେ ବିଷୟ ଠିକ କରିବା ଛାତ୍ରଛାତ୍ରୀଙ୍କ ପାଇଁ ବଡ ସମସ୍ୟା ସୃଷ୍ଟି କରିବ। ସିବିଏସଇ ଭଳି ରାଜ୍ୟରେ ମାଟ୍ରିକ ପରୀକ୍ଷାକୁ ବାତିଲ କରାଯାଇଛି। ମେ ମାସ ୩ତାରିଖରେ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ହେବାର ଥିଲା। ଏବର୍ଷ ମୋଟ ୬ ଲକ୍ଷ ୪୭ ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେବାର ଥିଲା।

### ୨୪ ଘଂଟା ମଧ୍ୟରେ ୨୧ ଜିଲ୍ଲାରେ ....

କିଲୋମିଟର ରହି କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ୨୧ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହିପରି ଭାବେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ଓ ଘୂର୍ଣ୍ଣିଂ ଝଡ ଲାଗି ରହିପାରେ। ପାଣିପାଗ ବିଭାଗର ସତର୍କ ସୂଚନା ଅନୁଯାୟୀ ଗୁରୁବାର ସକାଳ ୮ଟା ୩୦ରୁ ଶୁକ୍ରବାର ୮ଟା ୩୦ ମଧ୍ୟରେ ବାଲେଶ୍ୱର ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର. ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, କେନ୍ଦୁଝର, ମୟୁରଭଂଜ, କନ୍ଧମାଳ , ରାୟଗଡା ଓ କୋରାପୁଟ ଏବଂ ଶୁକ୍ରବର ସକାଳ ଠାରୁ ଶନିବାର ସକାଳ ମଧ୍ୟରେ ମାଲକାନଗିରି, କୋରାପୁଟ, ଗଜପତି ଓ ଗଂଜାମ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ଓ ଘୁର୍ଣ୍ଣିଂ ଝଡସମ୍ଭାବନା ରହିଛି। ଏହିସବୁ ଜିଲ୍ଲା ଗୁଡିକୁ ୟେଲେ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

### ଆତ୍ମସମର୍ପଣ କଲା ଦୁର୍ଦ୍ଦାନ୍ତ .....

ତେଲେଙ୍ଗାନାରେ ବିଭିନ୍ନ ନକ୍ସଲି ହିଂସାରେ ସାମିଲ ଥିଲା। ତେଣୁ ୩ ରାଜ୍ୟ ପୁଲିସ୍ ପକ୍ଷରୁ ତାକୁ ଧରିବା ପାଇଁ ଜୋରସୋର ଉଦ୍ୟମ ହେଉଥିଲା। ଦୀର୍ଘ ବର୍ଷ ଧରି ପୁଲିସ୍ ଆଖିରେ ଧୂଳି ଦେଇ ବଣ ଜଙ୍ଗଲରେ ଲୁଚି ରହୁଥିବା କ୍ରିଷ୍ଣା ଶେଷରେ ଆନ୍ଧ୍ର ପୁଲିସ୍ ନିକଟରେ ଆତ୍ମସମର୍ପଣ କରିବାକୁ ବାଧ ହେଲା ବୋଲି ସୂଚନା ମିଳିଛି। କ୍ରିଷ୍ଣା ନାମରେ ତିନି ରାଜ୍ୟର ସରକାର ୩୦ ଲକ୍ଷ ଟଙ୍କା ଘୋଷଣା କରିଥିଲେ। ଆତ୍ମସମର୍ପଣ ପରେ ଆନ୍ଧ୍ର ପୁଲିସ୍ ପକ୍ଷରୁ କ୍ରିଷ୍ଣାକୁ ୨୦ ଲକ୍ଷରୁ ଅଧିକ ଟଙ୍କା ସହାୟତା କରାଯିବ ସହ ଆତ୍ମନିର୍ଭରଶୀଳ କରାଯିବ ବୋଲି ସୂଚନା ଦିଆଯାଇଛି।

### ୬ ସହରର ତାପମାତ୍ରା ....

୩୭.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ବାଲେଶ୍ୱରରେ ୩୭, ଚାନ୍ଦବାଲି , ୩୮.୪, ପାରାଦୀପ ୩୨, ପୁରୀ ୩୩ , ଝାରସୁଗୁଡା ୩୯.୪, କେନ୍ଦୁଝର ୩୮.୨, ସମ୍ବଲପୁର ୩୯.୩, ସୁନ୍ଦରଗଡ ୩୮. ୫, ହୀରାକୁଦ ୩୮.୩, ଭବାନୀପାଟଣା ୩୯.୫, ବଲାଙ୍ଗୀର ୩୯.୬, କୋରାପୁଟ ୩୩.୬, ଫୁଲବାଣୀ ୩୮ , ମାଲକାନଗିରି ୩୭, ଦାରିଙ୍ଗବାଡି ୩୬, ନୟାଗଡ ୩୯.୫, ଛତ୍ରପୁର ୩୪.୭ , ପାରଳାଖେମୁଣ୍ଡି ୩୫ ଓ ରାୟଗଡାରେ ୩୫.୨ ଡିଗ୍ରୀ ସେଲସିୟସ୍ ତାପମାତ୍ର ରେକର୍ଡ ହୋଇଛି।

### କରୋନା ଭୂତାଣୁର ଯେକୌଣସି ....

ନିୟମ ଅନୁସାରେ ମିଳୁଥିବା କାରଣରୁ କୋଭିଡ୍ ଟିକା ଔଷଧ ଦୋକାନରେ ବିକ୍ରିୟ କରାଯାଇ ପାରିବ ନାହିଁ। ଏହି ଟିକାକୁ ଉପଯୁକ୍ତ ପ୍ରତିଷ୍ଠାନରେ ଦିଆଯିବା ଏବଂ ଟିକାକରଣ ସମୟରେ ମାର୍ଗଦର୍ଶିକା ପାଳନ କରିବା ହେଉଛି ଗୁରୁତ୍ୱପୂର୍ଣ୍ଣ କଥା। ଏହା ବ୍ୟତିରକେ, କୌଣସି ପାର୍ଶ୍ୱ ପ୍ରତିକ୍ରିୟାର ଚିହ୍ନଟ ଓ ଅନୁଶୀଳନ କରିବା ନିମନ୍ତେ ୱାର୍କପ୍ଲେସ୍ ସମେତ ଏହି ସବୁ ଟିକାକରଣ କେନ୍ଦ୍ରଗୁଡ଼ିକୁ 'ଏଇଏଫଆଇ' ପରିଚାଳନା କେନ୍ଦ୍ର ସହ ସଂଯୁକ୍ତ କରାଯାଇଛି।

## ପୀତାମ୍ବରା ସିଦ୍ଧ ମହାଶକ୍ତି ପୀଠରେ ନବରାତ୍ର ପୂଜା ଉଦଯାପିତ

ବାଲେଶ୍ୱର,୨୧/୦୪ (ନି.ପ୍ର): ଚୈତ୍ରମାସ ଶୁକ୍ଳପକ୍ଷ ପ୍ରତିପଦ ତିଥିରୁ ଆରମ୍ଭ ହୋଇଥିବା ମହାଶକ୍ତିଙ୍କ ନବରାତ୍ର ପୂଜା ମାଆ ଦୁର୍ଗାଙ୍କ ମହାନବମୀ ତିଥିରେ ସମ୍ପନ୍ନ ହୋଇଛି। ବିଭିନ୍ନ ଶକ୍ତିପୀଠରେ ୯ ଦିନ ଧରି ଚାଲିଥିବା ଏହି ପୂଜା ବୁଧବାର ମହାନବମୀରେ ଶେଷ ହୋଇଛି। ଏହି କ୍ରମରେ ବାଲେଶ୍ୱର ସହର ଉପକଣ୍ଠ ତାମୂଳିଆସ୍ଥିତ ଶ୍ରୀ ପୀତାୟରୀ ସିଦ୍ଧ ମହାଶକ୍ତୀ ପୀଠରେ ନଅ ଦିନ ବ୍ୟାପୀ ରୀତିନୀତି ଅନୁସାରେ ନବରାତ୍ର ପୂଜା ଅନୁଷ୍ଠିତ ହୋଇଥିଲା। ପତ୍ୟେକ ଦିନ ପ୍ରାତଃକାଳରୁ ପଞ୍ଚଦେବତାଙ୍କ ଘଟ ଓ ମଣ୍ଡଳାଦି ସ୍ଥାପନ ସହ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ସେହିପରି ସଂଧ୍ୟାରେ ସପ୍ତସତୀ ଚଣ୍ଡିପାଠ ଓ ରାତିରେ ୧୦୮ ଆହୁତି ପ୍ରଭୃତି କର୍ମକାଣ୍ଡ ମାଧ୍ୟମରେ ପୀଠର ଅଧିଷ୍ଠାତ୍ରୀ ମା' ବଗଳାମୁଖୀଙ୍କର ପୂଜାର୍ଚ୍ଚନା କରାଯାଇଥିଲା। ନଅ ଦିନ ଧରି ମାଆଙ୍କୁ ବିଭିନ୍ନ ରୂପରେ ଭକ୍ତମାନେ ଦର୍ଶନ କରିଥିଲେ। ତେବେ ଏହି ନବରାତ୍ର କାଳରେ ମହାବିଷୁବ ସଂକ୍ରାନ୍ତି ତିଥିରେ ପୀଠ ରକ୍ଷକ ମହାବୀର ହନୁମାନଙ୍କ ଜନ୍ମୋତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ସମ୍ପୂର୍ଣ୍ଣ ସୁନ୍ଦରାକାଣ୍ଡ ଓ ସାମୁହିକ ହନୁମାନ ଚାଳିଶା ପାଠ କରାଯାଇଥିଲା। ସେହିପରି ମହାନବମୀ ତିଥିରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳିତ ହୋଇଥିଲା। ଏଥି ନିମନ୍ତେ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ଅଭିଷେକ ସହ ସ୍ୱତନ୍ତ୍ରର ପୂଜାନୀତି ଅନୁଷ୍ଠିତ ହୋଇଥିଲା।

## ଝାଡପିମ୍ପଳ ଗାଁର ପିଇବାପାଣି ପ୍ରକଳ୍ପ ଅଚଳ : ୫ଦିନ ଧରି ଲୋକେ ତହଳ ବିକଳ

ଜଳେଶ୍ୱର, ୨୧/୪ (ନିପ୍ର) : ପ୍ରଚଣ୍ଡ ରୌଦ୍ରତାପ ସହ ଭୂତଳ ଜଳସ୍ତର କମିଥିବାରୁ ପିଇବାପାଣି ସଂକଟ ଦେଖା ଦେଇଛି। ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଝାଡପିମ୍ପଳ ଗାଁରେ ବସିଥିବା ଦ୍ୱିତୀୟ ପ୍ରକଳ୍ପଟି ୫ଦିନ ଧରି ଅଚଳ ହୋଇ ପଡିଥିବାରୁ ସେ ଅଂଚଳର ଲୋକେ ପିଇବାପାଣି ନ ପାଇ ତହଳବିକଳ ହେଉଛନ୍ତି। ପ୍ରକାଶଯୋଗ୍ୟ ଏହି ନଳକୂପଟି ଏକ ଜଳନାଳ ଉପରେ ପ୍ରତିଷ୍ଠା ହୋଇଥିବା, କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବା ନେଇ ସେ ଅଂଚଳର ଲୋକେ ଅଭିଯୋଗ କରି ଆସୁଥିଲେ। ଏପରିକି ସରକାରଙ୍କ ନିତୀନିୟମରେ ପ୍ରକଳ୍ପଟି ଖନନ ହୋଇନଥିବା ସେତେବେଳେ ଗ୍ରାମବାସୀ କାର୍ଯ୍ୟନିବାହୀ ଯନ୍ତ୍ରୀ ଏପରିକି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୫ ଦିନ ଧରି ପିଇବାପାଣି ପାଇନଥିବାରୁ ସେହି ଗାଁର ପୂର୍ଣ୍ଣଚନ୍ଦ୍ର ଗିରି, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଶରତ ଗିରି, ଆଶିଷ ଗିରି, ପ୍ରବିର ପ୍ରଧାନ, ଯଦୁମଣି ନାୟକ ପ୍ରମୁଖ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ପିଇବାପାଣି ପାଇଁ ଲୋକେ ହଇରାଣ ହରକତ ହେଉଥିବାରୁ ଆସନ୍ତା ସୋମବାର ସୁଦ୍ଧା ମରାମତି ନ ହେଲେ ଗ୍ରାମବାସୀଙ୍କ ପକ୍ଷରୁ ଆର୍.ଡବ୍ଲୁ,ଏସ୍.ଏସ୍ଙ୍କ କାର୍ଯ୍ୟଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଆଶିଷ କୁମାର ଗିରି ସୂଚନା ଦେଇଛନ୍ତି।

## କରୋନା ଜନିତ ପରିସ୍ଥିତିରେ ଗଣମାଧ୍ୟମର ଭୂମିକା ଶୀର୍ଷକ ଆଲୋଚନା ଚକ୍ର



ଧାମାନଗର,୨୧/୦୪ (ନି.ପ୍ର): ମାସିକ ଓଡିଆ ସମ୍ବାଦପତ୍ର କଳିଙ୍ଗନଗର ବୁଲେଟିନ୍ ଆନୁକୂଲ୍ୟରେ ତଥା ଧାମନଗର ପ୍ରଦ୍ୟୁମ୍ନବଳ ସ୍ମୃତି ପରିଷଦ ପକ୍ଷରୁ ସାମ୍ପ୍ରତିକ ମହାମାରୀ କରୋନା ଜନିତ ପରିସ୍ଥିତିରେ ଗଣ ମାଧ୍ୟମର ଭୂମିକା ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଧାମନଗର ଡ଼ଃ. ଅବଦୁଲ କାଲାମ ପାଠାଗାର ସଭା ଗୃହରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଧାମନଗର କାନ୍ତସାହିତ୍ୟ ପରିଷଦର ସଭାପତି ରସାନନ୍ଦ ମହାପାତ୍ର ଅଧକ୍ଷତା କରିଥିଲେ। କଳିଙ୍ଗନଗର ବୁଲେଟିନ୍ର ସମ୍ପାଦକ ତଥା ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଉତ୍କଳ ସାମ୍ବାଦିକ ସଂଘ ଭଦ୍ରକ ଜିଲ୍ଲା ସଭାପତି ତଥା ରାଜ୍ୟ ଶୃଙ୍ଖଳା କମିଟି ଅଧକ୍ଷ ରବି ନାରାୟଣ ଖିଲାର, ଧାମନଗର ପ୍ରେସ କ୍ଲବର ସଭାପତି ତଥା ଏସ.ୟୁ.ଜେ. (ଓ)ର ରାଜ୍ୟ ଉପସଭାପତି ବାସୁଦେବ ତ୍ରିପାଠୀ, ଧାମନଗର ଥାନା ଆଇଆଇସି ରତିକାନ୍ତ ଗିରି, କାନ୍ତ ସାହିତ୍ୟ ପରିଷଦର ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, ପ୍ରାକ୍ତନ ପ୍ରାଧ୍ୟାପକ ନିତ୍ୟାନନ୍ଦ ମିଶ୍ର, ସାଂସଦଙ୍କ ଧାମନଗର ନଗର ପ୍ରତିନିଧି ଶରତ ଚନ୍ଦ୍ର ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ସାମ୍ପ୍ରତିକ ମହାମାରୀ ସ୍ଥିତିରେ ଗଣ ମାଧ୍ୟମର ଭୂମିକା ସମ୍ପର୍କରେ ସାର ଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା, ଶିକ୍ଷକ ମନୋଜ କୁମାର ଜେନା, ମୋନଜ କୁମାର ସିଂ, ଆଇନ୍ଜୀବୀ ଅମରେନ୍ଦ୍ର ମହାନ୍ତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଚିତ୍ତରଂଜନ ଦାଶ ଅତିଥି ପରିଚୟ ପ୍ରଦାନା କରିଥିବା ବେଳେ ଧାମନଗର ପ୍ରେସ କ୍ଲବର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ପଦୋନ୍ନତି କ୍ରମରେ ପୁରୀ ଡିଏସପି ଭାବେ ବଦଳି ହୋଇଥିବା ଧାମନଗର ଥାନା ଅଧିକାରୀ ରତିକାନ୍ତ ଗିରି, କଳିଙ୍ଗନଗର ବୁଲେଟିନ୍ର ସମ୍ପାଦକ ହାରାଧନ ବାନାର୍ଜି, ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ରବି ନାରାୟଣ ଖିଲାରଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## କଟକଣା ଭିତରେ ପାଳିତ ହେଲା ଶ୍ରୀରାମନବମୀ

ବାଲିଆପାଳ,୨୧/୦୪ (ନି.ପ୍ର): ବାଲିଆପାଳବ୍ଲକ ଜାମକୁଣ୍ଡାଛକ ସ୍ଥିତ ହନୁମାନ ମନ୍ଦିରରେ ବୁଧବାର କରୋନା କଟଜଣା ଭିତରେ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ଏନେଇ ଆଜି ପ୍ରତ୍ୟୁଷରୁ ମହିଳାମାନେ ସୁବର୍ଣ୍ଣରେଖା ନଦୀରୁ କଳସରେ ପାଣି ଉଠାଇ ଏକ ଶୋଭାଯାତ୍ରାରେ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ।ପରେ ମନ୍ଦିରରେ ଯଜ୍ଞସ୍ଥଳରେ ଚତୁଃପାର୍ଶ୍ୱରେ କଳସ ଗୁଡିକୁ ସ୍ଥାପନ କରାଯାଇଥିଲା। ଏହି ଅବସରରେ ଦିବସ ବ୍ୟାପି ଶ୍ରୀ ହନୁମାନ ଜିଉଙ୍କର ପୂଜା ସାଙ୍ଗକୁ ଯଜ୍ଞ ଅନୁଷ୍ଠିତ ହୋଇଥିଲା ଯଜ୍ଞ ସ୍ଥଳରେ ଭକ୍ତ ମାନେ କୋଭିଡ କଟକଣାକୁ ମାନି ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଯଜ୍ଞ ଅନୁଷ୍ଠାନ ଗୁରୁବାର ପର୍ଯ୍ୟନ୍ତ ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟ ବୋର୍ଡର ସଭାପତି ମୃତ୍ୟୁଞ୍ଜୟ ସାହୁ, ସଂପାଦକ ଅଜୟ କୁମାର ଦାସ, ଝାଡେଶ୍ୱର ପ୍ରଧାନ,ଅଜୟ କୁମାର ସାହୁ, ଅର୍ଦ୍ଦେନ୍ଦୁ ପାଣିଗ୍ରାହୀ, ଦୈତାରୀ ଗିରି, ଡ. ସନ୍ତୋଷ ଦାସ, ଗୋପାଳ ସାହୁ, କୁନା ବାରିକ, ପ୍ରମୋଦ ଭୂୟାଁ, ବରେନ୍ଦ୍ର ଘଡାଇ, ବାଇର ଗିରି, ପଞ୍ଚାନନ ନାୟକ, କମଳ ଲୋଚନ ରାଉଳ ସମେତ କମିଟି ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

## ସୁଧାଂଶୁ ମୋହନ ମହାପାତ୍ରଙ୍କ ବିୟୋଗରେ ଶୋକ

କଟକ,୨୧/୦୪ (ନି.ପ୍ର): ଖ୍ରୀଷ୍ଟ କଲେଜର ପୂର୍ବତନ ଅଧକ୍ଷ ତଥା ଭାରତୀୟ ସଂସ୍କୃତି ପ୍ରଚାର ସମିତିର ପୂର୍ବତନ ସଭାପତି ସୁଧାଂଶୁ ମୋହନ ମହାପାତ୍ରଙ୍କ ବିୟୋଗରେ ସମିତି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ସମିତିର ସଭାପତି ଡକ୍ଟର ନାରାୟଣ ମହାନ୍ତି ଏକ ଶୋକବାର୍ତାରେ କହିଛନ୍ତି ଯେ, ତାଙ୍କ ବିୟୋଗରେ ରାଜ୍ୟ ଜଣେ ମହାନ ରାଷ୍ଟ୍ରବାଦୀ ଐତିହାସିକଙ୍କୁ ହରାଇଲା।

## ବାଲିଆପାଳରେ କରୋନା ସ୍ଥିତି ଗମ୍ଭୀର ୫୫ ଆକ୍ରାନ୍ତ : ରାଜ୍ୟ ବାହାରେ ୫ ଜଣଙ୍କର ମୃତ୍ୟୁ

ବାଲିଆପାଳ,୨୧/୦୪ (ନି.ପ୍ର): ବାଲିଆପାଳ ବ୍ଲକରେ ଦିନକୁ ଦିନ କରୋନାର ସ୍ଥିତି ଗମ୍ଭୀର ହେବାରେ ଲାଗିଛି। କରୋନାର ଦ୍ୱିତୀୟ ଲହରୀରେ ଏ ପର୍ଯ୍ୟନ୍ତ ୫୫ ଜଣ ସଂକ୍ରମିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଦୁଇ ଜଣ ଗୁଜୁରାତ ଫେରନ୍ତା, ଦୁଇ ଜଣ ମହାରାଷ୍ଟ୍ର ଫେରନ୍ତା ଏବଂ ୪ ଜଣ ହାଇଦ୍ରାବାଦ ଫେରନ୍ତା ବୋଲି ଜଣା ଯାଇଛି। ଅନ୍ୟମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବେଳେ ସମସ୍ତଙ୍କୁ ଗୃହ ସଙ୍ଗରୋଧରେ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆ ଯାଇଛି। ବିଗତ ୪ ଦିନ ଭିତରେ ବାଲିଆପାଳ ପଂଚାୟତର ଜଣେ, ଜଗତିପୁର ପଂଚାୟତର ଜଣେ ଯୁବକଙ୍କର ରାଜ୍ୟ ବାହାରେ ମୃତ୍ୟୁ ହୋଇଥିବା ବେଳେ ଜମ୍ବୀରାଇ ପଂଚାୟତର ଜଣେ ୩୨ ବର୍ଷୀୟା ମହିଳାଙ୍କ ମଧ୍ୟ ମୃତ୍ୟୁ ହୋଇଛି। ୫୫ ଜଣ ସଂକ୍ରମିତଙ୍କ ମଧ୍ୟରୁ ୪୬ ଜଣ ସଙ୍ଗରୋଧରେ ଥିବା ବେଳେ ୭ ସୁସ୍ଥ ହୋଇଛନ୍ତି। ଅନ୍ୟ ଜଣେ ବିହାର ରାଜ୍ୟର ପ୍ରବାସୀ ବିହାର ଫେରିଯାଇଥିବା ବେଳେ ଆଉ ଜଣେ ବାଲେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ବାଲିଆପାଳ ଗ୍ରାମର ମୃତ ଯୁବକ ଜଣକ ହେଲେ ସାନ୍ତନୁ ଦାସଙ୍କ ପୁଅ ପଙ୍କଜ ଦାସ (୪୦) ବର୍ଷ। ପଙ୍କଜ ସାନ ଭାଇ ପବିତ୍ର ସହିତ ଗୁଜରାତର ମୁର୍ବି ଠାରେ ଏକ ଟାଇଲ କମ୍ପାନିରେ କାର୍ଯ୍ୟ କରୁଥିଲେ। ସେଠାରେ ପଙ୍କଜଙ୍କୁ ଜ୍ୱର ହୋଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷାରୁ ସେ କରୋନା ସଂକ୍ରମିତ ଥିବା ଜଣା ପଡିଥିଲା। ପରେ ଶ୍ୱାସ କ୍ରିୟାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ଚକିତ୍ସା ପାଇଁ ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ସେଠାରେ ଶଯ୍ୟା ମିଳି ନଥିଲା। ସାନ ଭାଇ ପଙ୍କଜ ଏକ ପ୍ରାଇଭେଟ ଅମ୍ୱ୍ୟଲାନ୍ସ ଯୋଗେ ଅକ୍ସିଜେନ ଲଗାଇ ଘରକୁ ଆଣୁଥିଲେ। ରାସ୍ତାରେ ଅକ୍ସିଜେନ ଶେଷ ହୋଇଯିବାରୁ ପଙ୍କଜଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତ ଶରୀର ଆଣିବାକୁ ପଇସା ନଥିବାରୁ ସାନ ବାଇ ପବିତ୍ର ସେଠାରେ ଶବ ସତ୍କାର କରି ଘରକୁ ଫେରି ଆସିଥିଲେ। ଏହି ଖବର ବାଲିଆପାଳ ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ସେହିପରି ଜଗତିପୁର ପଂଚାୟତ ଭିକା ଗଡିଆ ଗ୍ରାମର ହରେକୃଷ୍ଣ ସାମଲଙ୍କର ଏକ ମାତ୍ର ପୁତ୍ର ସୁବ୍ରତ ଦିଲ୍ଲୀ ମେଟ୍ରୋ ରେଲରେ କାର୍ଯ୍ୟ କରୁଥିବା ବେଳେ କରୋନା ସଂକ୍ରମିତ ହୋଇଥିଲେ। ଗତ ୧୯ ତାରିଖରେ ସେଠାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ୬ ମାସ ତଳେ ତାଙ୍କର ବିବାହ ହୋଇଥିଲା। ଜମ୍ବୀରାଇ ପଂଚାୟତର ମୃତ ମହିଳା ହେଲେ ବାସନ୍ତି ମନ୍ତ୍ରୀ (୩୨ ବର୍ଷ)। ସୁଦୂର ଗୁଜୁରାତ ସେ କାମ କରିବାକୁ ଯାଇଥିଲେ। ଦିନକୁ ଦିନ ବାଲିଆପାଳ ବ୍ଲକରେ କରୋନା ଯେଭଳି ମାଡି ମାଡି ଚାଲିଛି ଆଗକୁ ଲୋକେ ସଚେତନ ନହେଲେ ଏହା ଭୟଙ୍କର ପରିସ୍ଥିତି ସୃଷ୍ଟି କରିବାର ସମ୍ଭାବନା ରହିଛି।

## ଶ୍ରୀରାମ ନବମୀ ମହୋତ୍ସବ ଉଦ୍ଯାପିତ : ନିରାଡ଼ମ୍ବର ଭାବେ ମହାଯଜ୍ଞ ପାଳିତ



ଭଦ୍ରକ,୨୧/୦୪ (ନି.ପ୍ର): ଦୀର୍ଘ ୩ ଦିନର ହୋମଯଜ୍ଞ, ହନୁମାନ ଚାଳିଶା ପାଠ, ଶ୍ରୀରାମ ମହାନବମୀ ଯଜ୍ଞ ଆଦି କାର୍ଯ୍ୟ କୋଭିଡ଼ କଟକଣାରେ ସୁଚାରୁ ଭାବେ ସମ୍ପନ୍ନ ହୋଇ ଆଜି ଶେଷ ଦିନରେ ଏହି ମହୋତ୍ସବ ନିରାଡମ୍ବର ଭାବେ ଉଦ୍ଯାପିତ ହୋଇଛି। ଭଦ୍ରକ ଗାନ୍ଧୀପଡ଼ିଆ ଠାରେ ୩ ଦିନ ଧରି ଚାଲିଥିବା ଯଜ୍ଞର ଆଜି ପୂର୍ଣ୍ଣାହୁତି ଅର୍ପଣ କରାଯାଇଛି। ଚଳିତ ବର୍ଷ କୋଭିଡ଼ କଟକଣା ଯୋଗୁ ମାତ୍ର ୧୦୮ ମହିଳାଙ୍କୁ ଭାଗ ଭାଗ କରି ୩ ଭାରେ ବିଭକ୍ତ କରାଯାଇ କଳସ ଶୋଭାଯାତ୍ରା କରାଯାଇଥିଲା। ଆର୍.ଏନ.ବେତରା ଗ୍ରାମଠାରେ କଟକଣା ମଧରେ ଗୋମାତା ପୂଜନ ଓ ସାଧୁସନ୍ଥ ପୂଜନ କରାଯାଇଥିଲା। ଆରଡ଼ି ଆଖଣ୍ଡଳମଣି ପୀଠ, ବିରଜା କ୍ଷେତ୍ର ଓ ଭଦ୍ରକାଳୀଙ୍କ ଠାରୁ ଆଜ୍ଞାମାଳ ଅଣାଯାଇ ଯଜ୍ଞକର୍ମ ହୋଇଥିଲା। ପ୍ରତ୍ୟହ ହନୁମାନ ଚାଳିଶା ପଠନ କରାଯାଇଥିଲା। ଏହି ଯଜ୍ଞର ପୂର୍ଣ୍ଣାହୁତି ଆଜି ଶେଷ ହେବା ସହ ସନ୍ଧ୍ୟାରେ ଜିଲ୍ଲାବ୍ୟାପୀ ଘରେ ଘରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ତେବେ କୋଭିଡ଼ ପାଇଁ ଚଳିତ ବର୍ଷ ସଂକୀର୍ତ୍ତନ ଶୋଭଯାତ୍ରା, ମେଢ ପରିକ୍ରମାକୁ ବାତିଲ କରାଯାଇଥିଲା। ଗ୍ରାମରେ ବିଭିନ୍ନ ସଂକୀର୍ତ୍ତନ କମିଟି ପକ୍ଷରୁ କରାଯାଇଥିବା ଶ୍ରୀରାମ ମେଢକୁ ଗ୍ରାମରେ ନିରାଡମ୍ବରର ଭାବେ ପୂଜା କରାଯାଇଥିଲା। ସୂଚନା ଅନୁଯାୟୀ ୪୨ଟି ମେଢ ପୂଜା ପାଇଥିଲା। ପରିଶେଷରେ ଚଳିତ ବର୍ଷର ଶ୍ରୀରାମ ମହାନବମୀ ମହୋତ୍ସବର ପରିସମାପ୍ତି ଘଟିଛି। ଏହି ମହୋତ୍ସବ ପାଳନରେ ପୂର୍ବତନ ମନ୍ତ୍ରୀ ତଥା ସମିତିର ବରିଷ୍ଠ ଉପଦେଷ୍ଟା ମନମୋହନ ସାମଲ, ସଭାପତି ଆଇନଜୀବୀ ରାୟ ରାମାନନ୍ଦ ମହାପାତ୍ର, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସମ୍ପାଦକ ଶରତ ପଢିଆରୀ, ସଂଯୋଜକ ଗୋବିନ୍ଦ ରାଉତ, ଉପସଭାପତି ଅମ୍ବିକା ଦାସ, ପ୍ରଦିପ୍ତ ବିଶ୍ୱାଳ, ଯୁଗ୍ମ ସମ୍ପାଦକ ତପନ ମହାନ୍ତି, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ସହକୋଷାଧ୍ୟକ୍ଷ ଭଗବାନ ପଣ୍ଡା, ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ସଭାପତି ବିଜୟ ସିନ୍ହା, ବରିଷ୍ଠ ସଦସ୍ୟ ଜଗନ୍ନାଥ ଦାଶ, ରଘୁନାଥ ସାହୁ, ତୁଷାର ଦାସ, ସ୍ୱାଧୀନ ସୁନ୍ଦର ଦାସ, ସ୍ୱରୂପାନନ୍ଦ ମହାପାତ୍ର, ସରୋଜ ରାଉତ, ଶିବଶଙ୍କର ଦାସ, ବସନ୍ତ ରାଉତ, ବିଜୟ ଭୂଷଣ ନାୟକ, କୈଳାସ ଦାସ, ସନାତନ ସାହୁ, ସୂର୍ଯ୍ୟବଂଶୀ ସୂରଜ, ମଦନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରିୟନାଥ ଧଳ, ମହେଶ୍ୱର ବେହେରା, କାହ୍ନା ଖୁଣ୍ଟିଆ, ପ୍ରଶାନ୍ତ ମଲ୍ଲିକ, ନଳିନୀକାନ୍ତ ମହାନ୍ତି, ଅମରେଶ ଜେନା ପ୍ରମୁଖ ସହଯୋଗ କରିଥିଲେ।

ବାଲେଶ୍ୱର, ଗୁରୁବାର, ୨୨ ଅପ୍ରେଲ ୨୦୨୧

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## କୋଭିଡ୍ ଟିକାକୁ ନେଇ ଅଯଥା ଆତଙ୍କ ସୃଷ୍ଟି ନକରନ୍ତୁ ରାଜ୍ୟ ସରକାର: ବିଜେପି

ଭୁବନେଶ୍ୱର,୨୦/୦୪ (ନି.ପ୍ର): ଭାରତରେ ବିଶ୍ୱ ଇତିହାସର ସର୍ବବୃହତ ଟିକା ପ୍ରଦାନ କାର୍ଯ୍ୟକ୍ରମ ଚାଲିଛି । ଏଭଳି ସଂକଟ ସମୟରେ ପ୍ରଧାନମନ୍ତ୍ରୀଙ୍କ ସମସ୍ତ ଯୁଗାନ୍ତକାରୀ ପଦକ୍ଷେପକୁ ସମର୍ଥନ କରିବା ପରିବର୍ତ୍ତେ ଟିକା ଅଭାବର ଯେଉଁ ଅଯଥା ଆତଙ୍କ ରାଜ୍ୟ ସରକାର ସୃଷ୍ଟି କରୁଛନ୍ତି, ତାହା ଆଦୌ ଗ୍ରହଣୀୟ ନୁହେଁ ବୋଲି ରାଜ୍ୟ ବିଜେପି ମୁଖପାତ୍ର ଶ୍ରୀ ସତ୍ୟବ୍ରତ ପଣ୍ଡା କହିଛନ୍ତି । ବର୍ତ୍ତମାନ ମାସିକ ୭ କୋଟି ଟିକା ଉତ୍ପାଦନ କ୍ଷମତାକୁ ୯ କୋଟିକୁ ବୃଦ୍ଧି କରିବା ପାଇଁ ମୋଦି ସରକାର ଉଦ୍ୟମରତ । ଭାରତ ବାୟୋଟେକ, ସେରମ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ ସମେତ ଆଉ ୩ଟି ରାଷ୍ଟ୍ରାୟତ ଟିକା ଉତ୍ପାଦନକାରୀ ସଂସ୍ଥାଙ୍କୁ ଉତ୍ପାଦନ ପ୍ରକ୍ରିୟାରେ ସାମିଲ କରାଯାଇଛି । ଟିକା ଖରିଦ ପାଇଁ ଅଗ୍ରୀମ ହିସାବରେ ସେରମ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆକୁ ୩୦୦୦ କୋଟି ଓ ଭାରତ ବାୟୋଟେକକୁ ୧୫୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି । କୋଭାକ୍ସିନ ଟିକା ପ୍ରସ୍ତୁତ କରୁଥିବା ଭାରତ ବାୟୋଟେକ ବର୍ତ୍ତମାନ ମାସିକ ୧ କୋଟି ମାତ୍ର ଟିକା ଉତ୍ପାଦନ କରୁଛି । ମେ-ଜୁନ ମାସରେ ୨ କୋଟି, ଜୁଲାଇ-ଅଗଷ୍ଟ ମାସରେ ୭ କୋଟି ଓ ସେପ୍ଟେମ୍ବର ସୁଦ୍ଧା ୧୦ କୋଟି ମାତ୍ରାକୁ ବୃଦ୍ଧି କରିବା ପାଇଁ ସମସ୍ତ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି । ଗତ ମାର୍ଚ୍ଚ ୧୭ ତାରିଖରେ ଗଠିତ ଆନ୍ତଃବିଭାଗୀୟ ପ୍ୟାନେଲର ଅନୁମୋଦନକ୍ରମେ ଏହି ପଦକ୍ଷେପ ନିଆଯାଇଛି । କୋଭିଡ ଟିକା ଯୋଗାଣ ଶୃଙ୍ଖଳକୁ ଆହୁରୁ ଅଧିକ ମଜବୁତ କରିବା ପାଇଁ ତାମିଲନାଡୁର ଚେଙ୍ଗାଲପାଟୁସ୍ଥିତ ଇଂଟିଗ୍ରେଟେଡ ଭାକ୍ସିନ କମ୍ପ୍ଲେକ୍ସ କୁ କାର୍ଯ୍ୟକ୍ଷମ କରିବା ପାଇଁ ମଧ୍ୟ ନିଷ୍ପତି ନିଆଯାଇଛି ବୋଲି ଶ୍ରୀ ପଣ୍ଡା ସୁଚନା ଦେଇ କହିଛନ୍ତି । ୨୦୧୧ କଂଗ୍ରେସ ଶାସନ କାଳରେ ଘୋଷିତ ନ୍ୟାସନାଲ ଭ୍ୟାକ୍ସିନ ପଲିସିର ଘରୋଇ ସହଭାଗିତା ଆଳରେ ସମୁଦାୟ ୭ଟି ରାଷ୍ଟ୍ରାୟତ ଟିକା ଉତ୍ପାଦନକାରୀ ସଂସ୍ଥା ମଧ୍ୟରୁ ୩ଟିର ଲାଇସାନ୍ସ ରଦ୍ଦ କରିଦିଆଯାଇଥିଲା । ମାତ୍ର ୨୦୧୨ ମସିହାରେ ଏକ ଜନସ୍ୱାର୍ଥ ମାମଲାର ରାୟ ବଳରେ ମାନ୍ୟବର ସୁପ୍ରିମକୋର୍ଟ ଏହି ରଦ୍ଦ ନିଷ୍ପତିକୁ ପ୍ରତ୍ୟାହାର କରାଇଥିଲେ । ୨୦୧୭ ମସିହାରେ ବିଜେପି ଶାସନ କାଳରେ ଘୋଷିତ ନ୍ୟାସନାଲ ହେଲ୍‌ଥ ପଲିସି ଆଜି ଗୁଣାତ୍ମକ ଟିକା ଯୋଗାଣ ଓ ଟିକା ପ୍ରସ୍ତୁତକାରୀ ସଂସ୍ଥାମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା କରାଇବାରେ ଉପଯୋଗୀ ପ୍ରମାଣିତ ହୋଇଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

## ଜିଲ୍ଲାରୁ ଆଉ ନୂଆ ୭୩ ଆକ୍ରାନ୍ତ ଚିହ୍ନଟ, ମୋଟ ସକ୍ରିୟଙ୍କ ସଂଖ୍ୟା ୪୨୪

ଭଦ୍ରକ,୨୧/୦୪ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଆଉ ୭୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାହା ଫଳରେ ଜିଲ୍ଲାର ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୪୨୪ ହୋଇଛି । ଜିଲ୍ଲାରେ ଚିହ୍ନଟ ମୋଟ ଆକ୍ରାନ୍ତ ୮ହଜାର ୧୦୮ ହୋଇଥିବା ବେଳେ ସୁସ୍ଥଙ୍କ ସଂଖ୍ୟା ହୋଇଛି ୭୬୫୮ । ଭଦ୍ରକ ବ୍ଲକର ଜଣେ ବ୍ୟକ୍ତି କଟକ ଏସ୍‌ସିବି ମେଡିକାଲରୁ , ଜଣେ ବ୍ୟକ୍ତି ବାସୁଦେବପୁର ବ୍ଲକ ବିରସ ବଳପୁର ଗ୍ରାମର, ସେ ଚିହ୍ନଟ ହୋଇଛନ୍ତି ଏସ୍‌ସିବିରୁ, ଧାମନଗର ବ୍ଲକର ଦଳାଙ୍ଗ ଗ୍ରାମର ଜଣେ ବ୍ୟକ୍ତି ଏସ୍‌ସିବିରୁ ଓ ହସନାବାଦ ଗ୍ରାମର ଜଣେ ବ୍ୟକ୍ତି ସମ୍ ହସ୍‌ପିଟାଲରୁ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ବ୍ୟତୀତ ବାସୁଦେବପୁର ବ୍ଲକର ଓଗାଡ ଗ୍ରାମରୁ ଜଣେ, ବାଲିମେଦ ଗ୍ରାମରୁ ଜଣେ, ବିଦେଇପୁରରୁ ୩ଜଣ, ମାଟିପକା ଗ୍ରାମରୁ ଜଣେ, ସୁଦର୍ଶନପୁର ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି । ଭଦ୍ରକ ବ୍ଲକର ଅଣ୍ଡେଇପଲ୍ଲୀ ଗ୍ରାମରୁ ୩ଜଣ, ଦୈସିଂ ଗ୍ରାମରୁ ଜଣେ, ନଳାଙ୍ଗ ଗ୍ରାମରୁ ୨ଜଣ, କାଉପୁର ଗ୍ରାମରୁ ଜଣେ, ମଉଦା ଗ୍ରାମରୁ ଜଣେ, ରାଣିତାଳରୁ ଜଣେ, ଆର.ଏନ. ବେତରା ଗ୍ରାମରୁ ଜଣେ, କୋଡନନ୍ଦପୁର ଗ୍ରାମରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିଭଳି ବନ୍ତ ବ୍ଲକର ବିଟିପୁର ଗ୍ରାମରୁ ଜଣେ, ନରାଜପୁର ଗ୍ରାମରୁ ଜଣେ, କୁମ୍ଭକରାଳ ଗ୍ରାମରୁ ଜଣେ, ଗୋପାଳପୁର ଗ୍ରାମରୁ ଜଣେ, ପାହାଡ଼ପୁର ଗ୍ରାମରୁ ୨ଜଣ, ବଇପୁର ମସ୍‌ଜିଦ୍ ଗ୍ରାମରୁ ଜଣେ, ରାମପୁର ଗ୍ରାମରୁ ୨ଜଣ, ତେଲିପୁର ଗ୍ରାମରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଚାନ୍ଦବାଲି ବ୍ଲକ ଦେଓବିଲ ଗ୍ରାମରୁ ଜଣେ, ଧାମରାରୁ ୨ଜଣ, କଇଥଖୋଲା ଗ୍ରାମରୁ ଜଣେ, ତିହିଡ଼ି ବ୍ଲକ ନଚିବିନ୍ଧା ଗ୍ରାମରୁ ଜଣେ, ପାଳିଆ ଗ୍ରାମରୁ ଜଣେ, ସୟା ଗ୍ରାମରୁ ଜଣେ, ଓରାଳି ଗ୍ରାମରୁ ଜଣେ, ଭଦ୍ରକ ପୌରପାଳିକା ୫ ନଂ ୱାର୍ଡ ଚରମ୍ପାରୁ ଜଣେ,୧୧ ନଂ ୱାର୍ଡ ନୂଆବଜାରରୁ ୩ଜଣ, ୧୨ ନଂ ୱାର୍ଡ ବଙ୍କସାହିରୁ ୩ଜଣ, ୧୩ ନଂ ୱାର୍ଡ ଅପର୍ତ୍ତିବିନ୍ଧା ଗ୍ରାମରୁ ଜଣେ, ୧୮ ନଂ ୱାର୍ଡରୁ ଜଣେ, ୩୦ ନଂ ୱାର୍ଡ ଉତ୍ତରବାହିନୀ ଗ୍ରାମରୁ ଜଣେ, ୮ ନଂ ୱାର୍ଡ ବାଗୁରାଇରୁ ୨ଜଣ, ୬ ନଂ ୱାର୍ଡ ବାଇପାସ୍‌ରୁ ଜଣେ ଚିହ୍ନଟ ହୋଇଛନ୍ତି । ଭଣ୍ଡାରିପୋଖରୀ ବ୍ଲକ ମହେଶପୁର ଗ୍ରାମରୁ ଜଣେ, ସରପଦା ଗ୍ରାମରୁ ଜଣେ, ଟିଙ୍ଗୁଡିପୁର ଗ୍ରାମରୁ ଜଣେ, କୋଟଶିରା ଗ୍ରାମରୁ ୨ଜଣ, ସରସଦା ଗ୍ରାମରୁ ୫ଜଣ, ଲକ୍ଷ୍ମୀସାଗର ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି । ଧାମନଗର ବ୍ଲକ ଉଡେଇପୁର ଗ୍ରାମରୁ ଜଣେ, କୁସୁମପୁର ଗ୍ରାମରୁ ଜଣେ, ନାରାୟଣପୁର ଗ୍ରାମରୁ ଜଣେ, ମଠସାହିରୁ ଜଣେ, କୋରୁଆ ଗ୍ରାମରୁ ଜଣେ, ବନ୍ଧଟିଆ ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି । ଅନ୍ୟଜିଲ୍ଲା ଭାବେ ବାଲେଶ୍ୱର ଜିଲ୍ଲାର ଖଇରାରୁ ୨ଜଣ ଓ ସିମୁଳିଆ ଅନ୍ତରା ଗ୍ରାମରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ବିଧି ରକ୍ଷାରେ ସମ୍ପନ୍ନ ଶ୍ରୀରାମ ନବମୀ : କେବଳ ଛାମୁ ଦର୍ଶନରେ ସନ୍ତୁଷ୍ଟ ଶ୍ରଦ୍ଧାଳୁ



ବାଲେଶ୍ୱର,୨୧/୦୪ (ନି.ପ୍ର): ଦ୍ୱିତୀୟ ଲହରରେ ମହାମାରୀ କରୋନାର କାୟା ବିସ୍ତାରକୁ ଦୃଷ୍ଟିରେ ରଖି ବାଲେଶ୍ୱରରେ ମହାନବମୀ ପୂଜା ବିଧିରକ୍ଷାରେ ଶେଷ ହୋଇଛି । ବାଲେଶ୍ୱରର ବିଭିନ୍ନ ଶକ୍ତିପୀଠ, ସାର୍ବଜନୀନ ପୂଜାମଣ୍ଡପ, ସମେତ ଶ୍ରୀରାମମନ୍ଦିର ଓ ଶ୍ରୀହନୁମାନ ମନ୍ଦିର ଭକ୍ତଶୂନ୍ୟ ହୋଇପଡ଼ିଛି । ସବୁଠି ବୈଦିକ ନୀତିକାନ୍ତିରେ ପୂଜାର୍ଚ୍ଚନା ଚାଲିଥିଲେ ବି କେଉଁଠି ଉତ୍ସବର ମାହଲ ପରିଲକ୍ଷିତ ହୋଇନାହିଁ । ବିଭିନ୍ନ ମନ୍ଦିର କମିଟିର କର୍ମକର୍ତ୍ତା ଓ ବ୍ରାହ୍ମଣଙ୍କ ସହଯୋଗରେ ସମସ୍ତ କର୍ମକାଣ୍ଡ ବିଧିରକ୍ଷାରେ ଜାରି ରହିଥିବା ବେଳେ ସବୁଠି ଭକ୍ତଙ୍କ ଉପସ୍ଥିତିକୁ ବାରଣ କରାଯାଇଛି । ଯଦିଚ୍ଚ କାଁ ଭାଁ ଭକ୍ତ ଓ ବ୍ରତଧାରୀ ମନ୍ଦିରକୁ ଯାଉଛନ୍ତି, କେବଳ ଦୂରରୁ ଦେବାଦେବୀଙ୍କୁ ଛାମୁ ଦର୍ଶନ କରି ଫେରି ଯାଇଛନ୍ତି । ସେନେଇ ମନ୍ଦିର କମିଟି ପକ୍ଷରୁ ନିଆଯାଇଥିବା ବ୍ୟବସ୍ଥା ମଧ୍ୟରେ ଛିଡ଼ା ହୋଇ ଦର୍ଶନ କରିଛନ୍ତି । ତେବେ ଦୁଇବର୍ଷ ଧରି ଭକ୍ତ ଓ ଭଗବାନଙ୍କ ମିଳନରେ ବାଧକ ହୋଇଥିବା କରୋନା ସଂକ୍ରମଣକୁ ପ୍ରଭୁ ତୁରନ୍ତ ଏ ସଂସାରରୁ ଦୁରେଇ ଦେବା ନିମନ୍ତେ ସମସ୍ତେ ପ୍ରାର୍ଥନା କରିଛନ୍ତି । ମୋଟ ଉପରେ କୋଭିଡ କଟକଣା ପାଇଁ ବାଲେଶ୍ୱରରେ ଆଜି ଶ୍ରୀରାମ ନବମୀ ସମ୍ପୂର୍ଣ୍ଣ ନିରାଡ଼ମ୍ବର ଭାବେ ପାଳିତ ହୋଇଥିବା ଲକ୍ଷ୍ୟ କରାଯାଇଛି ।

## ବାଲିଆପାଳରେ ମାଟି ମାଫିଆ ସକ୍ରିୟ

### ସରକାରୀ ଜାଗାରୁ ଖୋଳି ନେଉଛନ୍ତି ଶହ ଶହ ଟ୍ରିପ ମାଟି



ବାଲିଆପାଳ,୨୧/୦୪ (ନି.ପ୍ର): ବାଲିଆପାଳ ବ୍ଲକରେ ଦିନକୁ ଦିନ ମାଟି ମାଫିଆ ସକ୍ରିୟ ହେଉଉଠିଛନ୍ତି । ବିଭିନ୍ନ ନଦୀ ପଠା, ସରକାରୀ ଜାଗା, ବ୍ୟକ୍ତି ଗତ ଜମିରୁ ହଜାର ହଜାର ଟ୍ରିପ ମାଟି ଜେସିବି ଲଗାଇ ଖୋଳି ନେଇ ମାଲେମାଲ ହେଉଛନ୍ତି । ପ୍ରଶାସନ ସବୁ ଜାଣି ମଧ୍ୟ ନୀରବଦ୍ରଷ୍ଟା ସାଜିଛି । ବାଲିଆପାଳ ସୂତାକୁଳ ପଛେପଟେ ଥିବା ଇଡକୋ ଜମିରୁ ମାଟି ଖୋଳି ପୋଖରୀ କରିଦେଇଛନ୍ତି । ଦେଉଳା, ବାସୁଦେବପୁର ପ୍ରଭୃତି ଅଂଚଳ ରେ ପ୍ରତିଦିନ ଶହ ଶହ ମାଟି ବୁଝାଇ ଟ୍ରାକ୍ଟର ଚାଲିଛି । ରାସ୍ତାରେ ଦ୍ରୁତଗତିରେ ଯାଉଥିବା ଏହି ଟ୍ରାକ୍ଟର ଗୁଡିକ ଯୋଗୁଁ ପରିବେଶ ପ୍ରଦୂଷଣ ହେଉଥିବା ସହିତ ଛୋଟ ବଡ ଦୁର୍ଘଟଣା ହେଉଛି । କିଛି ଦିନ ତଳେ ଦେଉଳା ନିକଟରେ ଏକ ମାଟି ବୁଝାଇ ଟ୍ରାକ୍ଟର ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା । ତା ପରେ ବି ମାଟି ଖୋଳା ହ୍ରାସ ପାଇନାହିଁ । ଆଜି ଦେଭୋଗ ପଂଚାୟତ ବିଷ୍ଣୁପୁର ଗ୍ରାମର ୫୦୦ଏକର ପରିମିତ ସରକାରୀ ଜମିରୁ ୨ଟି ଜେସିବି ମାଟି ଖୋଳୁଥିବା ୬୦ରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ମାଟି ବହୁଥିଲେ । ଏହି ଜମି ସବୁ ବର୍ଷ ବର୍ଷ ଧରି ଗ୍ରାମବାସୀ ଚାଷ କରିଆସୁଥିଲେ । ମାଟି ଖୋଳିବା ଯୋଗୁଁ ଜମି ଗଭୀର ହୋଇ ଚାଷ ଅନୁପ ଯୋଗୀ ହୋଇପଡିଥିଲା । ଆଜି ବହୁ ଗ୍ରାମବାସୀ ଏକତ୍ରିତ ହୋଇ ଏହାକୁ ବିରୋଧ କରି ଜେସିବି ଓ ଟ୍ରାକ୍ଟରକୁ ଅଟକାଇଥିଲେ । ବାଲିଆପାଳ ତହସିଲଦାରଙ୍କୁ ଖବର ଦେଇଥିଲେ ମଧ୍ୟ କେହି ଘଟଣାସ୍ଥଳରେ ପହଂଚିନଥିଲେ । ଟ୍ରାକ୍ଟର ଗୁଡିକ ମାଟି ଢାଳି ଘଟଣାସ୍ଥଳରୁ ପଳାଇଥିଲେ । ଅପରାହ୍ନରେ ପୁଣି ମାଟି ଖୋଳା ଆରମ୍ଭ ହୋଇଥିଲା ।

## ୨୦୪ ଲିଟର ପଶ୍ଚିମବଂଗ ମାର୍କା ମଦ ଜବତ୍ : ୨ ବାଇକ୍ ସହ ୬ ଗିରଫ



ଜଳେଶ୍ୱର, ୨୧/୪ (ନିପ୍ର) : ଓଡିଶା ଓ ପଶ୍ଚିମବଂଗ ଉପାନ୍ତ ଅଂଚଳରେ ବହୁ ବେଆଇନ୍ ମଦକାରଖାନା ଗଢିଉଠିଥିବା ବେଳେ ଓଡିଶାକୁ ମଦର ବନ୍ୟା ଛୁଟୁଛି । ପୂର୍ବ ଓ ପଶ୍ଚିମ ମେଦିନୀପୁର ଜିଲାର ନୟାଗ୍ରାମ, ଦାନ୍ତୁନ, ମହନପୁର, ଗୋପିବଲ୍ଲଭପୁର ଥାନା ଇଲାକାରୁ ଚୋରା ମଦ ଆସି ଜଳେଶ୍ୱର ଓ ରାଇବଣିଆ ଥାନାର ବିଭିନ୍ନ ସ୍ଥାନରେ ଏକ ରାକେଟ ଦ୍ୱାରା ବିକ୍ରି ହେଉଛି । ଏ ସମ୍ପର୍କରେ ଜାଣି ଅବକାରୀ ବିଭାଗ ଏସ୍‌ପି ସେକ୍ ଆସଫ ଅଲ୍ଲିଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ଅବକାରୀ ଥାନା ଅଧିକାରୀ ଦେବେନ୍ଦ୍ର ବେହେରା, ଭୋଗରାଇ ଅବକାରୀ ଥାନା ଅଧିକାରୀ ଜୟନ୍ତି ଆଚାର୍ଯ୍ୟ ଓ ଭୋଗରାଇ ଅତିରିକ୍ତ ତହସିଲଦାର ସନ୍ତୋଷ ପାଣିଗ୍ରାହୀଙ୍କୁ ନେଇ ଏପରି ଚୋରା ମଦ ଧରିବାଲାଗି ଏକ ୧୦ଜଣିଆ ଟିମ୍ ଗଠନ ହୋଇଛି । ଏମାନେ ସ୍ଥାନୀୟ ପୋଲିସ୍ ଫୋର୍ସ ସହିତ ଗତ ୨ ଦିନରେ ଶାସନବାର୍ଡ, ନାମ୍ପୋ, ଜଳକାପଡିଆ, ବାଣିଦା, ଚାଲନ୍ତି, ବିଚିତ୍ରପୁର, ଅନଳିଆ, ଅଭୟମହଲ, ମାନକୁଣ୍ଡା, ଦେଉଳା, ଭଂଜବସାଣ ପ୍ରଭୃତି ସ୍ଥାନରେ ଚଢାଉ କରି ୨ଟି ବାଇକ୍ ସହିତ ୬ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ଫେରାର ହୋଇ ଯାଇଛି । ସେକ୍ ସଫିକ୍, ବଳରାମ କିସ୍କୁ, ଶାନ୍ତନୁ ପ୍ରଧାନ, ବାସନ୍ତି ଟୁଡୁ, ପ୍ରେମଚାନ୍ଦ ସାହୁ, ପଂଚାନନ ଜେନା ଗିରଫ ହୋଇଥିବା ବେଳେ ଧିରେନ୍ଦ୍ର ବେହେରାଙ୍କ ବାଇକ୍ ଜବତ୍ ହୋଇଥିଲେ ମଧ୍ୟ ସେ ଫେରାର ହୋଇ ଯାଇଛି । ୨ଟି ଜବତ୍ ବାଇକ୍ ମଧ୍ୟରେ ଓଆର୍୦ ୧ଭି୨୧୩୪ ଥିବା ବେଳେ ଅନ୍ୟ ଗୋଟିଏ ହୋଣ୍ଡା ସାଇନ୍ ବୋଲି ଜଣାଯାଇଛି । ଏଥିରେ ଅବକାରୀ ବିଭାଗର କର୍ମଚାରୀ ରାମଚନ୍ଦ୍ର ମହାନ୍ତି, ଶଶିଭୂଷଣ ସ୍ୱାଇଁ, ରାଜିବ ଭଂଜ, ପିଙ୍କି ମାରାଣ୍ଡି ଓ ଏପିଆର୍ ଫୋର୍ସ ସାମିଲ ଥିଲେ ।

## ରାମନବମୀରେ ଶୁଭେଚ୍ଛା ଜଣାଇଲେ ବିରୋଧୀ ଦଳ ନେତା

ଭୁବନେଶ୍ୱର,୨୧/୦୪ (ନି.ପ୍ର): ବିରୋଧୀ ଦଳର ନେତା ପ୍ରଦୀପ୍ତ କୁମାର ନାଏକ ପବିତ୍ର ରାମ ନବମୀ ଉପଲକ୍ଷେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ପବିତ୍ର ରାମ ନବମୀ ର ଶୁଭ ଅବସରରେ ସମସ୍ତ ରାଜ୍ୟ ବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । କରୋନା ମହାମାରୀରୁ ଓଡ଼ିଶାବାସୀଙ୍କୁ ରକ୍ଷା କରି ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେବା ପାଇଁ ମର୍ଯ୍ୟାଦା ପୁରୁଷୋତମ ଶ୍ରୀରାମଚନ୍ଦ୍ରଙ୍କ ଚରଣେ କାମନା କରୁଛି ।

## ବାଲେଶ୍ୱରରେ ଶ୍ରୀରାମ ନବମୀ ଶୋଭାଯାତ୍ରା ବାତିଲ

ବାଲେଶ୍ୱର,୨୧/୦୪ (ନି.ପ୍ର): ଶ୍ରୀରାମ ଚେନତା ଜାଗରଣ ସଂଘ ପକ୍ଷରୁ ପ୍ରତ୍ୟେକ ବର୍ଷ ଶ୍ରୀରାମ ନବମୀ ଅବସରରେ ବାଲେଶ୍ୱର ସହର ପରିକ୍ରମା କରୁଥିବା ରାମଭକ୍ତଙ୍କ ବିଶାଳ ଶୋଭାଯାତ୍ରା ଚଳିତ ବର୍ଷ କରୋନା ସଂକ୍ରମଣ ପାଇଁ ବନ୍ଦ କରାଯାଇଛି । ଦ୍ୱିତୀୟ ଲହର କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସଂଗଠନ ପକ୍ଷରୁ ଶେଷମୁହୂର୍ତ୍ତରେ ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି । ତେବେ ସ୍ଥାନୀୟ ପରମିଟ ପଡ଼ିଆରେ ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କୁ ପୂଜାର୍ଚ୍ଚନା ସହ ବିଧିରକ୍ଷା କରାଯାଇଥିବା ଦେଖିବାକୁ ମିଳିଛି । ପରମିଟ ପଡିଆରେ ସ୍ଥାପିତ ସ୍ୱତନ୍ତ୍ର ପୂଜା ମଣ୍ଡପରେ ପ୍ରଭୁ ଶ୍ରୀ ରାମଚନ୍ଦ୍ର ଓ ମାତା ସୀତାଙ୍କ ସମେତ ଭାଇ ଭରତ, ଲକ୍ଷ୍ମଣ, ଶତ୍ରୁଘ୍ନ ଓ ପରମଭକ୍ତ ହନୁମାନଙ୍କ ବିଗ୍ରହ ସ୍ଥାପନ ସହ ବିଧିପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା । ପୁରୋହିତଙ୍କ ସମେତ ସଂଘର ସୀମିତ ସଂଖ୍ୟକ ସଦସ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏଥିରେ ସାମୂହିକ ଶ୍ରୀ ରାମ ବନ୍ଦନା ଓ ହନୁମାନ ଚାଲିଶା ପାଠ କରାଯାଇଥିଲା । କରୋନା ସଂକ୍ରମଣ ପାଇଁ ଦୁଇ ବର୍ଷ ଧରି ସମସ୍ତ ଉତ୍ସବ ପାଳନ ବନ୍ଦ ଥିବା ବେଳେ ସଂକ୍ରମଣ ହ୍ରାସ ଯୋଗୁଁ ଚଳିତ ବର୍ଷ ଶ୍ରୀ ରାମନବମୀ ପାଳନ ହୋଇପାରିବ ସମସ୍ତେ ଆଶା ରଖିଥିଲେ । ମାତ୍ର ଏପ୍ରିଲ ମାସରୁ କରୋନା ସଂକ୍ରମଣର ଦ୍ୱିତୀୟ ଲହର ଉଗ୍ର ରୂପ ନେବା ଯୋଗୁଁ ସରକାରୀ କଟକଣାକୁ ମାନି ସମସ୍ତ ପ୍ରକାର କାର୍ଯ୍ୟକ୍ରମକୁ ବାତିଲ କରାଯାଇଥବା ସଂଘର ସଭାପତି ଚିତରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି ।

## ଆଜିଠୁ ଚାଲିବ ଯଶୋବନ୍ତପୁର - ହାଓଡ଼ା ବିଶେଷ ଟ୍ରେନ

ଭୁବନେଶ୍ୱର,୨୧/୦୪ (ନି.ପ୍ର): ଯଶୋବନ୍ତପୁର ଓ ହାଓଡ଼ା ମଧ୍ୟରେ ଆସନ୍ତାକାଲି (ଗୁରୁବାର) ଠାରୁ ୨୯ ଜୁନ୍ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ । ୦୬୫୯୭ ଯଶୋବନ୍ତପୁର-ହାଓଡ଼ା ବିଶେଷ ଟ୍ରେନ ଯଶୋବନ୍ତପୁର ଠାରୁ ଏପ୍ରିଲ୍ ୨୨ ରୁ ୨୪ ଜୁନ୍, ୨୦୨୧ ମଧ୍ୟରେ ପ୍ରତ୍ୟେକ ଗୁରୁବାର ପୂର୍ବାହ୍ନ ୯ଟା୫୫ମି.ରେ ଛାଡି ହାଓଡ଼ା ଠାରେ ତା'ପରଦିନ ସନ୍ଧ୍ୟା ୬ଟା୩୦ମି.ରେ ପହଂଚିବ । ଫେରିବା ପଥରେ ୦୬୫୯୮ ହାଓଡ଼ା-ଯଶୋବନ୍ତପୁର ବିଶେଷ ଟ୍ରେନ ହାଓଡ଼ା ଠାରୁ ୨୭ ଏପ୍ରିଲରୁ ୨୯ ଜୁନ୍ ମଧ୍ୟରେ ପ୍ରତ୍ୟେକ ମଙ୍ଗଳବାର ଅପରାହ୍ନ ୧୨ଟା୪୦ମି.ରେ ଛାଡି ଯଶୋବନ୍ତପୁର ଠାରେ ତା'ପରଦିନ ରାତ୍ର ୮ଟା୪୦ମି.ରେ ପହଂଚିବ । ଏହି ଟ୍ରେନରେ ୧୦ ଟି ଏସି -୩ ଟାୟାର, ୦୬ ଟି ଏସି-୨ ଟାୟାର, ଦୁଇଟି ଗାର୍ଡ ତଥା ଲଗେଜ୍ ଭ୍ୟାନ୍ ଉପଲବ୍ଧ ଥିବାବେଳେ ଏହା ଉଭୟ ପାର୍ଶ୍ୱରୁ ଯଶୋବନ୍ତପୁର ଓ ହାଓଡ଼ା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ମାନଙ୍କରେ ରହଣି କରିବ । ଏହି ଟ୍ରେନ ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ଼, ବ୍ରହ୍ମପୁର, ପାଲାସା, ଶ୍ରୀକାକୁଲମ୍ ରୋଡ୍, ବିଜୟନଗରମ, ବିଶାଖାପାଟନମ୍ ଏବଂ ଦୁଭାଡା ଷ୍ଟେସନ ଠାରେ ରହଣି କରିବ ।

## କରୋନା କଟକଣା ଉଲଘଂନ ମହଙ୍ଗା ପଡିଲା

### ଦୁଇ ଦୋକାନକୁ ସିଲ କଲେ ବାଲିଆପାଳ ତହସିଲଦାର

ବାଲିଆପାଳ,୨୧/୦୪ (ନି.ପ୍ର): ଦିନକୁ ଦିନ ବାଲିଆପାଳରେ କରୋନାସ୍ଥିତି ଗମ୍ଭୀର ହେଉଥିବା ବେଳେ ପ୍ରଶାସନ ପକ୍ଷରୁ ସାମାଜିକ ଦୂରତା ରକ୍ଷା କରିବା ସହ ମାସ୍କ ପରିଧାନ ଉପରେ ଗୁରୁତ୍ୱ ଦିଆଯାଉଛି ।ଏହି ନିୟମ ଖିଲାପ କରୁଥିବା ବ୍ୟକ୍ତିଙ୍କଠାରୁ ପଚଶାସନ ଜୋରିମାନା ଆଦାୟ କରିବା ସହ ବାରମ୍ବାର ତାଗିଦ କରାଯାଉଛି । ଆଜି ଏହିଭଳି ଭାବରେ ବାଲିଆପାଳ ତହସିଲ ପକ୍ଷରୁ ବିଭିନ୍ନ ଛକ ବଜାର ବୁଲି ଯାଞ୍ଚ ହେଉଥିବା ବେଳେ ସିମୁଳିଆ ବଜାରରେ ଥିବା ଗୌରାଙ୍ଗ ନାଥ ଙ୍କ ରେଡିମେଟ ଦୋକାନ ଏବଂ ବାଲିଆପାଳ ବସଷ୍ଟାଣ୍ଡ ରେ ଥିବା ଗୋପାଳ ବେହେରା ନାମକ ପାନ ଦୋକାନରେ କରୋନା କଟକଣାକୁ ବେଖାତିର କରି ପ୍ରବଳ ଭିଡ ହୋଇଥିବା ସହ କାହାରି ମୁହଁରେ ମାସ୍କ ନଥିବା ଦେଖିବାକୁ ମିଳିଥିଲା । ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ ଏହି ଦୋକାନୀକୁ ଜୋରିମାନା କରିଥିଲେ ମଧ୍ୟ ସେମାନେ ବେଖାତିର କରିବାରୁ ଏହି ଦୁଇ ଦୋକାନକୁ ସିଲ କରିଛନ୍ତି । ଏନେଇ ତହସିଲ ପ୍ରଶାସନ ପକ୍ଷରୁ ମାଇକ ଯୋଗେ ପ୍ରଚାର କରାଯାଇ ଜଳଖିଆ କିମ୍ବା ହୋଟେଲ ଗୁଡିକରେ ଦୋକାନୀମାନେ କେବଳ ପାର୍ସଲ ଦେବା ପାଇଁ ଘୋଷଣା କରାଯିବା ସହ କଟକଣା କୁ ମାନିବାକୁ କଡା ଚେତାବନୀ ଦିଆଯାଇଛି । ଆସନ୍ତାକାଲିଠାରୁ କରୋନା କଟକଣା ଉଲଘଂନ କରୁଥିବା ଦୋକାନକୁ ଏଷିଭଳି ସିଲ କରାଯିବ ବୋଲି ତହସିଲଦାର ଦୀପକ କୁମାର ଦାସ କହିଛନ୍ତି ।

## ସମଲେଇ ଓ ଶମ୍ଭୁନାଥ ଜଉକଣ୍ଢେଇ ନିର୍ମାଣର ଶୁଭାରମ୍ଭ

### ଚନ୍ଦନ ପୂର୍ଣ୍ଣିମାରେ ଲଗ୍ନଧରା ଓ ଜୁନ ୬ ରେ ବାହାଘର




ବାଲେଶ୍ୱର,୨୧/୦୪ (ନି.ପ୍ର): ଲୋକକଳା, ଲୋକସଂସ୍କୃତି, ଲୋକଶ୍ରୁତି, ଲୋକକଥା, ଲୋକସାହିତ୍ୟ ଓ ଲୋକପରମ୍ପରାର ଅଦ୍ୱିତୀୟ ଲୋକପର୍ବ ବାଲେଶ୍ୱରର ଜଉକଣ୍ଢେଇ ବାହାଘର । କେବଳ ଓଡିଶାରେ ନୁହଁ, ସାରା ଭାରତରେ ଏହି ଭଳି ଏକ ଲୋକପର୍ବ ବିରଳ । ଜାତି-ଧର୍ମ-ବର୍ଣ୍ଣ ଊର୍ଦ୍ଧ୍ୱରେ ଏହି ପର୍ବରେ ପୁରାତନକୁ ଉଦଜ୍ଜିବିତ ରଖିବା ସହ ନୂତନତାକୁ ସମ୍ମାନ ଦିଆଯାଇ ୨୦୧୧ରୁ ନୂତନ କରି ଆରମ୍ଭ ହୋଇ ଆଗେଇ ଚାଲିଛି । ଏହି ପର୍ବ ପାଳନର ଆରମ୍ଭରୁ ବାଲେଶ୍ୱରର ଜଉକଣ୍ଢେଇ ବାହାଘର ଉତ୍ସବ କମିଟି ଦ୍ୱାରା ପ୍ରସ୍ତୁତ ଏକ ନିର୍ଦ୍ଧାରିତ ପଞ୍ଜିକାରେ ପାଳନ କରାଯାଇ ଆସୁଛି । ପଞ୍ଜିକାନୁଯାୟୀ ଅଢେଇ ମାସ ଧରି ପାଳିତ ହେଉଥିବା ଏହି ଲୋକଧର୍ମୀ ପର୍ବଟି ଦୋଳ ପୂର୍ଣ୍ଣିମାରୁ ବର-କନିଆ ଜଉକଣ୍ଢେଇର ନାମକରଣ ଦୋଳ ପୂର୍ଣ୍ଣିମାରେ ଆରମ୍ଭ ହୋଇ ରାମନବମୀରେ ବର-କନିଆ ଜଉକଣ୍ଢେଇ ନିର୍ମାଣର ଶୁଭାରମ୍ଭ, ଚନ୍ଦନ ପୂର୍ଣ୍ଣୀମାରେ ଲଗ୍ନଧରା ଓ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀରେ ବାହାଘର ହୋଇ ସାବିତ୍ରୀ ଅମାବସ୍ୟାର ଆଗ ଦିନ ଚତୁର୍ଥୀ ଭୋଜି ପରେ ସମାପ୍ତ ହୁଏ । ଏକ ବିଲୁପ୍ତ ଲୋକକଳାକୁ ଉଦଜ୍ଜିତ କରି ପ୍ରଚର, ପ୍ରସାର ଓ ପ୍ରତିଷ୍ଠା କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି ଜଉକଣ୍ଢେଇ ବାହାଘର ଉତ୍ସବଟି ଦିନକୁ ଦିନ ଲୋକାଦୃତ ହୋଇ ଲୋକପର୍ବରେ ପରିଣତ ହେଲାଣି । ଏହି ଉତ୍ସବରେ ସବୁ ସମ୍ପ୍ରଦାୟ, ସବୁ ବର୍ଗ, ସବୁ ଜାତି ଓ ସବୁ ସ୍ତରର ବାଲେଶ୍ୱରବାସୀ ସାମିଲ ହୋଇ ଭାରତର ଏକ ଅନନ୍ୟ ପର୍ବ ଭାବେ ପ୍ରତିଷ୍ଠିତ କରିବା ପାଇଁ ବଦ୍ଧ୍ୟପରିକାର । ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ପଞ୍ଜିକାନୁଯାୟୀ ପବିତ୍ର ହୋଲି ପୂର୍ଣ୍ଣୀମା ଅବସରରେ ବର-କନିଆ ଜଉକଣ୍ଢେଇର ନାମ ପଶ୍ଚିମ ଓଡିଶାର ସମଲେଇ ଓ ଶମ୍ଭୁନାଥ ଘୋଷଣା କରାଯାଇଥିବା ବେଳେ ପବିତ୍ର ରାମନବମୀରେ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହୋଇଛି । ବାଲେଶ୍ୱର ସହର ଉପକଣ୍ଠ ରେମୁଣା ଗୋଲେଇ ନିକଟସ୍ଥ କୋଶମ୍ଭ ନଗରର ଦୁବଲାଗଡରେ ଜଉକଣ୍ଢେଇ ବାହାଘର ଉତ୍ସବ କମିଟି ଦ୍ୱାରା ଆୟୋଜିତ ସମଲେଇ ଓ ଶମ୍ଭୁନାଥ ଜଉକଣ୍ଢେଇର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ଆନୁଷ୍ଠାନିକ ଭାବେ ଉଦଘାଟକ ଭାବେ ତ୍ରିବେଣୀଶ୍ୱର ଭାଗବତ ପୀଠର ମଠାଧୀଶ ଦୟାନନ୍ଦ ଦାସ ମହାରାଜ ଉଦଘାଟନ କରି ଜଉକଣ୍ଢେଇ ବାଲେଶ୍ୱରର ବହୁ ପୁରାତନ କଳା ସଂସ୍କୃତି ବୋଲି ମତ ପ୍ରଦାନ କରିଥିବା ବେଳେ ବୈଦିକ ଯୁଗରୁ ବାଲେଶ୍ୱର ଓ କଣ୍ଢେଇ ବିଷୟରେ ବର୍ଣ୍ଣନା କରିଥିଲେ । ଅମୃତବେଳାରେ ବୁଢାବଳଙ୍ଗ, ଗଙ୍ଗାହାର ଓ ସୋଣ ନଦୀର ସଂଗମସ୍ଥଳ ତ୍ରିବେଣୀ ଘାଟରୁ ଯଥା ବିଧି ପୂଜାପାଠ କରାଯାଇ ନିରଞ୍ଜନ ଗିରିଙ୍କ ତତ୍ୱାବଧାନରେ ସମଲେଇ ଓ ଶମ୍ଭୁନାଥ ଜଉକଣ୍ଢେଇ ନିର୍ମାଣ ପାଇଁ ଶୁଦ୍ଧପୁତ ଭାବେ ମାଟି ଓ ଜଳ ନେଇ ଦୁବଲାଗଡରେ ପହଂଚିଥିଲେ । ଜଉକଣ୍ଢେଇ ବାହାଘରର ଆବାହକ ଶିଳ୍ପୀ କେଶୁଦାସ ମଂଚ ଆହ୍ୱାନ କରିଥିବା ସହ ପ୍ରାକ ସୂଚନା ପ୍ରଦାନ କରିଥିବା ବେଳେ ଜଉକଣ୍ଢେଇ ବାହାଘର ଉତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ରନାଥ ପାତ୍ର ପୌରହିତ୍ୱ କରିଥିଲେ । ବାବାଜୀ ଦୟାନନ୍ଦ ଦାସ ଗୁପ୍ତ ପ୍ରୟାଗ ତ୍ରିବେଣୀ ତୀର୍ଥର ପବିତ୍ର ମାଟି ଓ ପାଣିକୁ ପୂଜା କରିବା ପରେ ଜଉକଣ୍ଢେଇ ଶିଳ୍ପୀଗୁରୁ କନକଲତା ଦାସଙ୍କ ନେତୃତ୍ୱରେ ସାଥୀ ଶିଳ୍ପୀ ସୁରେଖା ବେହେରା, ରାଧାମଣୀ ସାହୁ, ମାୟା ନାୟକ, ସୁକାନ୍ତି ସାହୁ, ପୁଷ୍ପିତା କରଣ, କବିତା ଦେ, ଫୁଲମଣୀ ସରେନ, ଭାନୁମତି ସାହୁ, ରଜନୀ ସାହୁ ଉକ୍ତ ମାଟି ଓ ପାଣିରେ ଜଉକଣ୍ଢେଇ ଗଢିବା ଆରମ୍ଭ କରିଥିଲେ । ମୁଖ୍ୟ ଅତିଥି ଭାବେ ନୂଆ ବାଲେଶ୍ୱର ଉନ୍ନୟନ କମିଟିର ସଭାପତି ଭଗବାନଦାସ ଖଣ୍ଡେଲୱାଲ ଯୋଗ ଦେଇଥବା ବେଳେ ବ୍ରହ୍ମନାଥ ରଥ, ବ୍ୟୋମନାଥ ରଥ ପ୍ରମୁଖ କମିଟିର କର୍ମକର୍ତ୍ତା ଯୋଗଦେଇଥିଲେ ।

## 'ଫ୍ୟୁଚର ବାଲେଶ୍ୱର'ପକ୍ଷରୁ କରୋନା ସଚେତନତା ଓ ମାସ୍କ ବଣ୍ଟନ




ବାଲେଶ୍ୱର,୨୧/୦୪ (ନି.ପ୍ର): କରୋନା ସଂକ୍ରମଣର ଦ୍ୱିତୀୟ ଲହରୀ ଯୋଗୁଁ ସାଧାରଣରେ ଭୟାବୟତାକୁ ଦୃଷ୍ଟିରେ ରଖି ବାଲେଶ୍ୱର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଫ୍ୟୁଚର ବାଲେଶ୍ୱର ପକ୍ଷରୁ ରେମୁଣା ବ୍ଲକ ତେନ୍ତୁଳଦା ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ ସହ ମାସ୍କ ବଂଟନ କରାଯାଇଛି । ଏନେଇ ସ୍ଥାନୀୟ ପୁରୁଖି ବାସନ୍ତି ପୂଜା ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଗଠନର ସଭାପତି ଆଇନଜୀବୀ ବିଜୟ କୁମାର ପାଣିଗ୍ରାହି, ସାଧାରଣ ସମ୍ପାଦକ ଦୁକୁଲ ଚନ୍ଦ୍ର ଘଡେଇ, କାର୍ଯ୍ୟକାରୀ ସଭାପତି ଭବାନୀ ଶଙ୍କର ପଣ୍ଡା, ଉପଦେଷ୍ଟା ଅନ୍ତର୍ଯ୍ୟାମୀ ପଣ୍ଡା, ଯୁଗ୍ମ ସମ୍ପାଦିକା ସଂଯୁକ୍ତାରାଣୀ ବେହେରା ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କୁ କରୋନା ସଂକ୍ରମଣର ଭୟାଭୟତା ଓ ସେଥିରୁ ରକ୍ଷା ପାଇବାର ବିଭିନ୍ନ ସତର୍କତା ଉପାୟ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥିଲେ । ବିଶେଷ କରି ବାହାରକୁ ନ ବାହାରିବା, ସାମାଜିକ ଦୂରତା ରକ୍ଷା କରିବା, ସବୁବେଳେ ମାସ୍କ ଓ ସାନିଟାଇଜର ବ୍ୟବହାର କରିବା ଉପରେ ସେମାନେ ଲୋକଙ୍କୁ ବୁଝାଇଥିଲେ । ସରକାରଙ୍କ ପକ୍ଷରୁ ଲାଗୁ ହୋଇଥିବା କୋଭିଡ ନିୟମ ପାଳନ ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ସଂଗଠନ ପକ୍ଷରୁ ଜନସାଧାରଣଙ୍କୁ ମାସ୍କ ପ୍ରଦାନ କରାଯାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo